NITIDIN
ନିତିଦିନ
12 PAGES • ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
RNI REG. NO. ODIODI/2015/62237 • POSTAL REGD. NO.BN/258/18-20
WEDNESDAY 2 OCTOBER 2024 ବୁଧବାର ୨ ଅକ୍ଟୋବର ୨୦୨୪
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 • ISSUE 136 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୦ • ସଂଖ୍ୟା ୧୩୬ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

# ଇସ୍ରାଏଲ୍ ଉପରେ ଇରାନ୍‌ର କ୍ଷେପଣାସ୍ତ୍ର ବର୍ଷା

**ତେହରାନ୍, ଜେରୁଜେଲମ୍, ୧।୧୦/ଏଜେନ୍ସି:**

ଯାହା ଅନୁମାନ କରାଯାଉଥିଲା ତାହା ହିଁ ହୋଇଛି। ହିଜବୁଲ୍ଲା ଉଗ୍ରବାଦୀ ସଂଗଠନର ମୁଖ୍ୟ ହସନ୍ ନସରଲ୍ଲାଙ୍କ ହତ୍ୟାର ପ୍ରତିଶୋଧ ନେବାକୁ ଏବେ ନିଜେ ସାମ୍ନାକୁ ଆସିଛି ଇରାନ୍। ରିପୋର୍ଟ ଅନୁସାରେ ଇରାନ୍ ସେନା, ମଙ୍ଗଳବାର ରାତିରେ ଇସ୍ରାଏଲ ଉପରେ ଭୟଙ୍କର ମିସାଇଲ୍ ଆକ୍ରମଣ କରିଛି। ଏକକାଳୀନ ୪୦୦ରୁ ଊର୍ଦ୍ଧ୍ୱ ମିସାଇଲ୍‌କୁ ଇସ୍ରାଏଲ୍ ମାଟିରେ ମାଡ଼ କରିଛି ଇରାନ୍। ଏଥିରେ ଇସ୍ରାଏଲ୍ ପକ୍ଷରୁ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ସଠିକ୍ ସୂଚନା ମିଳିନଥିଲେ ମଧ୍ୟ ଆକ୍ରମଣ ଅଞ୍ଚଳରେ ସାଇରନ୍ ବଜାଇ ସ୍ଥାନୀୟ ନାଗରିକଙ୍କୁ ବୋମା ନିରୋଧୀ ସେଲ୍ଟର (ଆଶ୍ରୟ ସ୍ଥଳ)କୁ ଚାଲିଯିବା ପାଇଁ ଇସ୍ରାଏଲ୍ ସେନା ନିର୍ଦ୍ଦେଶ ଜାରି ସହ ସାଧାରଣ ନାଗରିକଙ୍କୁ ଯଥାଶୀଘ୍ର ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ ମଧ୍ୟ ଇସ୍ରାଏଲ୍ ସେନା ଅନୁରୋଧ କରିଥିବା ସୂଚନା ମିଳିଛି। ପ୍ରକାଶ, ଜାତିସଂଘରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଇରାନକୁ ଖୋଲା ଧମକ ଦେଇଥିଲେ। ଏବେ ଇସ୍ରାଏଲ ଉପରେ ସିଧା ହମଲା କରିବାକୁ ଇରାନ ପ୍ରସ୍ତୁତି ଆରମ୍ଭ କରିଦେଇଛି।







## ଭୟଙ୍କର ପରିଣାମ ଭୋଗିବ ଇରାନ୍: ଆମେରିକା

ଉଭୟ ହମାସ୍ ଏବଂ ହିଜବୁଲ୍ଲା ପ୍ରତି ଇରାନ୍ ସରକାରଙ୍କ ସମର୍ଥନ ରହିଥିବା ସମଗ୍ର ବିଶ୍ୱ ବେଶ୍ ଭଲଭାବେ ଅବଗତ ରହିଛି। ପାଲେଷ୍ଟାଇନ୍‌କୁ ସମର୍ଥନ ଆଳରେ ଇସ୍ରାଏଲ ବିରୋଧୀ କାର୍ଯ୍ୟକ୍ରମକୁ ଇରାନ୍ ସରକାର ସମର୍ଥନ ତଥା ସହଯୋଗ କରିଆସୁଛନ୍ତି। ଏସବୁ ସତ୍ତ୍ୱେ ଇରାନ୍, ଆଜି ପର୍ଯ୍ୟନ୍ତ ଇସ୍ରାଏଲ୍ ବିରୋଧରେ ପ୍ରତ୍ୟକ୍ଷ ଯୁଦ୍ଧକୁ ଓହ୍ଲାଇନଥିଲା। କିନ୍ତୁ ଏବେ ଇରାନ୍ ପକ୍ଷରୁ ପ୍ରତ୍ୟକ୍ଷ ଭାବେ ଇସ୍ରାଏଲ୍ ଉପରେ ଆକ୍ରମଣ କରାଯିବା ମଧ୍ୟପ୍ରାଚ୍ୟରେ ଏକ ଭୟଙ୍କର ଯୁଦ୍ଧର ଆରମ୍ଭ ହୋଇଯାଇଛି ବୋଲି ଅନେକ ମତପୋଷଣ କରିଛନ୍ତି। କାରଣ ଇସ୍ରାଏଲ ମଧ୍ୟ ଏବେ ଆମେରିକା ସମର୍ଥନ ପାଇ ଇରାନ୍ ଉପରେ ପାଲଟା ଆକ୍ରମଣ କରିବା ନିଶ୍ଚିତ ହୋଇଯାଇଛି। ଇରାନ୍ ପକ୍ଷରୁ ଆଜି କରାଯାଇଥିବା ମିସାଇଲ ଆକ୍ରମଣ, ଇସ୍ରାଏଲ୍‌କୁ ଅଧିକ ଆକ୍ରମଣାତ୍ମକ କରିଦେବ ବୋଲି ଅନୁମାନ କରାଯାଉଛି।

▶▶ ୭

ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ମାମଲା

## ଆସାମୀଙ୍କୁ ଫାଶୀ ଦଣ୍ଡାଦେଶ

**ସମ୍ବଲପୁର, ୧।୧୦/ଏନ୍‌ଏନ୍‌ଏସ୍:** ଏକ ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲାର ବିଚାର କରି ସମ୍ବଲପୁରର ସ୍ୱତନ୍ତ୍ର ପକ୍ସୋ କୋର୍ଟ ଦୋଷୀ ପ୍ରଶାନ୍ତ ବଘରାଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ତା' ସହିତ କୋର୍ଟ ତାଙ୍କ ଉପରେ ୧ ଲକ୍ଷ ଟଙ୍କା ଜୋରିମାନା ପକାଇଛନ୍ତି। ୨୦୨୨ ମସିହା ମାର୍ଚ୍ଚ ମାସରେ ସମ୍ବଲପୁର ଜିଲ୍ଲା ଯମନକିରା ଥାନା ଅଞ୍ଚଳରେ ଏକ ଗାଁରେ ଘଟିଥିଲା ଏହି ଜଘନ୍ୟ ଘଟଣା।

▶▶ ୭

ଆଜି ଦିଲ୍ଲୀ ଯିବେ ମୁଖ୍ୟମନ୍ତ୍ରୀ

## 'ଆମ୍ବାସଡରସ୍ ମିଟ୍'ରେ ଯୋଗଦେବେ

**ଭୁବନେଶ୍ୱର, ୧।୧୦/ଏନ୍‌ଏନ୍‌ଏସ୍ :**





ଆସନ୍ତାକାଲିଠୁ ୨ ଦିନିଆ ଦିଲ୍ଲୀ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆସନ୍ତାବର୍ଷ ଜାନୁଆରି ୨୮ ଓ ୨୯ ତାରିଖରେ 'ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୫' ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ତେଣୁ ଏହି କନକ୍ଲେଭ୍ ୨୦୨୫'ର ପ୍ରାକ୍ ପ୍ରସ୍ତୁତି ପାଇଁ ଦିଲ୍ଲୀ ଯାଉଛନ୍ତି ମୁଖ୍ୟମନ୍ତ୍ରୀ। ସେ ଦିଲ୍ଲୀରେ ନିବେଶକ ସମ୍ମିଳନୀରେ ଯୋଗଦେବେ। ଆସନ୍ତା ୩ ତାରିଖରେ ହୋଟେଲ ତାଜରେ ଏହି ନିବେଶକ ସମ୍ମିଳନୀ ଅନୁଷ୍ଠିତ ହେବ। ତାଙ୍କ ସହ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ମୁଖ୍ୟ ସଚିବ, ଶିଳ୍ପ ବିଭାଗର ବରିଷ୍ଠ ପଦାଧିକାରୀମାନେ ଦିଲ୍ଲୀ ଯାଉଛନ୍ତି ।

▶▶ ୭








# ହସ୍ପିଟାଲ୍‌ରେ ରଜନୀକାନ୍ତ

**ଚେନ୍ନାଇ, ୧।୧୦/ଏଜେନ୍ସି:** ସାଉଥ ସୁପରଷ୍ଟାର ରଜନୀକାନ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପେଟରେ ଯନ୍ତ୍ରଣା ଅନୁଭବ ହେବାରୁ ତାଙ୍କୁ ସୋମବାର ବିଳମ୍ବିତ ରାତିରେ ତାଙ୍କୁ ଚେନ୍ନାଇର ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି। ତେବେ ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ହସ୍ପିଟାଲ ପକ୍ଷରୁ ସୂଚନା ମିଳିଛି। ରଜନୀକାନ୍ତ ଅସୁସ୍ଥ ହେବା ଖବର ସାମ୍ନାକୁ ଆସିବା ପରେ ସାମାଜିକ ଗଣମାଧ୍ୟମରେ ପ୍ରଶଂସକ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୀଘ୍ର ଆରୋଗ୍ୟ ହେବା ପାଇଁ କାମନା କରିଛନ୍ତି। ପ୍ରକାଶ, ରଜନୀକାନ୍ତ ନିକଟରେ ୨ଟି ବଡ ଫିଲ୍ମରେ କାମ କରୁଛନ୍ତି। ଲୋକେଶ କଙ୍ଗରାଜଙ୍କ ଫିଲ୍ମ 'କୁଲି'। ଜୁଲାଇରେ ହାଇଦ୍ରାବାଦରେ ଏହି ଫିଲ୍ମର ସୁଟିଂ ଆରମ୍ଭ ହୋଇଥିଲା। ରଜନୀକାନ୍ତଙ୍କ ତାମିଲି ଫିଲ୍ମ 'ଭେଟିୟାନ' ୧୦ ଅକ୍ଟୋବରରେ ରିଲିଜ୍ ହେବାକୁ ଯାଉଛି। ରଜନୀକାନ୍ତ ଫିଲ୍ମର ସୁଟିଂ ପରେ କିଛି ଦିନ ପୂର୍ବରୁ ଚେନ୍ନାଇ ଫେରି ଆସିଥିଲେ। ରଜନୀକାନ୍ତ ତାଙ୍କ କ୍ୟାରିୟରରେ ଅନେକ ହିଟ୍ ଚଳଚ୍ଚିତ୍ର ଦେଇଛନ୍ତି ଏବଂ ଆଜିପର୍ଯ୍ୟନ୍ତ ତାଙ୍କର ହିରୋ ଭାବମୂର୍ତ୍ତି କମ୍ ହୋଇନାହିଁ । ତାଙ୍କର ଅଭିନୟ, ସଂଳାପ ଏବଂ ଶୈଳୀ ତାଙ୍କୁ ଏକ ଭିନ୍ନ ପରିଚୟ ଦେଇଛି। ଦକ୍ଷିଣ ତଥା ବଲିଉଡରେ ମଧ୍ୟ ରଜନୀକାନ୍ତଙ୍କ ପ୍ରଶଂସକ ତାଲିକା ଖୁବ୍ ଲମ୍ବା ରହିଛି।



# ଜଳିଗଲା ସ୍କୁଲ ବସ୍, ୨୫ ଛାତ୍ରଛାତ୍ରୀ ଜୀବନ୍ତ ଦଗ୍ଧ



**ବ୍ୟାଙ୍କକ୍, ୧।୧୦/ଏଜେନ୍ସି:** ଥାଇଲାଣ୍ଡର ବ୍ୟାଙ୍କକ୍ ସହରରେ ଏକ ଭୟଙ୍କର ବସ୍ ଦୁର୍ଘଟଣାରେ ୨୫ ସ୍କୁଲ ଛାତ୍ରଛାତ୍ରୀଙ୍କ ପ୍ରାଣହାନୀ ହୋଇଥିବା ଭଳି ଅଭାବନୀୟ ଘଟଣା ସମ୍ପର୍କରେ ସୂଚନା ମିଳିଛି। ସ୍କୁଲ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କୁ ନେଇ ଯାଉଥିବା ଏକ ବସ୍‌ରେ କୌଣସି କାରଣ ବଶତଃ ନିଆଁ ଲାଗିଯାଇଥିଲା। ଅନ୍ୟମାନେ ବସ୍ ଭିତରୁ ବାହାରିଯିବାରେ ସଫଳ ହୋଇଥିଲେ ମଧ୍ୟ ୧୫ଜଣ ସ୍କୁଲ ପିଲା ବସ୍ ଭିତରେ ହିଁ ରହିଯାଇଥିଲେ। ଥାଇଲାଣ୍ଡ୍ ପରିବହନ ମନ୍ତ୍ରୀ ସୂଚନା ଦେଇ କହିଛନ୍ତି ଯେ, ବସ୍‌ଟି କେନ୍ଦ୍ରୀୟ ଉଥାଇ ଥାନି ପ୍ରଦେଶରୁ ୪୪ ଜଣ ଯାତ୍ରୀ (ଛାତ୍ରଛାତ୍ରୀ ଓ ଶିକ୍ଷକ)ଙ୍କୁ ନେଇ ବ୍ୟାଙ୍କକ୍ ଅଭିମୁଖେ ଯାଉଥିବା ବେଳେ ମଧ୍ୟାହ୍ନରେ ରାଜଧାନୀର ଉତ୍ତର ଉପକଣ୍ଠ ପଥୁମ୍ ଥାନି ପ୍ରଦେଶରେ ନିଆଁ ଲାଗିଯାଇଥିଲା। ଅନ୍ୟପକ୍ଷେ ଆଭ୍ୟନ୍ତରୀଣ ମନ୍ତ୍ରୀ ଅନୁତିନ ଚେରନର୍ଭିରାକୁଲ କହିଛନ୍ତି ଯେ, ଘଟଣାସ୍ଥଳରେ ତଦନ୍ତ ଶେଷ ହୋଇନଥିବାରୁ କର୍ତ୍ତୃପକ୍ଷ ମୃତକଙ୍କ ସଂଖ୍ୟା ଏପର୍ଯ୍ୟନ୍ତ ନିଶ୍ଚିତ କରିପାରିନାହାନ୍ତି, କିନ୍ତୁ ବଞ୍ଚିଥିବା ଲୋକଙ୍କ ସଂଖ୍ୟାକୁ ଆଧାର କରି ୨୫ ଜଣଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ତେବେ ବସ୍‌ରୁ ବାହାରି ଆସିଥିବା ପିଲାମାନଙ୍କ ମଧ୍ୟରୁ କେତେକ ଆହତ ହୋଇଥିବା ବେଳେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଥିବା ଜଣେ ଉଦ୍ଧାରକାରୀ କହିଛନ୍ତି ଯେ ଟାୟାର ଫାଟିବା ପରେ ବସ୍‌ଟି ନିୟନ୍ତ୍ରଣ ହରାଇ ରାସ୍ତାର ଡିଭାଇଡରରେ ଜୋରଦାର ଧକ୍କା ଦେଇଥିଲା, ଫଳରେ ସେଥିରେ ନିଆଁ ଲାଗିଯାଇଥିଲା। ସରକାରୀ ତଦନ୍ତ ରିପୋର୍ଟ ଆସିବା ପରେ ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ିବ।

# ପୁଣି ବଢ଼ିଲା କମର୍ସିଆଲ୍ ଗ୍ୟାସ ମୂଲ୍ୟ

**ନୂଆଦିଲ୍ଲୀ, ୧।୧୦/ଏଜେନ୍ସି:** ପାର୍ବଣ ସମୟରେ ଗ୍ରାହକଙ୍କୁ ବଡ଼ ମହଙ୍ଗା ଝଟ୍‌କା ଦେଇଛନ୍ତି କେନ୍ଦ୍ର ସରକାର। ଅକ୍ଟୋବର ମାସ ପହିଲାରୁ କମର୍ସିଆଲ୍ ଗ୍ୟାସ୍ ସିଲିଣ୍ଡର ମୂଲ୍ୟରେ ବୃଦ୍ଧି କରିଛନ୍ତି ସରକାର। ୧୯ କେଜି ସିଲିଣ୍ଡର ମୂଲ୍ୟରେ ୪୮.୫୦ ଟଙ୍କା ବୃଦ୍ଧି କରାଯାଇଛି। ତେବେ ଘରୋଇ ଗ୍ୟାସ୍ ସିଲିଣ୍ଡର ମୂଲ୍ୟରେ ସରକାର କୌଣସି ପରିବର୍ତ୍ତନ କରିନଥିବାରୁ ଏହା ସାଧାରଣ ଲୋକଙ୍କୁ ଆଶ୍ୱସ୍ତ କରିଛି। ଅନ୍ୟପକ୍ଷେ କମର୍ସିଆଲ ସିଲିଣ୍ଡର ମୂଲ୍ୟ ବୃଦ୍ଧି ଯୋଗୁ ହୋଟେଲ,ରେଷ୍ଟୁରାଣ୍ଟରେ ଖାଇବା ମହଙ୍ଗା ହେବା ନିଶ୍ଚିତ ହୋଇଯାଇଛି। ଇଣ୍ଡିଆନ୍ ଅଏଲ୍‌ର ଅଫିସିଆଲ୍ ୱେବସାଇଟ୍ ଅନୁଯାୟୀ, ଏହି ବର୍ଦ୍ଧିତ ଦର ଲାଗୁ ହେବା ପରେ ବର୍ତ୍ତମାନ ଦିଲ୍ଲୀରେ ୧୯ କିଲୋଗ୍ରାମ ଏଲପିଜି ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ୧୭୪୦ ଟଙ୍କାରେ ପହଞ୍ଚିଛି। ସେହିପରି ମୁମ୍ବାଇରେ କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ପିଛା ଦର ୧୬୯୨.୫୦ ଟଙ୍କା, କୋଲକାତାରେ ୧୮୫୦.୫୦ ଟଙ୍କା ଏବଂ ଚେନ୍ନାଇରେ ୧୯୩୦ ଟଙ୍କାରେ ଏଣିକି ଉପଲବ୍ଧ ହେବ। ଆଜିଠାରୁ ଦେଶରେ ଏହି ବର୍ଦ୍ଧିତ ଦର ଲାଗୁ ହୋଇଛି। ପ୍ରକାଶ, ପ୍ରତି ମାସର ପହିଲାରେ ଗ୍ୟାସ୍ ସିଲିଣ୍ଡର ମୂଲ୍ୟରେ ପରିବର୍ତ୍ତନ ହୋଇଥାଏ। ଏହାପୂର୍ବରୁ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ୧୯ କିଲୋଗ୍ରାମ ଏଲପିଜି ସିଲିଣ୍ଡରର ଦର ପ୍ରାୟ ୩୯ ଟଙ୍କା ବୃଦ୍ଧି ପାଇଥିଲା। ସେହିପରି ଅଗଷ୍ଟ ମାସରେ ୮ରୁ ୯ ଟଙ୍କା ବୃଦ୍ଧି ପାଇଥିଲା। ତେବେ ଘରୋଇ ଏଲପିଜି ଗ୍ୟାସ ସିଲିଣ୍ଡର ମୂଲ୍ୟରେ କମ୍ପାନୀଗୁଡ଼ିକ କୌଣସି ପରିବର୍ତ୍ତନ କରିନାହାଁନ୍ତି। ପୂର୍ବ ପରି ଏହା ୮୩୦ ଟଙ୍କାରେ ଉପଲବ୍ଧ ହେବ।

**ବୁଲଡୋଜର କାର୍ଯ୍ୟାନୁଷ୍ଠାନ ଉପରେ ସୁପ୍ରିମକୋର୍ଟଙ୍କ ବଡ଼ ରାୟ**

# 'ଉଚ୍ଛେଦ' ହେବ ସର୍ବସାଧାରଣ ସ୍ଥାନରେ ଥିବା ଧାର୍ମିକ ପୀଠ

**ନୂଆଦିଲ୍ଲୀ,୧।୧୦/ଏଜେନ୍ସି:** ବୁଲଡୋଜର କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧୀୟ ଆବେଦନର ଶୁଣାଣି କରି ମଙ୍ଗଳବାର ଏକ ବଡ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ଦେଶର ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ, ଭାରତ ଏକ ଧର୍ମନିରପେକ୍ଷ ଦେଶ। ଧର୍ମ କିମ୍ବା ସମ୍ପ୍ରଦାୟ ନିର୍ବିଶେଷରେ ଆମେ ନିର୍ଦ୍ଦେଶନାମା ଜାରି କରୁଛୁ। ଏଠାରେ ଲୋକଙ୍କ ସୁରକ୍ଷା ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ସର୍ବସାଧାରଣ ସ୍ଥାନ, ରାସ୍ତା, ରେଳ ଟ୍ରାକ୍ ଭଳି ସ୍ଥାନରେ ମନ୍ଦିର, ମସଜିଦ, ଦରଘା, ଚର୍ଚ୍ଚ, ଗୁରୁଦ୍ୱାରା କିମ୍ବା ଅନ୍ୟ କୌଣସି ଧାର୍ମିକ ପୀଠ ଥିଲେ ଏସବୁ ଉଚ୍ଛେଦ ହେବା ଆବଶ୍ୟକ। ସର୍ବସାଧାରଣ ସ୍ଥାନକୁ କବ୍‌ଜା କରି ଏଠାରେ ଗଢ଼ାଯାଇଥିବା ଏସବୁ ଧାର୍ମିକ ପୀଠଗୁଡ଼ିକର ଉଚ୍ଛେଦ ପ୍ରସଙ୍ଗରେ ନିର୍ଦ୍ଦେଶ ଦେବା ପରିପ୍ରେକ୍ଷୀରେ ଏପରି କହିଛନ୍ତି ସୁପ୍ରିମକୋର୍ଟ। ସୁପ୍ରିମକୋର୍ଟ ନିଜ ରାୟରେ ଧାର୍ମିକ ପୀଠ ଜନସାଧାରଣଙ୍କ କାର୍ଯ୍ୟରେ ବାଧା ଦେଇପାରିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏଥିସହ ଆଜି ଶୁଣାଣି ପରେ ସୁପ୍ରିମକୋର୍ଟ ନିର୍ଦ୍ଦେଶନାମା ଜାରି କରି ଏହାର ଚୂଡାନ୍ତ ରାୟକୁ ସଂରକ୍ଷିତ ରଖିଛନ୍ତି। ଅନ୍ୟପକ୍ଷେ ଗତ ସେପ୍ଟେମ୍ବର ୧୭ରେ ସୁପ୍ରିମକୋର୍ଟ ଦେଇଥିବା ଆଦେଶ, ଚୂଡ଼ାନ୍ତ ନିଷ୍ପତ୍ତି ଆସିବା ପର୍ଯ୍ୟନ୍ତ ଜାରି ରହିବ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ୧୭ ତାରିଖର ଶୁଣାଣି ସମୟରେ ସୁପ୍ରିମକୋର୍ଟ ଆଦେଶ ଦେଇ କହିଥିଲେ ଯେ, ସାରା ଦେଶରେ ବୁଲଡୋଜର କାର୍ଯ୍ୟ ଉପରେ ପ୍ରତିବନ୍ଧକ ଲାଗୁ ରହିବ।



ବିଭିନ୍ନ କାରଣରୁ ଉତ୍ତରପ୍ରଦେଶ ତଥା ଅନ୍ୟାନ୍ୟ ରାଜ୍ୟରେ ବୁଲ୍‌ଡୋଜର ଆକ୍ସନ ନିଆଯାଇଛି। ଏହା ବିରୋଧରେ ଜମିୟତ୍ ଉଲେମା-ଇ-ହିନ୍ଦ୍ ନାମକ ଜଣେ ବ୍ୟକ୍ତି ସୁପ୍ରିମକୋର୍ଟରେ ଏକ ଆବେଦନ କରିଥିଲେ। ସେପ୍ଟେମ୍ବର ୧୭ରେ ଏହି ମାମଲାର ଶୁଣାଣି ହୋଇଥିବା ବେଳେ ଅକ୍ଟୋବର ୧ରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବୁଲଡୋଜର ଆକ୍ସନ ଉପରେ ରୋକ୍ ଲଗାଇଥିଲେ ସୁପ୍ରିମକୋର୍ଟ। ତେବେ ମଙ୍ଗଳବାର ଜଷ୍ଟିସ୍ ବି.ଆର ଗବାଇ ଏବଂ ଜଷ୍ଟିସ କେ.ଭି ବିଶ୍ୱନାଥଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବା ସହ ଉପରୋକ୍ତ ରାୟ ଶୁଣାଇଛନ୍ତି। ଖଣ୍ଡପୀଠ ଉଭୟ ପକ୍ଷ ଅର୍ଥାତ୍ ଆବେଦନକାରୀ ଏବଂ ଆବେଦନକୁ କାଉଣ୍ଟର କରୁଥିବା ସରକାରଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ, ସର୍ବପ୍ରଥମେ ଆମକୁ ବୁଝିବାକୁ ହେବ ଯେ ଅପରାଧରେ ଦୋଷୀ ସାବ୍ୟସ୍ତ ହେବା କଦାପି ତା'ର ପୈତୃକ ଘର ଭାଙ୍ଗିବା ପାଇଁ ଆଧାର ହୋଇପାରିବ ନାହିଁ। ଏହାକୁ 'ବୁଲଡୋଜର ଜଷ୍ଟିସ' କୁହାଯାଉଛି, କିନ୍ତୁ ଏହା କଦାପି ନ୍ୟାୟସଂଗତ ନୁହେଁ। ବ୍ୟକ୍ତିଗତ ସ୍ଥାନରେ କଦାପି ବୁଲଡୋଜର ଆକ୍ସନ ହୋଇପାରିବ ନାହିଁ। ସିଧାଅର୍ଥରେ କହିଲେ ଯଦି କୌଣସି ବ୍ୟକ୍ତି, ସେ ଅଭିଯୁକ୍ତ ହୁଅନ୍ତୁ ଅବା ଦୋଷୀ ତାଙ୍କ ଘର କିମ୍ବା ବ୍ୟକ୍ତିଗତ ସଂସ୍ଥା ଉପରେ ବୁଲଡୋଜର ଆକ୍ସନ ନିଆଯାଇ ପାରିବନାହିଁ। ଏନେଇ ସୁପ୍ରିମକୋର୍ଟଙ୍କ ପକ୍ଷରୁ ଏକ ଗାଇଡଲାଇନ ଜାରି କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି।

ଖଣ୍ଡପୀଠଙ୍କ ଅନୁସାରେ ଅନଧିକୃତ ନିର୍ମାଣ ପାଇଁ ଏକ ନିୟମ ରହିବା ଉଚିତ, ଏହା ଧର୍ମ କିମ୍ବା ବିଶ୍ୱାସ ଉପରେ ନିର୍ଭର କରେ ନାହିଁ। ଏକ ଅନଲାଇନ୍ ପୋର୍ଟାଲ୍ ରହିବା ଉଚିତ୍। ସୂଚନା ଡିଜିଟାଲ୍ ହେବା ପରେ ଏକ ରେକର୍ଡ ମଧ୍ୟ ରଖାଯିବ। ସୂଚନାଯୋଗ୍ୟ, ଏହି ବିବାଦ ୨୦୨୨ମସିହାରୁ ଚାଲିଆସୁଛି, କିନ୍ତୁ ଅଗଷ୍ଟ ୨୦୨୪ ରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ ନେଇ ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଛି। ଏହି କାରଣରୁ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନର ଅନେକ ସଂଗଠନ ସେମାନଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟକୁ ଦର୍ଶାଇ ନ୍ୟାୟ ପାଇଁ ଆବେଦନ କରିଥିଲେ। ସୁପ୍ରିମକୋର୍ଟ ଏହି ଆବେଦନଗୁଡ଼ିକର ଶୁଣାଣି କରୁଥିଲେ।

# ତିରୁପତି ଲଡୁ ବିବାଦ: ସ୍ଥଗିତ ରହିଲା ଏସ୍‌ଆଇଟି ତଦନ୍ତ

**ତିରୁପତି, ୧।୧୦/ଏଜେନ୍ସି:** ତିରୁପତି ଲଡୁ ବିବାଦରେ ଚାଲିଥିବା ଏସ୍‌ଆଇଟି ତଦନ୍ତକୁ ଆକସ୍ମିକ ଭାବେ ସ୍ଥଗିତ ରଖିଛନ୍ତି ଆନ୍ଧ୍ରପ୍ରଦେଶ ସରକାର। ସୁପ୍ରିମକୋର୍ଟରେ ଏବେ ଏହି ମାମଲାର ଶୁଣାଣି ଚାଲିଥିବା ବେଳେ ଶୁଣାଣି ଶେଷ ପର୍ଯ୍ୟନ୍ତ ଏସ୍‌ଆଇଟି ତଦନ୍ତ ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥଗିତାଦେଶ ଲାଗୁ କରାଯାଇଛି।

ତିରୁପତି ସ୍ୱାମୀ ଭେଙ୍କଟେଶ୍ୱରଙ୍କ ମନ୍ଦିରରେ ପ୍ରସାଦ ରୂପେ ମିଳୁଥିବା 'ଲଡୁ'କୁ ପ୍ରସ୍ତୁତ କରାଯିବା ଦିଗରେ ବ୍ୟବହୃତ ଘିଅରେ ପଶୁ ଚର୍ବି ଏବଂ ମାଛ ତେଲ ମିଶାଯାଉଥିବା ଭଳି ଏକ ସଂଗୀନ ଅଭିଯୋଗ ଅଣାଯିବା ପରେ ଏହାକୁ ନେଇ ଦେଶବ୍ୟାପୀ ତୀବ୍ର ଆଲୋଡନ ସୃଷ୍ଟି ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ୍ ରେଡ୍ଡୀଙ୍କ ସରକାର ସମୟରେ ମନ୍ଦିରରେ ଏପ୍ରକାର ଅପମିଶ୍ରିତ ଭୋଗ ପ୍ରସ୍ତୁତ କରାଯାଉଥିବା ଆନ୍ଧ୍ରପ୍ରଦେଶର ଏବେର ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ଅଭିଯୋଗ କରିଥିଲେ। କେବଳ ସେତିକି ନୁହେଁ ଏହି ମାମଲାରେ ତଦନ୍ତ ପାଇଁ ଏକ ଏସ୍‌ଆଇଟି ଟିମ୍ ଗଠନ କରାଯାଇ ତଦନ୍ତ ଦାୟିତ୍ୱ ମଧ୍ୟ ନ୍ୟସ୍ତ କରିଥିଲେ। ତେବେ ଏହି ମାମଲା ଏବେ ସୁପ୍ରିମକୋର୍ଟରେ ଶୁଣାଣି ଚାଲିଥିବା ବେଳେ ନିକଟରେ ଚନ୍ଦ୍ରବାବୁ ନାଇଡୁ ଗଣମାଧ୍ୟମରେ ଏହି ମାମଲାରେ କିଛି ପ୍ରତିକ୍ରିୟା ଦେଇଥିଲେ। ଏହାକୁ ନେଇ ଦିନକ ପୂର୍ବେ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଥିଲେ ଏବଂ ମାମଲାର ଶୁଣାଣି ଜାରି ରହିଥିବା ବେଳେ ବାହାରେ ପ୍ରତିକ୍ରିୟା ଦେବାର ମାନେ କ'ଣ ବୋଲି ପ୍ରଶ୍ନ କରିଥିଲେ। ଏଥିସହ ଭଗବାନଙ୍କୁ ରାଜନୀତିଠୁ ଦୂରେଇ ରଖିବାକୁ ସୁପ୍ରିମକୋର୍ଟ ଅପିଲ୍ ମଧ୍ୟ କରିଥିଲେ। ସୁପ୍ରିମକୋର୍ଟଙ୍କ ଏପ୍ରକାର ଭର୍ତ୍ସନା ପରେ ଏସ୍‌ଆଇଟି ତଦନ୍ତକୁ ସ୍ଥଗିତ ରଖିଛନ୍ତି ଚନ୍ଦ୍ରବାବୁ ନାଇଡୁଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର।

ପ୍ରକାଶ, ଆସନ୍ତା ୩ରେ ସୁପ୍ରିମକୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି କରିବା ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି। ପ୍ରକାଶ, ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ତଦନ୍ତ କରୁଥିବା ଏସ୍‌ଆଇଟି ଟିମ୍ ନିଜ ତଦନ୍ତ ରିପୋର୍ଟ ଦାଖଲ କରିନାହିଁ।

# ବଢୁଛି ଏଭରେଷ୍ଟ ଉଚ୍ଚତା

**ନୂଆଦିଲ୍ଲୀ, ୧।୧୦/ଏଜେନ୍ସି:** ମାଉଣ୍ଟ ଏଭରେଷ୍ଟର ଉଚ୍ଚତା ଦିନକୁ ଦିନ ବଢ଼ିବାରେ ଲାଗିଛି। ସମୁଦ୍ର ପତ୍ତନଠାରୁ ୮.୮୫ କିଲୋମିଟର ଉଚ୍ଚରେ ଥିବା ପୃଥିବୀର ଏହି ସର୍ବୋଚ୍ଚ ଗିରିଶୃଙ୍ଗର ଉଚ୍ଚତା ବୃଦ୍ଧି ପାଉଥିବା ସମ୍ପର୍କରେ ନେଚର ଜିଓସାଇନ୍ସ ପତ୍ରିକାରେ ଏକ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁସାରେ ଇଣ୍ଡିଆନ ଏବଂ ୟୁରେସିଆନ୍ ଟେକ୍ଟୋନିକ୍ ପ୍ଲେଟ୍‌ଗୁଡିକ ଧକ୍କା ହେବା ଫଳରେ ପ୍ରାୟ ୫ କୋଟି ବର୍ଷ ହେବ ହିମାଳୟର ଉଚ୍ଚତା ବୃଦ୍ଧି ପାଉଛି। ଏହାଦ୍ୱାରା ମାଉଣ୍ଟ ଏଭେରେଷ୍ଟର ମଧ୍ୟ ଉଚ୍ଚତା ଧୀରେ ଧୀରେ ଉପରକୁ ଉଠୁଛି। ତେବେ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଉଚ୍ଚତା ବୃଦ୍ଧି ଦିଗରେ କରାଯାଉଥିବା ଆକଳନ ଠାରୁ ମଧ୍ୟ ଦ୍ରୁତ ଗତିରେ ଏହା ବୃଦ୍ଧି ପାଉଛି।

ଚୀନ୍ ୟୁନିଭର୍ସିଟି ଅଫ୍ ଜିଓ ସାଇନ୍ସର ଜିଓ ସାଇଣ୍ଟିଷ୍ଟ ଜିନ୍-ଜେନ୍ ଡାଏଙ୍କ ନେତୃତ୍ୱରେ ହୋଇଥିବା ଏହି ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଆଞ୍ଚଳିକ ନଦୀ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କାରଣରୁ ଏଭରେଷ୍ଟ ଉଚ୍ଚତାରେ ତ୍ୱରିତ ଅଭିବୃଦ୍ଧି ଘଟୁଛି। ପ୍ରାୟ ୮୯ ହଜାର ବର୍ଷ ପୂର୍ବେ କୋସି ନଦୀ ଏବଂ ଅରୁଣ ନଦୀ ମିଶ୍ରିତ ହୋଇଯିବା ଫଳରେ ଏଭରେଷ୍ଟ ଆନୁମାନିକ ୪୯-୧୬୪ ଫୁଟ (୧୫-୫୦ ମିଟର) ବୃଦ୍ଧି ପାଇଥିଲା। ଏହା ଆଇସୋଷ୍ଟାଟିକ୍ ରିବାଉଣ୍ଡ ନାମକ ଏକ ଭୌଗୋଳିକ ପ୍ରକ୍ରିୟା କାରଣରୁ ହୋଇଥାଏ। ନଦୀଗୁଡ଼ିକର ମିଶ୍ରଣ ହେବା ଦ୍ୱାରା ମାଟି ଏବଂ ପଥର ସ୍ତର ଉପର ଭାଗକୁ ଚାଲିଆସେ। ଫଳରେ ପୃଥିବୀର ଭୂତଳ ଓଜନ କମିଯାଏ। ଏହା ଠିକ୍ ନଦୀରେ ଡଙ୍ଗା ଏବଂ ଜାହାଜ ଭାସିବା ପ୍ରକ୍ରିୟା ପରି ହୋଇଥାଏ। ଅଧ୍ୟୟନରେ ଆକଳନ କରାଯାଇଛି ଯେ, ଏଭରେଷ୍ଟର ଉଚ୍ଚତା ବର୍ଷକୁ ପ୍ରାୟ ୦.୦୧-୦.୦୨ ଇଞ୍ଚ (୦.୨-୦.୫ ମିଲିମିଟର) ବୃଦ୍ଧି ପାଉଛି। ପବନ, ବର୍ଷା ଏବଂ ନଦୀ ପ୍ରବାହ କାରଣରୁ ଭୂପୃଷ୍ଠର କ୍ଷୟକ୍ଷତି କାରଣରୁ ଏପରି ଘଟୁଛି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କି, ଏହାର ପ୍ରଭାବରେ ମାଉଣ୍ଟ ଏଭେରେଷ୍ଟର ପଡ଼ୋଶୀ ପର୍ବତ ଶିଖର ଲୋହଟସେ ଏବଂ ମାକାଲୁର ମଧ୍ୟ ଉଚ୍ଚତା ବୃଦ୍ଧି ପାଉଛି। ଅରୁଣ ନଦୀ ନିକଟରେ ଅବସ୍ଥିତ ମାକାଲୁ, ଏଭରେଷ୍ଟ ତୁଳନାରେ ଅଧିକ ବଢ଼ିଛି। ବୈଜ୍ଞାନିକଙ୍କ ଏହି ଅନୁଧ୍ୟାନ ଦର୍ଶାଉଛି ଯେ, କ୍ରମାଗତ ଭାବରେ ପୃଥିବୀର ପରିବର୍ତ୍ତନ ହେଉଛି। ଭୌଗୋଳିକ ପ୍ରକ୍ରିୟା ଅଦୃଶ୍ୟ ଭାବେ ବଦଳି ଚାଲିଛି।



**କୋଲକାତା ଆରଜି କର ଟ୍ରେନି ଡାକ୍ତରାଣୀ ଦୁଷ୍କର୍ମ ଓ ହତ୍ୟା ଘଟଣା**

# ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇଲେ ଜୁନିଅର ଡାକ୍ତର

**କୋଲକାତା,୧।୧୦/ଏଜେନ୍ସି:** ପଶ୍ଚିମବଙ୍ଗରେ ଜୁନିଅର ଡାକ୍ତରମାନେ ପୁଣି ଥରେ ଧର୍ମଘଟକୁ ଓହ୍ଲାଇଛନ୍ତି। ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ଜଣେ ୩୧ ବର୍ଷୀୟା ଟ୍ରେନି ଡାକ୍ତରାଣୀଙ୍କୁ ହସ୍ପିଟାଲର ସେମିନାର ହଲ୍‌ରେ ହିଁ ଦୁଷ୍କର୍ମ ଓ ହତ୍ୟା କରାଯିବା ଘଟଣାକୁ ନେଇ ପ୍ରାୟ ମାସାଧିକ କାଳ (୪୨ ଦିନ) ରାଜ୍ୟରେ କାର୍ଯ୍ୟରତ ଜୁନିଅର ଡାକ୍ତରମାନେ ଆନ୍ଦୋଳନ ଜାରି ରଖିଥିଲେ। ଏପରିକି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ମଧ୍ୟ ଏମାନେ ଅବମାନନା କରିଥିଲେ ଏବଂ କାର୍ଯ୍ୟକୁ ଫେରିନଥିଲେ। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ଥର ବୁଝାଶୁଝା କରାଯିବା ସହ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେମାନଙ୍କ ସର୍ତ୍ତରେ ରାଜି ହେବା ପରେ ଜୁନିଅର ଡାକ୍ତରମାନେ କାର୍ଯ୍ୟକୁ ଫେରିଥିଲେ। କିନ୍ତୁ ଏହାପୂର୍ବରୁ ସେମାନେ ମୁଖ୍ୟମନ୍ତ୍ରୀ ମମତାଙ୍କ ସହ ଦୀର୍ଘ ସମୟର ଏକ ଆଲୋଚନା ବୈଠକ କରିଥିଲେ। କିନ୍ତୁ ନିକଟରେ କୋଲକାତାର ଅନ୍ୟ ଏକ ସରକାରୀ ହସ୍ପିଟାଲରେ ଜଣେ ଡାକ୍ତରାଣୀଙ୍କୁ ଜଣେ ରୋଗୀଙ୍କ ସମ୍ପର୍କୀୟ ଆକ୍ରମଣ କରିବା ଘଟଣାକୁ ନେଇ ପୁଣିଥରେ ଜୁନିଅର ଡାକ୍ତରମାନେ ତାତିଛନ୍ତି।

ପୂର୍ବ ଆଲୋଚନା ସମୟରେ ଜୁନିଅର ଡାକ୍ତରମାନେ ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ରଖିଥିବା ସର୍ତ୍ତ ମଧ୍ୟରେ ହସ୍ପିଟାଲରେ କାର୍ଯ୍ୟରତ ଡାକ୍ତରଙ୍କୁ ସୁରକ୍ଷା ଯୋଗାଇବା ନିଶ୍ଚିତ କରିବା ଅନ୍ୟତମ ସର୍ତ୍ତ ରହିଥିଲା। ସେହିପରି ହସ୍ପିଟାଲଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଯିବା ନେଇ ମଧ୍ୟ ସର୍ତ୍ତ ରହିଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ଏଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ସେପରି କୌଣସି ତତ୍ପରତା ଦେଖିବାକୁ ମିଳିନାହିଁ। ସୁତରାଂ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇଥିବା ଜୁନିଅର ଡାକ୍ତରମାନେ ହସ୍ପିଟାଲରେ ସେମାନଙ୍କ ପାଇଁ ସୁରକ୍ଷା ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି।

ସୋମବାର ଆରଜି କର ମେଡିକାଲ କଲେଜ୍ ଏବଂ ହସ୍ପିଟାଲରେ ୮ ଘଣ୍ଟିଆ ବୈଠକ ପରେ ପଶ୍ଚିମବଙ୍ଗ ଜୁନିଅର ଡାକ୍ତର ଫ୍ରଣ୍ଟ ଏକ ପ୍ରେସ ବିଜ୍ଞପ୍ତି ଜାରି କରି ଏସମ୍ପର୍କରେ ସୂଚନା ଦେଇଥିଲା। ଏପରିକି ସେମାନେ ଆଜି ଅର୍ଥାତ୍ ମଙ୍ଗଳବାରଠାରୁ କାର୍ଯ୍ୟ ବନ୍ଦ କରିବେ ବୋଲି ମଧ୍ୟ ଚେତାବନୀ ଦେଇଥିଲେ। ଜୁନିଅର ଡାକ୍ତରଙ୍କ କହିବାନୁସାରେ ଯେପର୍ଯ୍ୟନ୍ତ ରୋଗୀ ସେବାରେ ସୁରକ୍ଷା, ଆମକୁ ସୁରକ୍ଷା ନ ମିଳିଛି ସେ ପର୍ଯ୍ୟନ୍ତ ଆମର ଧର୍ମଘଟ ଜାରି ରଖିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ଡାକ୍ତରମାନେ ପୁଣି ଥରେ ବିକ୍ଷୋଭ ତଥା ଆନ୍ଦୋଳନ କରିଥିବା ବେଳେ ସରକାରଙ୍କୁ ପ୍ରଦାନ କରିଥିବା ଦାବିପତ୍ରରେ ୧୦ଟି ଦାବି ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷେ ଜୁନିୟର ଡାକ୍ତରଙ୍କ ସଂପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଯୋଗୁ ଆଜି ରାଜ୍ୟର ପ୍ରାୟ ସମସ୍ତ ହସ୍ପିଟାଲରେ ରୋଗୀ ସେବା ପ୍ରଭାବିତ ହୋଇଛନ୍ତି। ସିନୟର ଡାକ୍ତରମାନଙ୍କୁ ଆରପିଡି, ଓପିଡି ଓ ଜରୁରୀ ସେବା ଯୋଗାଇବା ପାଇଁ ନିୟୋଜିତ କରାଯାଇଛି।





# 'ଗାନ୍ଧିଜୀ ଓ ଶାସ୍ତ୍ରିଜୀ' ଆମ ସ୍ୱାଧୀନତାର ୨ଟି ମହତ୍ତ୍ୱପୂର୍ଣ୍ଣ ସ୍ତମ୍ଭ: ସଞ୍ଜୀବ ଜୁନେଜା

**ଚଣ୍ଡିଗଡ଼, ୧।୧୦/ଏଜେନ୍ସି:** ଅକ୍ଟୋବର ୨ର ଦିନ ଭାରତୀୟ ଇତିହାସରେ ଏକ ବିଶେଷ ମହତ୍ତ୍ୱ ରହିଛି। କାରଣ ଇତିହାସ ପୃଷ୍ଠାରେ ଆଜିର ଏହି ଦିନ ଦେଶର ଦୁଇ ମହାନ ବ୍ୟକ୍ତିତ୍ୱ, ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜନ୍ମଦିନ ଭାବରେ ପାଳନ କରାଯାଇଥାଏ। ଏହି ଅବସରରେ ଏସ୍‌ବିଏସ୍ ଗ୍ରୁପ୍ ଅଫ୍ କମ୍ପାନୀଗୁଡିକର ପ୍ରତିଷ୍ଠାତା ତଥା 'ବ୍ରାଣ୍ଡ୍ ମେସିନ୍' ଭାବରେ ଜଣାଶୁଣା ଡକ୍ଟର ସଞ୍ଜୀବ ଜୁନେଜା କହିଛନ୍ତି ଯେ, ଦେଶ ସ୍ୱାଧୀନତା ହାସଲ କରିବାରେ ମହାତ୍ମା ଗାନ୍ଧୀଙ୍କ ଉଲ୍ଲେଖନୀୟ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ। ଏଥିସହ ପୂର୍ବତନ ଭାରତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ମଧ୍ୟ ତାଙ୍କର ସରଳତା ଏବଂ ନମ୍ରତା ପାଇଁ ସର୍ବଦା ପ୍ରଶଂସିତ ହୋଇଆସୁଛନ୍ତି। ଏହି ଉଲ୍ଲେଖନୀୟ ବ୍ୟକ୍ତିମାନେ ସେମାନଙ୍କର ନମନୀୟ ଜୀବନ ଶୈଳୀ ଏବଂ ଉଚ୍ଚ ମୂଲ୍ୟବୋଧ ସହିତ ଦେଶର ସମ୍ମାନ ବୃଦ୍ଧି କରିଥିଲେ। ସେମାନେ ବିଶ୍ୱକୁ ଦର୍ଶାଇଥିଲେ ଯେ, ସଚ୍ଚୋଟତା ଏବଂ ନମ୍ରତା ତଥା ସକ୍ଷମତା ରକ୍ଷାପୂର୍ବକ ଯେକେହି ବି ନିଶ୍ଚିତ ରୂପେ ସଫଳ ହୋଇପାରିବେ। ମହାତ୍ମା ଗାନ୍ଧୀ ଜଣେ ନେତା ଭାବେ ବିଶ୍ୱରେ ଅହିଂସା' ନୀତିକୁ ଲାଗୁ କରାଇଥିଲେ। ସେ ଜାଣିଥିଲେ ଯେ ମନ୍ଦକୁ ଭଲରେ ପରିଣତ କରିବାରେ ଶବ୍ଦ ପ୍ରୟୋଗର ଶୈଳୀର ଅନେକ ମହତ୍ତ୍ୱ ରହିଛି। ଯେଉଁ କାର୍ଯ୍ୟ ହିଂସା ମାଧ୍ୟମରେ କରାଯାଇପାରିବ ନାହିଁ ତାହା ଆଇନଗତ ନୈତିକ ମୂଲ୍ୟବୋଧ ଏବଂ ନୈତିକତା ଦ୍ୱାରା ସମ୍ପନ୍ନ ହୋଇପାରିବ। ସେ ସର୍ବଦା ଲୋକଙ୍କ ଅଧିକାର ପାଇଁ ଓକିଲାତି କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଚମ୍ପାରନ୍ ସତ୍ୟାଗ୍ରହ, ଅସହଯୋଗ ଆନ୍ଦୋଳନ, ଦାଣ୍ଡି ସତ୍ୟାଗ୍ରହ, ଦଳିତ ଆନ୍ଦୋଳନ ଏବଂ ଭାରତ ଛାଡ ଆନ୍ଦୋଳନ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଗତିବିଧି ମାଧ୍ୟମରେ ବ୍ରିଟିଶ ସାମ୍ରାଜ୍ୟର ମୂଳଦୁଆକୁ ଦୁର୍ବଳ କରିବାରେ ସହାୟକ ହୋଇଥିଲା। ମହିଳା ସଶକ୍ତିକରଣ ପାଇଁ ଗାନ୍ଧିଜୀ ସର୍ବଦା ଚେଷ୍ଟା କରିଥିଲେ। ତାଙ୍କର ଧାରଣା କେବଳ ଭାରତ ନୁହେଁ ସମଗ୍ର ବିଶ୍ୱ ପାଇଁ ଆଶାର ଏକ ଆଲୋକ ଭାବରେ କାର୍ଯ୍ୟ କରିଆସୁଛି ଏବଂ ଆଗାମୀ ବର୍ଷରେ ମଧ୍ୟ ଏସବୁ ଜାରି ରହିବ। ଡ.ଜୁନେଜାଙ୍କ କହିବାନୁସାରେ ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରାକୁ ଆମେ ମଧ୍ୟ ଆମ ଜୀବନରେ ଧାରଣ କରିବାକୁ ସଂକଳ୍ପ କରିବା ଉଚିତ୍।

ସେହିପରି ଲାଲ ବାହାଦୁର ଶାସ୍ତ୍ରୀଙ୍କ ସମ୍ପର୍କରେ ସୂଚନା ଦେଇ ଡ. ଜୁନେଜା କହିଛନ୍ତି ସେ ଏକାଧାରରେ ଜଣେ ଭାରତୀୟ ରାଜନେତା ତଥା କୂଟନୀତିଜ୍ଞ ତଥା ଜଣେ ମହାନ ବୈପ୍ଲବିକ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ସଫଳ ମାର୍ଗଦର୍ଶନରେ ଦେଶ ଯଥେଷ୍ଟ ଅଗ୍ରଗତି କରିଥିଲା। ଦେଶ ପ୍ରତି ତାଙ୍କ ନିସ୍ୱାର୍ଥପରତା ଏବଂ ଦେଶପ୍ରେମ ପାଇଁ ତାଙ୍କୁ ସର୍ବଦା ସ୍ମରଣ କରାଯିବ। ସେ କେବଳ ଭାରତ ନୁହେଁ ସମଗ୍ର ମାନବ ସମାଜ ପାଇଁ ଶାନ୍ତି ଏବଂ ଶାନ୍ତିପୂର୍ଣ୍ଣ ବିକାଶରେ ବିଶ୍ୱାସ କରୁଥିଲେ। ଶାସ୍ତ୍ରୀଜୀ ଆମ ସମସ୍ତଙ୍କୁ ସମାନ ଉତ୍ସର୍ଗୀକୃତ, ଉତ୍ସାହ ଏବଂ ଦୃଢ଼ମତା ସହିତ ନିଜ ନିଜ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ଶାସ୍ତ୍ରିଜୀ ସର୍ବଦା ଗୁରୁତ୍ୱାରୋପ କରୁଥିଲେ। ଭାରତୀୟ ସମାଜକୁ ଏକତା, ସାମାଜିକ ନ୍ୟାୟ, ସବୁଜ ବିପ୍ଳବ ଏବଂ ଧଳା ବିପ୍ଳବ ଦିଗରେ ମଧ୍ୟ ସେ ମାର୍ଗଦର୍ଶନ କରିଥିଲେ। ତାଙ୍କର ସମଗ୍ର ଜୀବନ କଠିନ ପରିଶ୍ରମ, ସେବା, ସରଳତା ଏବଂ ଉତ୍ସର୍ଗୀକୃତର ଏକ ନିଆରା ଉଦାହରଣ ହୋଇପାରିଛି ଏବଂ ଏସବୁ ତାଙ୍କୁ ମହାନ କରି ଗଢ଼ି ତୋଳିଛି।

ପ୍ରକାଶ, ଭାରତର ଜଣାଶୁଣା ବ୍ୟବସାୟୀ ଟାଇକୁନ୍ ଏବଂ ନିବେଶକ ଡକ୍ଟର ସଞ୍ଜୀବ ଜୁନେଜା ଭାରତ ଭଳି ମହାନ୍ ଦେଶର ସେବାର୍ଥେ ଏକ ବୃହତ୍ ଘରୋଇ ଆୟୁର୍ବେଦିକ ବ୍ରାଣ୍ଡ୍‌କୁ ସମର୍ପିତ କରିଛନ୍ତି। ଏହି ବ୍ରାଣ୍ଡ୍ ଅଧୀନରେ ଡକ୍ଟର ଅର୍ଥୋ, ରୂପ ମନ୍ତ୍ରା, ସଚ୍ଚୀ ସହେଲୀ, ପେଟ ସଫା ଭଳି ଆୟୁର୍ବେଦିକ ଉତ୍ପାଦ ସାମିଲ ରହିଛି ଯାହାକି ଦେଶବାସୀଙ୍କୁ ଆରୋଗ୍ୟ ରଖିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛନ୍ତି। ଆୟୁର୍ବେଦ କ୍ଷେତ୍ରରେ ତାଙ୍କର ଉଚ୍ଚସ୍ତରୀୟ ଅଂଶଗ୍ରହଣ ପାଇଁ ଡକ୍ଟର ସଞ୍ଜୀବ ଜୁନେଜାଙ୍କୁ ଅନେକ ପୁରସ୍କାରରେ ମଧ୍ୟ ସମ୍ମାନିତ କରାଯାଇଛି। ଡକ୍ଟର ଜୁନେଜା ଅନେକ ଯୁବକମାନଙ୍କ ପାଇଁ ଏକ ପ୍ରେରଣା ଏବଂ ପ୍ରେରଣାଦାୟକ ବକ୍ତା ସାଜିପାରିଛନ୍ତି।



**ସରିଲା ଜମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନ, ୮ରେ ରେଜଲ୍ଟ**

# ୩ୟ ପର୍ଯ୍ୟାୟରେ ୬୫% ଭୋଟିଂ

**ଶ୍ରୀନଗର,୧।୧୦/ଏଜେନ୍ସି:** ଜମ୍ମୁ କଶ୍ମୀରରେ ବିଧାନସଭା ନିର୍ବାଚନର ତୃତୀୟ ତଥା ଶେଷ ପର୍ଯ୍ୟାୟ ପାଇଁ ମଙ୍ଗଳବାର ସକାଳୁ ଆରମ୍ଭ ହୋଇଥିବା ମତଦାନ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ସକାଳ ୭ ଟାରୁ ସନ୍ଧ୍ୟା ୫ଟା ଯାଏ ସମସ୍ତ ଭୋଟ୍‌ଗ୍ରହଣ କେନ୍ଦ୍ରରେ ଭୋଟରମାନେ ଧାଡିରେ ଛିଡା ହୋଇ ନିଜ ମତାଧିକାର ସାବ୍ୟସ୍ତ କରିଥିଲେ। ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ସନ୍ଧ୍ୟା ୫ଟା ସୁଦ୍ଧା ଏଠାରେ ମୋଟ୍ ୬୫.୬୫% ଭୋଟିଂ ହୋଇଛି। ଏଥିମଧ୍ୟରେ ସାମ୍ବା ଜିଲ୍ଲାରେ ସର୍ବାଧିକ ୭୩.୪୫% ଭୋଟ୍ ହାର ରହିଥିବା ବେଳେ ବାରାମୁଲ୍ଲା ଜିଲ୍ଲାରେ ସର୍ବନିମ୍ନ ୫୫.୭୩% ଭୋଟିଂ ହୋଇଛି। ପ୍ରକାଶ, ଜମ୍ମୁ କାଶ୍ମୀର ପାଇଁ ୩ୟ ତଥା ଅନ୍ତିମ ପର୍ଯ୍ୟାୟରେ ସମୁଦାୟ ୪୦ ଟି ବିଧାନସଭା ଆସନ ପାଇଁ ଭୋଟ୍ ଗ୍ରହଣ କରାଯାଇଛି। ୩ୟ ପର୍ଯ୍ୟାୟରେ ମୋଟ୍ ୪୧୫ ଜଣ ପ୍ରାର୍ଥୀ ୪୦ଟି ଆସନ ପାଇଁ ଲଢୁଥିବା ବେଳେ ଆଜି ସେମାନଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି।

ସୂଚନାଯୋଗ୍ୟ, ଜମ୍ମୁ କାଶ୍ମୀରରେ ଦୀର୍ଘ ଏକ ଦଶନ୍ଧି ପରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଉଛି। ୨୦୧୯ରେ ଏଠାରୁ ଧାରା ୩୭୦ ହଟାଯିବା ଏବଂ ରାଜ୍ୟ ମାନ୍ୟତା ରଦ୍ଦ ହେବା ପରେ ଏଠାରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇନଥିଲା। କିନ୍ତୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆସିବା ପରେ ବର୍ତ୍ତମାନ ଜମ୍ମୁ କାଶ୍ମୀରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇପାରିଛି। ନିର୍ବାଚନ ଆୟୋଗ ଏଠାରେ ବିଧାନସଭା ନିର୍ବାଚନ କରାଇବା ପାଇଁ ମୋଟ୍ ୩ଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ପ୍ରକ୍ରିୟାର ବନ୍ଦୋବସ୍ତ କରିଥିଲେ। ସେପ୍ଟେମ୍ବର ୧୮ରେ ପ୍ରଥମ ପର୍ଯ୍ୟାୟ ପାଇଁ ମତଦାନ ଅନୁଷ୍ଠିତ ହୋଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପାଇଁ ମତଦାନ ସେପ୍ଟେମ୍ବର ୨୫ରେ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଅର୍ଥାତ୍ ଅକ୍ଟୋବର ୧ରେ ତୃତୀୟ ପର୍ଯ୍ୟାୟ ପାଇଁ ମତଦାନ ଅନୁଷ୍ଠିତ ହୋଇଛି। ଭୋଟ୍ ଗଣତି ଅକ୍ଟୋବର ୮ରେ ହେବ ଏବଂ ସେହି ଦିନ ହିଁ ଫଳାଫଳ ଘୋଷଣା କରାଯିବ।

NITIDIN
ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20

12 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY
2 OCTOBER 2024
ବୁଧବାର
୨ ଅକ୍ଟୋବର ୨୦୨୪

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 • ISSUE 136 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୦ • ସଂଖ୍ୟା ୧୩୬ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


# ବିଜେପିର ଅଭିଯୋଗ | ଦୁର୍ନୀତିର ଗନ୍ତାଘର ସାଜିଥିଲା ପ୍ୟାକ୍ସ, ଲ୍ୟାମ୍ପ୍ସ

**ଭୁବନେଶ୍ୱର,୧।୧୦/ଏନ୍‌ଏନ୍‌ଏସ୍:** ବିଜେଡି ସରକାର ଅମଳରେ ପ୍ୟାକ୍ସ ଓ ଲ୍ୟାମ୍ପ୍ସସ୍ତରରେ ଏବେ ଯେଉଁମାନେ ନନ୍ କ୍ୟାଡର୍ ସମ୍ପାଦକ କାର୍ଯ୍ୟରତ ଅଛନ୍ତି, ପୂର୍ବର ବିଜେଡି ସରକାର ନୂଆ କ୍ୟାଡର୍ ରୁଲ୍ ପ୍ରଚଳିତ ନ କରିବାରୁ ସେମାନଙ୍କର ବଦଳି ହେଉନଥିଲା । ଫଳରେ ଦୀର୍ଘଦିନ ଧରି ସମ୍ପୃକ୍ତ ସମ୍ପାଦକମାନେ ଏକାଧିକ ସମବାୟ ସମିତିର ଦାୟିତ୍ୱରେ ରହୁଥିଲେ । ଏଥିଯୋଗୁ ସମିତିରେ ବ୍ୟାପକ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ଚାଲିଥିଲା । ଧୀରେ ଧୀରେ କ୍ୟାଡ୍‌ର ସମ୍ପାଦକମାନେ ଅବସର ନେଇଗଲେ ଏବଂ ଯେଉଁ ଅଳ୍ପ କିଛି କ୍ୟାଡ୍‌ର ସମ୍ପାଦକ ଥିଲେ ଉପରିସ୍ଥ ବ୍ୟାଙ୍କ୍‌ଗୁଡ଼ିକର କର୍ମଚାରୀ ଅଭାବ କାରଣରୁ ସେମାନଙ୍କୁ ସେସବୁ ସ୍ଥାନରେ ସ୍ଥାନିତ କରାଯାଇଛି । ବାସ୍ତବରେ ବିଜେଡି ଶାସନରେ ପ୍ୟାକ୍ସ ଓ ଲ୍ୟାମ୍ପ୍ସଗୁଡ଼ିକ ଦୁର୍ନୀତିର ଗନ୍ତାଘର ସାଜିଥିଲା ବୋଲି ବିଜେପି ଅଭିଯୋଗ କରିଛି ।

ମଙ୍ଗଳବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ଆଜିର ଦିନରେ ଓଡ଼ିଶାରେ ପ୍ରତ୍ୟେକ ପଞ୍ଚାୟତରେ ସମବାୟ ସମିତି ଗଠନ ହୋଇପାରିନାହିଁ । ରାଜ୍ୟରେ ସମୁଦାୟ ୨୫୦୦ ପ୍ୟାକ୍ସ ଥିଲାବେଳେ ୨୧୦ଟି ଲ୍ୟାମ୍ପ୍ସ ରହିଛି । ପୂର୍ବ ସରକାର ନୂତନ ଭାବେ ୧୫୪୨ସମିତି ଖୋଲିଥିଲେ ମଧ ତାହା ପୂର୍ଣ୍ଣାଙ୍ଗ ହୋଇପାରିନାହିଁ । ବର୍ତ୍ତମାନ ରାଜ୍ୟରେ ୬୭୯୪ ଗ୍ରାମପଞ୍ଚାୟତ ଥିଲାବେଳେ ଏବେ ବି ଆହୁରି ୨୫୪୨ ପଞ୍ଚାୟତରେ ସମବାୟ ସମିତି ଆବଶ୍ୟକ ରହିଛି । କିନ୍ତୁ ପୂର୍ବ ସରକାର ତାହା କରିପାରି ନଥିଲେ । ରାଜ୍ୟରେ ବର୍ତ୍ତମାନ ବିଜେପିର ନୂତନ ସରକାର ଏସବୁ ପଞ୍ଚାୟତରେ ସମବାୟ ସମିତି ଗଠନ ପ୍ରକ୍ରିୟା ତ୍ୱରାନ୍ୱିତ କରିଛନ୍ତି ବୋଲି ଶ୍ରୀ ଦାଶ କହିଛନ୍ତି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଜୀଙ୍କ ଦ୍ୱିତୀୟ ପାଳିରେ ସ୍ୱତନ୍ତ୍ର ସମବାୟ ବିଭାଗ ଗଠନ କରାଯାଇ ତାହାର ଦାୟିତ୍ୱ ଅମିତ ଶାହାଙ୍କ ଉପରେ ନ୍ୟସ୍ତ କରାଯାଇଛି । ଏହା ପରଠାରୁ ସମବାୟ ଚଳଚଞ୍ଚଳ ହୋଇଉଠିଛି । ଯେଉଁଥିପାଇଁ ପଞ୍ଚାୟତର ସମବାୟ ସମିତି ଗ୍ରାମ୍ୟ ଅର୍ଥନୀତି ଓ କୃଷକ ପ୍ରଗତିର ପ୍ରାଣକେନ୍ଦ୍ର ହେବାକୁ ଯାଉଛି । '୨୦୪୭ ସୁଦ୍ଧା ବିକଶିତ ଭାରତ' ଲକ୍ଷ୍ୟ ପୂରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ କେନ୍ଦ୍ରରେ ଏବଂ '୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା' ଲକ୍ଷ୍ୟ ପୂରଣ ପାଇଁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ଏହି ଲକ୍ଷ୍ୟ ପୂରଣରେ ପଞ୍ଚାୟତସ୍ତରରେ ସମବାୟ ସମିତି ଏକ ବିଶେଷ ଭୂମିକା ନେବ ବୋଲି ଶ୍ରୀ ଦାଶ କହିଛନ୍ତି । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ସମବାୟ ସେଲ୍‌ର ରାଜ୍ୟ ସଂଯୋଜକ ରଞ୍ଜନ ମଙ୍ଗରାଜ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପବିତ୍ର ମୋହନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।




# ଇନ୍‌ଫିନିଟି ଗ୍ରୁପ୍ ପକ୍ଷରୁ ଗୋଲ୍ ଟେବୁଲ୍ ଆଲୋଚନା

**ଭୁବନେଶ୍ୱର,୧।୧୦/ଏନ୍‌ଏନ୍‌ଏସ୍:** ଇନ୍‌ଫିନିଟି ଗ୍ରୁପ୍ ପକ୍ଷରୁ ବାର୍ଦ୍ଧକ୍ୟ ସମ୍ବନ୍ଧିତ ଚିକିତ୍ସା ଯତ୍ନ ଓ ସୁସ୍ଥତା କ୍ଷେତ୍ରରେ ସିଏସ୍‌ଆର୍ ସୁଯୋଗଗୁଡିକ ଉପରେ ଏକ ରାଉଣ୍ଡଟେବୁଲ୍ ବୈଠକ ଆୟୋଜିତ ହୋଇଯାଇଛି । ବୟସ୍କ ବ୍ୟକ୍ତିମାନେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡିକର ସମାଧାନ କ୍ଷେତ୍ରରେ ସିଏସ୍‌ଆର୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଏହି କାର୍ଯ୍ୟକ୍ରମ ଆଲୋକପାତ କରିଛି । ଏହି ଆଲୋଚନାରେ ୧୩ ବିଶିଷ୍ଟ ବକ୍ତା ଯେପରିକି ବେଦାନ୍ତ ଇନ୍‌ଷ୍ଟିଚ୍ୟୁଟ୍‌ର ବେଦାନ୍ତ ସ୍କୋଲାର୍ ଓ କର୍ପୋରେଟ୍ ରିସୋର୍ସ ଏଲ୍.ରାମାସ୍ୱାମୀ, ଆଲ୍‌ଜାଇମର୍ସ ଆଣ୍ଡ୍ ରିଲେଟେଡ୍ ଡିଜଅର୍ଡର୍ସ ସୋସାଇଟି ଅଫ୍ ଇଣ୍ଡିଆର ସଚିବ ନିଳାଞ୍ଜନା ମୌଳିକ୍, କୋଲ୍‌କାତାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁରୋସାଇନ୍ସେସ୍‌ର କନ୍‌ସଲ୍‌ଟାଣ୍ଟ ନ୍ୟୁରୋଲୋଜିଷ୍ଟ ଡା. ସିଦ୍ଧାର୍ଥ ଶଙ୍କର ଆନନ୍ଦ ପ୍ରମୁଖ ସାମିଲ ଥିଲେ । ଏହି କାର୍ଯ୍ୟକ୍ରମରେ ବୟସ୍କ ଜନସଂଖ୍ୟା ପାଇଁ ଜେରିଆଟ୍ରିକ୍ କେୟାର୍ ମଡେଲଗୁଡିକୁ ରୂପାନ୍ତର କରିବା ଭଳି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଇନ୍‌ଫିନିଟି ଗ୍ରୁପରେ ମାର୍କେଟିଂ ବିଭାଗର ଉପାଧ୍ୟକ୍ଷ ଅନିନ୍ଦା ଦାସ ଜୀବଗ୍ରାମର ଶୁଭାରମ୍ଭ ଘୋଷଣା କରିଛନ୍ତି ।

# ଆଜିଠୁ ବିଜେଡି ଜନସମ୍ପର୍କ ପଦଯାତ୍ରା

**ଭୁବନେଶ୍ୱର,୧।୧୦/ଏନ୍‌ଏନ୍‌ଏସ୍:** ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଦରଦାମ ବୃଦ୍ଧି, ନାରୀ ନିର୍ଯାତନା, ସୁଭଦ୍ରା ଓ ମାଗଣା ବିଜୁଳି ଭଳି ମିଛ ପ୍ରତିଶ୍ରୁତି ଓ ଭଦ୍ରକ ଜିଲ୍ଲାରେ ସାଂପ୍ରଦାୟିକ ହିଂସାକୁ ପ୍ରସଙ୍ଗ କରି ବିଜେଡି ପକ୍ଷରୁ ଆସନ୍ତାକାଲିଠାରୁ ରାଜ୍ୟବ୍ୟାପୀ 'ଜନ ସମ୍ପର୍କ ପଦଯାତ୍ରା' ଅନୁଷ୍ଠିତ ହେବ । ଏହା ଗାନ୍ଧୀ ଜୟନ୍ତୀରୁ ୬ ତାରିଖ ଏବଂ ଅକ୍ଟୋବର ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ସବୁ ନିର୍ବାଚନମଣ୍ଡଳୀର ବ୍ଲକ୍ ଓ ପୌରାଞ୍ଚଳରେ ପଦଯାତ୍ରା କରିବାକୁ ନେତୃବୃନ୍ଦ ଓ ଛାମୁଆ ସଂଗଠକଙ୍କୁ ପୂର୍ବରୁ ଚିଠି ଲେଖି ଜଣାଇଛନ୍ତି ନବୀନ । ବିଜେଡି ସଭାପତି ନବୀନ ପଟ୍ଟନାୟକ ଗାନ୍ଧୀ ଜୟନ୍ତୀରେ ପୂର୍ବାହ୍ଣ ୧୦ରେ ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ବଡଗଡ଼ ବ୍ରିଟ୍ କଲୋନୀସ୍ଥ ନେତାଜୀ ଖେଳପଡ଼ିଆରେ ଏହାର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି । ଏକାମ୍ର ନଗରୀରୁ ପଦଯାତ୍ରାର ଶୁଭାରମ୍ଭ ଅବସରରେ ନବୀନ ୫୭ନମ୍ବର ୱାର୍ଡ ବିଜୁ ଆଦର୍ଶ କଲୋନୀରେ ନିଜେ ଚାଲି ଚାଲି ଲୋକଙ୍କ ସହ ଆଲୋଚନା କରିବେ । ପରେ ନେତାଜୀ ପଡ଼ିଆରେ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେବେ । ଗତବର୍ଷ ବି ଏକାମ୍ର ଭୁବନେଶ୍ୱରରୁ ବିଜେଡି ପଦଯାତ୍ରା ଆରମ୍ଭ କରିଥିଲେ । ପ୍ରଥମଥର ପାଇଁ ଦୁଇଟି ପର୍ଯ୍ୟାୟରେ ଏହି ପଦଯାତ୍ରା ହେବାକୁ ଯାଉଛି । ଏଥିରେ ନବୀନ ସରକାର ସମୟର ସଫଳତା ଓ ବର୍ତ୍ତମାନ ସରକାରଙ୍କ ମିଥ୍ୟା ପ୍ରଚାରର ବାର୍ତ୍ତା ଦଳର ନେତା ଓ କର୍ମୀ ଘରେ ଘରେ ପହଞ୍ଚାଇବେ ।

## ୯ରୁ ସଦସ୍ୟତା ସଂଗ୍ରହ ଅଭିଯାନ


**ଭୁବନେଶ୍ୱର:** ଦଳୀୟ ସୂତ୍ରରୁ ମିଳିଥିବା ତଥ୍ୟାନୁସାରେ ଅକ୍ଟୋବର ୯ ଗୋପବନ୍ଧୁ ଜୟନ୍ତୀରୁ ଡିସେମ୍ବର ୯ ପର୍ଯ୍ୟନ୍ତ ବିଜୁ ଜନତା ଦଳର ସଦସ୍ୟତା ସଂଗ୍ରହ ଅଭିଯାନ ଜାରି ରହିବ । ଜିଲ୍ଲା ସଭାପତି ଓ ରାଜ୍ୟ କମିଟି ଏହାର ତଦାରଖ କରିବେ । ଗତଥର ଏକ କୋଟି ସଦସ୍ୟତା ଟାର୍ଗେଟ୍ ହାସଲ ହୋଇଥିବାବେଳେ ଏଥର ମହିଳା, ଯୁବକ ଓ ଛାତ୍ରଙ୍କୁ ଅଧିକ ସଂଖ୍ୟାରେ ଯୋଗଦାନ ପାଇଁ ପ୍ରଚେଷ୍ଟା ଜାରିରହିବ । ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବିଜୁ ଛାତ୍ର ଜନତାଦଳ ପକ୍ଷରୁ ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଆଗାମୀ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ନିମନ୍ତେ ଏକ ମତାମତ ସଂଗ୍ରହ କାର୍ଯ୍ୟକ୍ରମ ଓ ପ୍ରସ୍ତୁତି ବୈଠକ ଭର୍ଚୁଆଲ୍ ପ୍ଲାଟଫର୍ମ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଜୁ ଛାତ୍ର ଜନତାଦଳର ସମସ୍ତ ରାଜ୍ୟ କର୍ମକର୍ତ୍ତା, ଜିଲ୍ଲା ସଭାପତିଙ୍କ ସମେତ ଜିଲ୍ଲାର ଛାତ୍ର ନେତୃତ୍ୱ ଯୋଗଦେଇଥିଲେ ।

# ମୌସୁମୀ ପରେ ଜିଲ୍ଲା ବୁଲିବେ ନବୀନ


**ଭୁବନେଶ୍ୱର,୧।୧୦/ଏନ୍‌ଏନ୍‌ଏସ୍:** ମୌସୁମୀ ପରେ ଜିଲ୍ଲା ବୁଲିବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ଅନୁଗୁଳ ଜିଲ୍ଲା ସାଂଗଠନିକ ପଦାଧିକାରୀ ଓ ନେତୃବୃନ୍ଦ ବୈଠକରେ ସେ ଏହା ସ୍ପଷ୍ଟ କରିଛନ୍ତି । ନବୀନ କହିଛନ୍ତି ଯେ ଲୋକଙ୍କ ସହିତ ସମ୍ପର୍କକୁ ଅଧିକ ମଜବୁତ୍ କର । ଦଳର ପଦଯାତ୍ରା କାର୍ଯ୍ୟକ୍ରମ ଓ ସଭ୍ୟ ସଂଗ୍ରହ ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଦଳୀୟ କର୍ମୀ ଓ ସାଧାରଣ ଜନତାଙ୍କୁ ପରାମର୍ଶ ଦିଅ । ମଙ୍ଗଳବାର ଶଙ୍ଖଭବନରେ ସଂଗଠନକୁ ମଜଭୁତ୍ କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକରେ ଉଦ୍‌ବୋଧନ ଦେଇ ଦଳର ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେ, ବିଜେଡି ସରକାରର ୨୪ବର୍ଷ ଶାସନରେ ରାଜ୍ୟର ସବୁ ଅଞ୍ଚଳ ଓ ସବୁ କ୍ଷେତ୍ରର ବିକାଶକୁ ପ୍ରାଥମିକତା ଦେଇଥିଲା । ଶିଳ୍ପ ବିକାଶ କ୍ଷେତ୍ରରେ ଅନୁଗୁଳ ଏକ ଆଗୁଆ ଜିଲ୍ଲା । ବିଜେଡି ସରକାର ସମୟରେ ଜିଲ୍ଲାର ବିକାଶ ପାଇଁ ଅନେକ କାମ ହୋଇଥିଲା । ବିଭିନ୍ନ ପଞ୍ଚାୟତ ଓ ପୌର ପରିଷଦରେ ବିଜେଡିର ସ୍ଥିତି ମଜବୁତ ରହିଛି । ତେଣୁ ପୂର୍ବପରି ଅଧିକ ନିଷ୍ଠାର ସହ ଲୋକଙ୍କ ସେବା ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ । ବିଜେଡିର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର ବୈଠକକୁ ସଂଯୋଜନା କରିଥିଲେ । ଅନୁଗୁଳ ବିଜେଡି ଜିଲ୍ଲା ସଭାପତି ସ୍ୱାଗତ ଭାଷଣ ଦେଇଥିଲେ । ବିଧାୟକ ବ୍ରଜ ପ୍ରଧାନ, ବିଧାୟକ ନଳିନୀ ପ୍ରଧାନ, ପୂର୍ବତନ ବିଧାୟକ ମହେଶ ସାହୁ, ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ ପ୍ରମୁଖ ଜିଲ୍ଲାର ବରିଷ୍ଠ ନେତୃମଣ୍ଡଳୀ, ପଞ୍ଚାୟତ ଓ ପୌରପାଳିକାର ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ମାହାଙ୍ଗା ଡବଲ୍ ମର୍ଡର୍ ମାମଲାରେ ପ୍ରତାପଙ୍କୁ କ୍ଲିନ୍ ଚିଟ୍

**କଟକ,୧।୧୦/ଏନ୍‌ଏନ୍‌ଏସ୍:** ମାହାଙ୍ଗା ଡବଲ୍ ମର୍ଡର ଘଟଣାରେ ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କୁ ହାଇକୋର୍ଟ ମଙ୍ଗଳବାର କ୍ଲିନ୍ ଚିଟ୍ ପ୍ରଦାନ କରିଛନ୍ତି । ଏଥିସହ ପ୍ରତାପଙ୍କ ବିରୋଧରେ ସାଲେପୁର ଜେଏମ୍‌ଏଫ୍‌ସି ୨୦୨୩ ସେପ୍ଟେମ୍ବର ୨୫ତାରିଖରେ ଦେଇଥିବା ଆଦେଶକୁ ହାଇକୋର୍ଟ ଖାରଜ କରିଛନ୍ତି । ସେହିପରି ଏହି ମାମଲାରେ ପ୍ରତାପଙ୍କ ବିରୋଧରେ ବିଚାରାଧୀନ ଥିବା ସମସ୍ତ ଅପରାଧିକ କାର୍ଯ୍ୟାନୁଷ୍ଠାନକୁ ହାଇକୋର୍ଟ ଖାରଜ କରିଛନ୍ତି । ଆବେଦନକାରୀ ପ୍ରତାପ ଜେନାଙ୍କ ପକ୍ଷରୁ ଦାୟର ମାମଲାର ବିଚାର କରି ହାଇକୋର୍ଟର ବିଚାରପତି ଗୌରୀଶଙ୍କର ଶତପଥୀ ଏହି ରାୟ ପ୍ରଦାନ କରିଛନ୍ତି । ହାଇକୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ ମାହାଙ୍ଗା ଡବଲ୍ ମର୍ଡର ମାମଲାରେ ଆବେଦନକାରୀଙ୍କୁ ପୁଲିସ ଦୁଇଟି ପର୍ଯ୍ୟାୟ ତଦନ୍ତ ପରେ ବି ସାମିଲ କରିନାହିଁ । ପ୍ରତିପକ୍ଷଙ୍କ ପ୍ରୋଟେଷ୍ଟ ପିଟିସନ୍ ଦାଖଲ ପରେ ପୁଲିସ ମାମଲାର ତଦନ୍ତ କରିଥିଲା । ମାତ୍ର ଚାର୍ଜସିଟ୍‌ରେ ଆବେଦନକାରୀ ପ୍ରତାପଙ୍କ ନାମ ନଥିଲା । ସେହିପରି ପୁଲିସ ଚାର୍ଜସିଟ୍‌ରେ ଆବେଦନକାରୀଙ୍କ ନାମ ଉଲ୍ଲେଖ କରିନଥିବା, ତାଙ୍କ ବିରୋଧରେ ତଥ୍ୟ ପ୍ରମାଣ ନ ଥିବା ସତ୍ତ୍ୱେ ବି ତାଙ୍କୁ ଜଣେ ଅଭିଯୁକ୍ତ ଭାବେ ଦର୍ଶାଯାଇଛି । ଦୁଇଟି ପର୍ଯ୍ୟାୟ ତଦନ୍ତ ପରେ ଜେଏମ୍‌ଏଫ୍‌ସି ପ୍ରତାପଙ୍କ ବିରୋଧରେ କଗ୍‌ନିଜେନ୍ସ ନେଇଥିଲେ । ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ପ୍ରତାପ ୨୦୨୩ ଅକ୍ଟୋବର ୩୧ରେ ହାଇକୋର୍ଟରେ ମାମଲା ଦାୟର କରିଥିଲେ । ହାଇକୋର୍ଟ ମାମଲାର ଶୁଣାଣି କରି ଆବେଦନକାରୀଙ୍କୁ ଅତିରିକ୍ତ ଅଭିଯୁକ୍ତ ଭାବେ ଯୋଡ଼ିବାର କୌଣସି ଯଥାର୍ଥତା ନଥିଲା ବୋଲି ଅଦାଲତ ମତ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦେବୀପ୍ରସନ୍ନ ଧଳ, ଆଇନଜୀବୀ ପ୍ରସେନ୍‌ଜିତ ମହାନ୍ତି, ଅଧିରାଜ ମହାନ୍ତି ଓ ଅଂଶୁମାନ ରାୟ ମାମଲା ପରିଚାଳନା କରୁଥିଲେ ।

## ମହାନଦୀ ସେତୁ ଉପରେ ସୋଲାର୍ ଲାଇଟ୍ ବ୍ୟବସ୍ଥା ଦାବି



**କଣ୍ଟିଲୋ,୧।୧୦/ଏନ୍‌ଏନ୍‌ଏସ୍:** ଆନ୍ତଃରାଜ୍ୟ ତଥା ଆନ୍ତଃଜିଲ୍ଲାକୁ ଯାନବାହନ ଓ ପରିବହନର ସୁବିଧା ପାଇଁ ଏବଂ ସାମାଜିକ ଓ ଆର୍ଥିକ ଅବସ୍ଥାର ଉନ୍ନତି ନିମନ୍ତେ ନୟାଗଡ଼ ଓ କଟକ ଜିଲ୍ଲା ସୀମାରେ ମହାନଦୀ ଉପରେ ଏକ ସେତୁ ନିର୍ମାଣ କରାଯାଇଛି। ମହାନଦୀର ଉଭୟ ପାର୍ଶ୍ୱରେ ଅବସ୍ଥିତ ସିଧାମୁଲା-ଏକତାଳ ଗ୍ରାମକୁ ସଂଯୋଗ କରୁଥିବା ୧୫୬୮ମିଟର ଦୀର୍ଘ ସେତୁ ସଂପ୍ରତି ନିକଟବର୍ତ୍ତୀ ଅଞ୍ଚଳବାସୀଙ୍କ ପାଇଁ ବିପଦର କାରଣ ପାଲଟିଛି। ସିଧାମୁଲାସ୍ଥିତ ଗୋକୁଳାନନ୍ଦ ପର୍ଯ୍ୟଟନ ପୀଠକୁ ବର୍ଷର ବିଭିନ୍ନ ସମୟରେ ପର୍ଯ୍ୟଟକଙ୍କ ଭିଡ ଲାଗିରହିଥିବା ବେଳେ ସେତୁ ଉପରେ ନିର୍ଜନତାର ସୁଯୋଗ ନେଇ ଅନ୍ଧାର ରାତିରେ ଦୁର୍ବୃତ୍ତମାନେ ବିଭିନ୍ନ ଅଘଟଣ ଘଟାଇ ପଥଚାରୀଙ୍କ ଠାରୁ ଲୁଟ୍‌ତରାଜ କରିଥାନ୍ତି। ଅନ୍ୟପକ୍ଷରେ ବିଭିନ୍ନ ସମସ୍ୟାରେ ଜଡିତ ଏକାଧିକ ଯୁବକଯୁବତୀ ମାନସିକ ଭାରସାମ୍ୟ ହରାଇ ସେତୁ ଉପରୁ ମହାନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ନଜିର ରହିଛି। ତେବେ ପଥଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ସେତୁ ଉପରେ ସୋଲାର ଲାଇଟ୍ ବ୍ୟବସ୍ଥା କରିବାକୁ ଦାବି ହେଉଛି।

## ୮ନଂ କେନାଲ ବନ୍ଧ ସଫେଇରେ ବ୍ୟାପକ ଅନିୟମିତତା ଅଭିଯୋଗ

**କୁଆଁପାଳ,୧।୧୦/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ବିଭାଗ ଅଧୀନରେ ଥିବା ୮ନଂ କେନାଲ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଦୁଇପାର୍ଶ୍ୱ ସଫେଇ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଏହି ୮ନଂ କେନାଲ ବନ୍ଧ ଆର.ଡି. ରାସ୍ତାର ଦୁଇପାର୍ଶ୍ୱ ଏବେ ସଫେଇ ନାମକୁ ମାତ୍ର ହେବା ସହ ଜେସିବି ଦ୍ୱାରା କେବଳ ଘାସ ସଫେଇ ଚାଲିଛି। ଏଠାରେ ସୂଚନାଯୋଗ୍ୟ ଯେ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ବିଭାଗ ଅଧୀନରେ ମହାଙ୍ଗା ବ୍ଲକର ବିଭିନ୍ନ ଆର.ଡି. ରାସ୍ତାର ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର କରାଯାଉଥିବା ବାରମ୍ବାର ଅଭିଯୋଗ ହେବା ଓ ଏଥିନେଇ ଉଚ୍ଚସ୍ତରୀୟ ତଦନ୍ତ ମଧ୍ୟ କରାଯାଉଛି। ରାସ୍ତାଗୁଡିକର ପୁନଃନିର୍ମାଣ ମଧ୍ୟ କରାଯାଇଛି। ସେହି କାର୍ଯ୍ୟରେ ତଦାରଖ କରୁଥିବା କନିଷ୍ଠ ଯନ୍ତ୍ରୀଙ୍କ ଖାମଖିଆଲି ନୀତି ଯୋଗୁ ନିମ୍ନମାନର କାର୍ଯ୍ୟ କରାଯାଉଥିଲା ବେଳେ ସଂପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଏବେ ୮ନଂ କେନାଲବନ୍ଧ ସଫେଇ କାର୍ଯ୍ୟ ଚାଲିଥିବା ଅଭିଯୋଗ ହେଉଛି। ନାମକୁମାତ୍ର ସଫେଇ କରାଯାଇ ଲକ୍ଷ ଲକ୍ଷ ଟଙ୍କା ହଡପ କରାଯାଉଥିବା ଚର୍ଚ୍ଚା ହେଉଛି। ଆଗକୁ ସ୍ଥାନୀୟ ବଡ଼ଖିଆ ମା' ବିଂଶଭୁଜାଙ୍କ ପୀଠରେ ପାର୍ବଣ ଉତ୍ସବ ପାଳନ ହେବାକୁ ଥିବାବେଳେ ଏହି ରାସ୍ତାରେ ହଜାର ହଜାର ଲୋକ ଯାତାୟାତ କରିବେ। ଅଭିଜ୍ଞତା ଶୂନ୍ୟ ଠିକାଦାରଙ୍କୁ ସଫେଇ ଦାୟିତ୍ୱ ଦିଆଯାଇଥିବା ନେଇ ସର୍ବସାଧାରଣରେ ଆଲୋଚନା ହେଉଥିଲାବେଳେ ଏନେଇ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହେଉଛି।

## ଆନ୍ତର୍ଜାତିକ ଜରା ଦିବସ ପାଳିତ



**ଡେଲାଙ୍ଗ,୧।୧୦/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ହାଟ ବଜାର ସ୍ଥିତ ଉତ୍କଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଡେଲାଙ୍ଗ ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସନ୍ତୋଷ କୁମାର ତ୍ରିପାଠୀ, ସ୍ୱାସ୍ଥ୍ୟକର୍ମୀ ରେଖାସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭୟଚରଣ ସାହୁ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ଯତ୍ନଶୀଳ, ସେବା, ସ୍ୱାସ୍ଥ୍ୟ ପରୀକ୍ଷା, ନିୟମିତ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ସ୍ନେହାଞ୍ଜଳି ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ିକର୍ମୀ, ଆଶାକର୍ମୀ ସାମିଲ ହୋଇଥିଲେ।

## ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**କାକଟପୁର,୧।୧୦/ଏନ୍‌ଏନ୍‌ଏସ୍:** କାକଟପୁର ବ୍ଲକ ସୁହାଗପୁର ପଞ୍ଚାୟତର ଗଣେଶ୍ୱରରେ ଥିବା ଜଗନ୍ନାଥଦେବ ବିଦ୍ୟାପୀଠରେ ପୂର୍ବରୁ ବିଶାଳ ୩୮ ବର୍ଷ ଧରି ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରିବା ସହ ଗ୍ରାମବାସୀ ଓ ନିଜ ସ୍କୁଲକୁ ବିଦାୟ ସମ୍ବର୍ଦ୍ଧନା ମିଳିନା ନାହିଁ। ଜିଲ୍ଲା ନିକଟରେ ଥିବା ଏକ ଗାଁ ଡଣ୍ଡିକୁଦ ଗ୍ରାମର ପୁରାତନ ଓ ନୂତନ ଛାତ୍ରଛାତ୍ରୀମାନେ ଏକାଠି ହୋଇ ପୂଜ୍ୟ ଗୁରୁଜୀଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରିବା ସହିତ ଗୁରୁଜୀଙ୍କୁ ନେଇ ତାଙ୍କ ବାସଗୃହରେ ଛାଡିକି ଆସିଥିଲେ। ସମ୍ବର୍ଦ୍ଧନା ସଭାଟି ଆୟୋଜନ କରିବାରେ ପୂର୍ବତନ ଛାତ୍ର ସର୍ବଶ୍ରୀ ସୁବାସ ଚନ୍ଦ୍ର ଦାସ, ବାବୁଲି ବେହେରା, ସୁରେନ୍ଦ୍ରନାଥ ଦାସ, ତୋଫାନ ଦାସ ଓ ସୁଶାନ୍ତ ଦାସ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ।

### କୁରାଳ କଲେଜରେ ସ୍ୱଚ୍ଛତା ପକ୍ଷ ଉଦ୍‌ଯାପିତ

# ଅଗ୍ନିବୀରରେ ଯୋଗଦେବାକୁ ଆହ୍ୱାନ




**ଓଡ଼ଗାଁ,୧।୧୦/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅଧୀନସ୍ଥ କୁରାଳ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟ ଜାତୀୟ ସେବାଯୋଜନା ଯୋଜନା ଆନୁକୁଲ୍ୟରେ ମଙ୍ଗଳବାର ସ୍ୱଚ୍ଛତା ପକ୍ଷ ଉଦ୍‌ଯାପନୋତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଭାବଗ୍ରାହୀ କରଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଆର୍ମି ଭେଟେରାନ ତଥା ବରିଷ୍ଠ ସାମ୍ବାଦିକ ଆଦର୍ଶ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଓଡ଼ଗାଁ ସାମ୍ବାଦିକ ସଂଘ ସଭାପତି ଅଶୋକ କୁମାର ମହାପାତ୍ର ମୁଖ୍ୟବକ୍ତା ଓ ସମ୍ମାନୀତ ଅତିଥିଭାବେ ସାମ୍ବାଦିକ ଗଣେଶ୍ୱର ସାହୁ, ପ୍ରକୃତିବନ୍ଧୁ ସୁକାନ୍ତ ଚୌଧୁରୀ ଓ ସରପଞ୍ଚ ବିଜନ ପାଇକରାୟ ଯୋଗଦେଇଥିଲେ।ଦର୍ଶନ ଅଧ୍ୟାପକ ବିଜୟାନନ୍ଦ ଶତପଥି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କାର୍ଯ୍ୟକ୍ରମ ଅଧିକାରିଣୀ ସୁଷମା ମଞ୍ଜରୀ ପାଣିଗ୍ରାହୀ ବିବରଣୀ ପାଠକରିବା ସହିତ ଆୟୋଜିତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ୨୦୧୪ ମସିହାର ପ୍ରଚଳିତ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଚଳିତ ବର୍ଷ ୧୦ ବର୍ଷରେ ପଦାର୍ପଣ କରିଥିବାବେଳେ ଚଳିତବର୍ଷର ସ୍ଲୋଗାନ ସ୍ୱଭାବ ସ୍ୱଚ୍ଛତା ସଂସ୍କାର ସ୍ୱଚ୍ଛତା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ।ମୁଖ୍ୟଅତିଥି ପଟ୍ଟନାୟକ ସ୍ୱଚ୍ଛତାପକ୍ଷ ପାଳନ ଆମପରମ୍ପରା ନିମନ୍ତେ ଆଦୌ ନୂଆଁ ନୁହେଁ କହିବା ସହିତ ଏହି ପରମ୍ପରାକୁ ଆମେ ଆଶ୍ୱିନମାସ ଅମାବାସ୍ୟା ପର୍ଯ୍ୟନ୍ତ ଘରେଘରେ ଅପର ପକ୍ଷଭାବେ ପାଳନ କରିବା ଅବସରରେ ଘରର ସମସ୍ତ ଆସବାବ ସହିତ ଭିତର ବାହାର ସଫେଇ କରାଯାଇ ଥାଏ। ଏହା ସହିତ ସମାଜର ସବୁସ୍ତରରେ ସ୍ୱଚ୍ଛତା ଆଣିବା ନିମନ୍ତେ ଯୁବପିଢ଼ି ଅଗ୍ନିବୀରରେ ଯୋଗଦେବାକୁ ଆହ୍ୱାନ କରିଥିଲେ। ମୁଖ୍ୟବକ୍ତା ମହାପାତ୍ର ମଧ ଅନୁରୁପ ଢଙ୍ଗରେ ଘରବାହାର ଓ ହୃଦୟ ମଧରେ ସ୍ୱଚ୍ଛତା ଆଣିବା ନିମନ୍ତେ ସ୍ୱଭାବରେ ସ୍ୱଚ୍ଛତା ଆଣିଲେ ଆପେଆପେ ଆମ ସଂସ୍କାର ଓ ସମାଜରେ ସ୍ୱଚ୍ଛତା ଆସିବ ବୋଲି କହିଥିଲେ। ପ୍ରକୃତିବନ୍ଧୁ ଚୌଧୁରୀ ଏକକ ପ୍ଲାଷ୍ଟିକ ବ୍ୟବହାରକୁ ବର୍ଜ୍ୟନ କରିବା ସହିତ ଏହାହିଁ ସ୍ୱଚ୍ଛତାର ମୁଖ୍ୟ ଶତ୍ରୁବୋଲି କହିଥିଲେ। ଏହି ଅବସରରେ ଯୁକ୍ତତିନି ଛାତ୍ରୀ ସୁଚିତ୍ରା ନାୟକ ନିଜର ଅଭିଭାଷଣରେ ନିଜର ଅନୁଭୁତି ବ୍ୟକ୍ତ କରିବା ଅବସରରେ ସ୍ୱଚ୍ଛତା ପାଳନର ଏକ ଦିଗଦର୍ଶନ ପ୍ରଦାନକରି ସମସ୍ତଙ୍କୁ ଚକିତ କରିଥିଲେ। ଏହା ସହିତ ଛାତ୍ରୀମାନେ ବାହ୍ୟ ଶୌଚମୁକ୍ତ ଶିର୍ଷକ ନାଟିକା ପ୍ରଦର୍ଶନ କରିଥିଲେ। ଜାତୀୟ ସେବା ଯୋଜନାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଅଧ୍ୟାପକ ଅବନୀକାନ୍ତ ପାତ୍ର,କୃଷ୍ଣଚନ୍ଦ୍ର ସାହୁ ଓ ସୁଶାନ୍ତ ବିଶୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ୩ ଦିନିଆ ଆନ୍ତଃଜିଲ୍ଲାସ୍ତରୀୟ କ୍ଷେତ୍ର ପରିଦର୍ଶନ



**କୋଣାର୍କ,୧।୧୦/ଏନ୍‌ଏନ୍‌ଏସ୍:** କୋଣାର୍କ ଥାନା ଅଧୀନସ୍ଥ ବନାଖଣ୍ଡି ଗ୍ରାମପଞ୍ଚାୟତର ସରପଞ୍ଚ ପ୍ରଜ୍ଞା ପରମିତା ନାୟକ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୁଲ୍ୟରେ ଗୋପ ବ୍ଲକର ଏକମାତ୍ର ମହିଳା ସରପଞ୍ଚ ଭାବେ ଗତ ସେପ୍ଟେମ୍ବର ୨୪ ତାରିଖଠାରୁ ୨୬ ସେପ୍ଟେମ୍ବର ପର୍ଯ୍ୟନ୍ତ ୩ ଦିନିଆ ଆନ୍ତଃ ଜିଲ୍ଲାସ୍ତରୀୟ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମରେ ଯୋଗଦେଇ ସଫଳତାର ସହିତ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଖବରରୁ ପ୍ରକାଶ ଯେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଗ୍ରାମ ପଞ୍ଚାୟତମାନଙ୍କରେ ମହିଳା ଉଦ୍‌ଯୋଗୀମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କୃଷିଭିତ୍ତିକ ଉତ୍ପାଦନ କାର୍ଯ୍ୟକ୍ରମ, ହସ୍ତତନ୍ତ ଭିତ୍ତିକ କାର୍ଯ୍ୟକ୍ରମ, ଗ୍ରାମାଞ୍ଚଳରେ ଶିଳ୍ପ ଭିତ୍ତିକ ପାର୍କ ପ୍ରତିଷ୍ଠା ମାଧ୍ୟମରେ ମହିଳାମାନେ କିଭଳି ଭାବେ ସ୍ୱାବଲମ୍ବୀ ହେବା ସହ ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ହୋଇପାରିବ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ କୋଣାର୍କ ଥାନା ଅଧିନସ୍ଥ ଗୋପ ବ୍ଲକର ବନାଖଣ୍ଡି ଗ୍ରାମପଞ୍ଚାୟତର ଏକ ମାତ୍ର ସରପଞ୍ଚ ଭାବେ ଚୟନ ହୋଇ ପ୍ରଜ୍ଞାପାରମିତା ନାୟକ ଆନ୍ତଃ ଜିଲ୍ଲାସ୍ତରୀୟ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ତିନି ଦିନିଆ ଗସ୍ତରେ ବନାଖଣ୍ଡି ସରପଞ୍ଚ ଶ୍ରୀମତୀ ନାୟକ ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଓ କଙ୍କଡ଼ାହାଡ଼ ବ୍ଲକର ଡୋକ୍ରା କ୍ଲଷ୍ଟରର ମହିଳା ବୁଣାକାରମାନଙ୍କ ସହିତ ବାର୍ତ୍ତାଳାପ ଓ ସାମଗ୍ରୀ ତିଆରି କରିବା କୌଶଳର ପ୍ରୟୋଗ ବିଧି ସମ୍ପର୍କରେ ଅନୁଧାନ କରିଥିଲେ। ସେହିପରି ସରପଞ୍ଚ ପ୍ରଜ୍ଞାପାରମିତା ନାୟକ କାମାକ୍ଷାନଗର ବ୍ଲକର ବାଲିଗୁଡ଼ା ଗ୍ରାମ ପଞ୍ଚାୟତଠାରେ ନିର୍ମିତ ଗ୍ରାମାଞ୍ଚଳ ଶିଳ୍ପ ପାର୍କ ପରିଦର୍ଶନ କରି ଏହାର ପରିଚାଳନା ଓ ନିର୍ମାଣଶୈଳୀ ବିଷୟରେ ବୁଝିବା ସହ କଣ୍ଟାପାଲ ଗ୍ରାମ ପଞ୍ଚାୟତର କୃଷି ଭିତ୍ତିକ ଉଦ୍‌ଯୋଗ ବୁଲି ଦେଖି ତାହାର ଉପାଦେୟତା ସମ୍ବନ୍ଧୀୟ ତଥ୍ୟ ହାସଲ କରିଥିଲେ। ଏହି ୩ଦିନିଆ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମରେ ହାସଲ କରିଥିବା ବିଭିନ୍ନ ପ୍ରକାରର ଉଦ୍‌ଯୋଗଭିତ୍ତିକ କାର୍ଯ୍ୟକ୍ରମ ଅନୁଭୂତିଗୁଡ଼ିକୁ ନେଇ ଆଗାମୀ ଦିନରେ ନିଜ ଗ୍ରାମ ପଞ୍ଚାୟତର ମହିଳାମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ଓ ମହିଳା ସ୍ୱାବଲମ୍ବୀ କରିବାରେ ସଫଳ ହୋଇପାରିବେ ବୋଲି ବନାଖଣ୍ଡି ସରପଞ୍ଚ ଶ୍ରୀମତୀ ନାୟକ ପ୍ରକାଶ କରିଛନ୍ତି।

## ନୀଳମାଧବ ମନ୍ଦିରର ସ୍ଥିତି ପରଖିଲେ ତହସିଲଦାର

**କଣ୍ଟିଲୋ,୧।୧୦/ଏନ୍‌ଏନ୍‌ଏସ୍:** ନୀଳମାଧବ ମନ୍ଦିର ପଶ୍ଚିମ ଦ୍ୱାର ନିକଟ ଏବଂ ଦକ୍ଷିଣଦ୍ୱାର ନଦୀକୂଳରେ କିବା ଦିନ ଅବା ରାତିରେ ନିଶା ବେପାରୀଙ୍କ ସହ ନିଶା ସେବନକାରୀ ବ୍ୟକ୍ତିମାନଙ୍କ ଆଡ୍ଡା ଜମୁଥିବା ଅଭିଯୋଗ ହେଉଛି। ତେବେ ଖଣ୍ଡପଡା ଭାରପ୍ରାପ୍ତ ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜାରାମ ଛତ୍ରିଆ ମନ୍ଦିରର ବିଭିନ୍ନ ସମସ୍ୟା ସଂପର୍କରେ ଅଭିଯୋଗ ପାଇବା ପରେ ଶନିବାର ଅଚାନକ ନୀଳମାଧବ ମନ୍ଦିରକୁ ପରିଦର୍ଶନରେ ଯାଇ ଏହାର ସ୍ଥିତି ପରଖିଥିଲେ। ମନ୍ଦିର ମଧ୍ୟରେ ଅନେକ କିଛି ରକ୍ଷଣାବେକ୍ଷଣ କାର୍ଯ୍ୟ ସହିତ ମନ୍ଦିର ମଧ୍ୟରେ ଅଚଳ ଅବସ୍ଥାରେ ଥିବା ସି ସି କ୍ୟାମେରା ସଂପର୍କରେ ଅବଗତ ହୋଇଥିଲେ। ମନ୍ଦିର ମଧ୍ୟରେ ନୂତନ ସିସି କ୍ୟାମେରା ସ୍ଥାପନ କରିବା, ମନ୍ଦିର ପଶ୍ଚିମ ପାର୍ଶ୍ୱରେ ଥିବା ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ପୋଡିଯାଇଥିବାରୁ ନୂତନ ଟ୍ରାନ୍ସଫର୍ମର ସ୍ଥାପନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ଛତ୍ରିଆ ସୂଚନା ଦେଇଥିଲେ। ମନ୍ଦିର ରୋଷଘର ଓ ଅନ୍ୟାନ୍ୟ କାର୍ଯ୍ୟର ମରାମତି ଦିଗରେ ନୀଳମାଧବ ବିକାଶ ପ୍ରକଳ୍ପ କାର୍ଯ୍ୟ ସଂପାଦନ କରୁଥିବା କାର୍ଯ୍ୟ ନିର୍ବାହୀ ଓବିସିସି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିବା ସେ ସୂଚନା ଦେଇଥିଲେ। ବିଶେଷକରି ଶ୍ରୀ ଛତ୍ରିଆ ନୀଳମାଧବ ମନ୍ଦିର ଦକ୍ଷିଣ ପାର୍ଶ୍ୱ ମହାନଦୀ କୂଳରେ ଥିବା ମିଉଜିୟମ ପରିଦର୍ଶନରେ ଯାଇଥିବା ବେଳେ ଏକାଧିକ ବ୍ୟକ୍ତି ସେଠାରେ ନିଶା ସେବନ କରୁଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ତେବେ ନିଶା ବେପାର ଏଠାରେ ଖୁଲମଖୁଲା ଚାଲୁଥିବା ସେ ଅନୁଭବ କରି ଏ ଦିଗରେ ପୁଲିସ ପ୍ରଶାସନକୁ ଅବଗତ କରିବେ ବୋଲି ତହସିଲଦାର ଶ୍ରୀ ଛତ୍ରିଆ କହିଥିଲେ। ଏହାଛଡ଼ା ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତ୍ୟେହ ଶହ ଶହ ପର୍ଯ୍ୟଟକ ନୀଳମାଧବ ପୀଠକୁ ଦର୍ଶନରେ ଆସୁଥିବା ବେଳେ ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ମିଉଜିୟମ ନିକଟରେ ଏକ ଟଏଲେଟ୍ ନିର୍ମାଣ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ତହସିଲଦାର ସୂଚନା ଦେଇଥିଲେ।

## ଆଶ୍ରମ ସ୍କୁଲରେ କ୍ଲଷ୍ଟର୍‌ସ୍ତରୀୟ ସୁରଭି



**ଗରିଛକ,୧।୧୦/ଏନ୍‌ଏନ୍‌ଏସ୍:** ନିମାପଡ଼ା ବ୍ଲକ ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତ ଗଡ଼ଇଟାପୋଖରୀ ଗ୍ରାମରେ ଥିବା ଆଶ୍ରମ ସ୍କୁଲ ପରିସରରେ କ୍ଲଷ୍ଟର୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ସୂର୍ଯ୍ୟ ନାରାୟଣ ମିଶ୍ରଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଠାକୁର ପାଟଣା ରନ୍‌ପୀର ବିଦ୍ୟାନିକେତନର ଶିକ୍ଷକ ଦେବେନ୍ଦ୍ର ନାଥ ସ୍ୱାଇଁ,ସମ୍ମାନୀତ ଅତିଥିଭାବେ ସିଆରସିସି ସୁଶାନ୍ତ କୁମାର ମୁଦୁଲି, ଷଣ୍ଢପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିନ୍ମୟ କୁମାର ମିଶ୍ର, ବରଡିହ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ୟୋତିରଂଜନ କୁଣ୍ଡୁ, ଅନ୍ନପୂର୍ଣ୍ଣା ସରକାରୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ରାଣୀ ବସ୍ତିଆଙ୍କ ସମେତ କ୍ଲଷ୍ଟର ସ୍ତରୀୟ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗଦେଇଥିଲେ। ଏହି ସୁରଭି କାର୍ଯ୍ୟକ୍ରମରେ ୧୬ଟି ସ୍କୁଲର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ଅର୍ନ୍ତନିହିତ ଗୁଣ ପରିପ୍ରକାଶ ହୁଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ। ପରିଶେଷରେ ସହକାରୀ ଶିକ୍ଷକ କୃପାସିନ୍ଧୁ ସଂ ଧନ୍ୟବାଦ ଅର୍ପଣ କରିଥିଲେ।

## ପିମିଟ୍ ମହାବିଦ୍ୟାଳୟରେ ସଂସ୍କୃତ ସମ୍ଭାଷଣ ଶିବିର ଉଦଯାପିତ

**ଓଡ଼ଗାଁ,୧।୧୦/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ସ୍ଥିତ ପିମିଟ୍ ମହାବିଦ୍ୟାଳୟରେ ସଂସ୍କୃତ ଭାରତୀ ପକ୍ଷରୁ ଚାଲିଥିବା ଦଶଦିବସୀୟ ସଂସ୍କୃତ ସମ୍ଭାଷଣ ଶିବିର ମଙ୍ଗଳବାର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ସମ୍ପାଦକ ସୁଶୀଲ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସଂସ୍କୃତ ଭାରତୀ ଓଡ଼ିଶାର ରାଜ୍ୟ ପ୍ରଶିକ୍ଷଣ ପ୍ରମୁଖ ଡ଼. ମାନସ ରଞ୍ଜନ ସାହୁ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥିଭାବେ ସୁରେଶ ପ୍ରଧାନ, ସୁନିଲ ମହାପାତ୍ର, ଜ୍ୟୋତିର୍ମୟୀ ପରିଡ଼ା, ଦୀପିକା ମହାରଣା, ଶରତ କୁମାର ସାହୁ ଯୋଗଦେଇଥିଲେ। ସଂସ୍କୃତ ଭାରତୀ ନୟାଗଡ଼ ଜିଲ୍ଲା ସଂଯୋଜକ ତଥା ପିମିଟ୍ ମହାବିଦ୍ୟାଳୟର ସଂସ୍କୃତ ଅଧାପକ ମୃତ୍ୟୁଞ୍ଜୟ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ମହାବିଦ୍ୟାଳୟର ସଂସ୍କୃତ ବିଭାଗର ଛାତ୍ରୀ ବିଷ୍ଣୁପ୍ରିୟା ମହାପାତ୍ର ସଂଯୋଜନା କରିଥିଲେ। ମଞ୍ଚାସିନ ଅତିଥିମାନେ ସଂସ୍କୃତ ଭାଷାର ଆବଶ୍ୟକତା ସମ୍ପର୍କେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାସହିତ ଶାନ୍ତିମନ୍ତ୍ର ଉଚ୍ଚାରଣ ପୂର୍ବକ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

## ନିଶ୍ଚିନ୍ତକୋଇଲି ଅଞ୍ଚଳରେ ସ୍ୱଚ୍ଛ ଭାରତ ଅଭିଯାନ



**ନିଶ୍ଚିନ୍ତକୋଇଲି,୧।୧୦/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ ପଞ୍ଚାୟତ ସମିତି ଆନୁକୁଲ୍ୟରେ ଥିବା ସମସ୍ତ ପଞ୍ଚାୟତରେ ସ୍ୱଚ୍ଛତା ହିଁ ସେବା ୧୭ ସେପ୍ଟେମ୍ବର ରୁ ୨ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ ସ୍ୱଭାବ ସ୍ୱଚ୍ଛତା ଓ ସଂସ୍କାର ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ଏହି ପରୀପ୍ରେକ୍ଷୀରେ ଆଜି ନିଶ୍ଚିନ୍ତକୋଇଲି ବ୍ଲକ ପଞ୍ଚାୟତ ସମିତି ଆନୁକୁଲ୍ୟରେ ବ୍ଲକ ପରିସରରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଥିବାର ଜଣାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କ ଯୋଗଦେଇଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସମସ୍ତ ଅଳିଆ ଆବର୍ଜନା ସଫା କରିବା ସହିତ ସମସ୍ତ କର୍ମଚାରୀଙ୍କୁ ସ୍ୱଚ୍ଛତା ପକ୍ଷର ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହିତ ପରିବେଶର ସୁରକ୍ଷା କରିବକୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମକୁ ଜଳପରିମଳ ମିଶନ ସଂଯୋଜକ ସୂର୍ଯ୍ୟକାନ୍ତ ଦାସଙ୍କ ନେତୃତ୍ୱରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅଶୋକ କୁମାର ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ସିଡିପିଓ ସତ୍ୟଭାମା ବିଶୋଇ, ମୁଖ୍ୟ କିରାଣୀ ଦିବ୍ୟଲୋଚନ ସ୍ୱାଇଁ, ସମାଜମଙ୍ଗଳ ଅଧିକାରୀ ସୁନୀଲ କୁମାର ପାତ୍ର, କିରାଣୀ ଜୟଦେବ ନାୟକ, ମାଷ୍ଟର ଟ୍ରେନର ପ୍ରଗତୀ କୁମାର ଚାନ୍ଦ, ଚକ୍ରଧର ପଲେଇ, ସଂଜୀବ ,ବଲ୍ଲଭ ପାତ୍ର ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ହିଁ ସେବା ସପ୍ତାହ ପାଳନ ଅବସରରେ ଜନସାଧାରଣଙ୍କୁ ଏଥିରେ ବହୁ ସଂଖ୍ୟାରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ।

## ଜଗନ୍ନାଥ ନୋଡାଲ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ



**ନୟାହାଟ,୧।୧୦/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତର ମଧୁବନ ଗ୍ରାମରେ ଥିବା ସରକାରୀ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇସ୍କୁଲ, ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ୧୨ଟି ସ୍କୁଲ ଅଂଶଗ୍ରହଣ କରିଥିଲେ। ପିଲାମାନଙ୍କ ମଧ୍ୟରେ ବିତର୍କ, ସଂଗୀତ, ଚିତ୍ରାଙ୍କନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା ହୋଇଥିଲା। ସିଆର୍‌ସି ଅରବିନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ କଦମ୍ବପାଟଣାର ରାଧାକାନ୍ତ ବିଦ୍ୟାପୀଠର ପ୍ରଧାନଶିକ୍ଷକ ସୁରେଶ ସ୍ୱାଇଁ, ଶିକ୍ଷକ ବିଶ୍ୱଜିତ ସାହୁ, ସନାତନ ସେଠୀ ମଧୁବନ ଉଚ୍ଚପ୍ରାଥମିକ ପ୍ରଧାନଶିକ୍ଷୟିତ୍ରୀ କିରଣବାଳା ମିଶ୍ରଙ୍କ ସମେତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ବଳଙ୍ଗା,୧।୧୦/ଏନ୍‌ଏନ୍‌ଏସ୍:** ନିମାପଡ଼ା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ବାମନାଳ ପରିସରରେ ଆଜି କ୍ଲଷ୍ଟର୍‌ସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ବରିଷ୍ଠ ଶିକ୍ଷକଙ୍କ ଚିତ୍ତରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବାମନାଳ ସରପଞ୍ଚ ସୁରେନ୍ଦ୍ର କୁମାର ସ୍ୱାଇଁ, ସିଆରସିସି ଶେକ୍ ମେହେଫୁଜ ହୁସେନ ପ୍ରମୁଖ ଯୋଗଦେଇଥିଲେ।

ଏଥିରେ ବାମନାଳ କ୍ଲଷ୍ଟରର ୯ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନାଚ, ଗୀତ, ଚିତ୍ରାଙ୍କନ, ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଚାରକ ଭାବେ ଯୋଗ ଦେଇଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା ପ୍ରତିଭା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଆଜିର କୃତୀ ପ୍ରତିଯୋଗୀମାନେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ସିଆର୍‌ସିସି ହୁସେନ ସୂଚନା ଦେଇଥିଲେ। ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଖଣି ନିଲାମକୁ ବିରୋଧ, ତହସିଲଦାରଙ୍କୁ ଦାବିପତ୍ର

**ଡେଲାଙ୍ଗ,୧।୧୦/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ତହସିଲ ଅଞ୍ଚଳର ଝାରପଡ଼ା ମୌଜାର ପତିତ, ଅନାବାଦୀ, ଗୋଚର, ଓ ସରକାରୀ ଜଙ୍ଗଲ ଜମୀକୁ ନିଲାମ ନଦେବା ପାଇଁ ଦାବୀ କରାଯାଇଛି। ଏ ନେଇ ମହିଳା ସଭାନେତ୍ରୀ ନିରୁପମା ପାତ୍ର ଏକ ଦାବିପତ୍ର ତହସିଲଦାର ସନ୍ତୋଷିନୀ ଦାଶଙ୍କୁ ପ୍ରଦାନ କରିଛନ୍ତି। ୨୦୨୧ ମସିହାରେ ତହସିଲଦାରଙ୍କ ପକ୍ଷରୁ ବେଆଇନ ଖଣି ଖନନ ନେଇ ୧୪୪ ଜାରି ପରେ ପୁଲିସ ପକ୍ଷରୁ ଅସ୍ଥାୟୀ କ୍ୟାମ୍ପ କରାଯାଇଥିଲା। ଜମୁନା ଝାରପଡା ମୌଜାର ଅନାବାଦୀ, ଗୋଚର ଓ ଜଙ୍ଗଲକୁ ବେଆଇନ ଭାବେ ଖଣି ମାଫିଆମାନେ ପଥର ଖନନକରି ଚୋରାରେ ବିକ୍ରୟ କରୁଥିବା ନେଇ ସେ ସମୟରେ ଅଭିଯୋଗ ହୋଇଥିଲା। ଖାତା ନମ୍ବର ୬୩୨ର ପ୍ଲଟ ନମ୍ବର ୨୦୪, ୨୦୬ ଓ ୭୨୨ ଗୋଚର, ୨୦୮ ଜଙ୍ଗଲ, ଖାତା ନମ୍ବର ୬୩୧ର ୨୦୫ ଓ ୨୦୭ର କିସମ ରାସ୍ତା ରହିଛି। ନିଲାମ ଦେବା ଦ୍ୱାରା ସେଠାରୁ ମୋରମ ଓ ପଥର ଖୋଳି ବିକ୍ରୟ କରିବା ଦ୍ୱାରା ଜଙ୍ଗଲଜମି ନଷ୍ଟ ହେବା ସହିତ ପରିବେଶ ଉପରେ ଏହାର କୁପ୍ରଭାବ ପଡୁଥିବା ଅଭିଯୋଗରେ ଦର୍ଶାଯାଇଛି। ତେଣୁ ଜଙ୍ଗଲ ଜମି ସୁରକ୍ଷା ଦାବି କରିଛନ୍ତି ଶ୍ରୀମତୀ ପାତ୍ର। ତହସିଲଦାର ଶ୍ରୀମତୀ ଦାଶଙ୍କୁ ପଚାରିବାରେ ସେ କୁହନ୍ତି ଖଣି ଦାୟିତ୍ୱ ମାଇନ୍ସ ବିଭାଗକୁ ଦିଆଯାଇଛି। ଖନନ ରୋକିବା ଦାୟିତ୍ୱ ଆମର ନୁହେଁ, ମାଇନ୍ସ ବିଭାଗର। ତେଣୁ ସେଠାରେ ଅଭିଯୋଗ କଲେ ସେମାନେ ନିର୍ଦ୍ଦେଶ ଦେଲେ ଆମେ ପଦକ୍ଷେପ ଗ୍ରହଣ କରିବୁ।

## 'ସମାଜରେ ବରିଷ୍ଠ ନଗରିକଙ୍କ ଗୁରୁତ୍ୱ ସର୍ବାଧିକ'



**ଆଠଗଡ଼,୧।୧୦/ଏନ୍‌ଏନ୍‌ଏସ୍:** ତାଲୁକା ଆଇନସେବା ସଂସ୍ଥା କମିଟି ପକ୍ଷରୁ ସ୍ଥାନୀୟ ବୁଦ୍ଧିଜୀବୀ ତଥା ବରିଷ୍ଠ ନାଗରିକ ସଂଘ ସଭାଗୃହ ମଧ୍ୟରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଆଇନସେବା କମିଟିର ଅଧକ୍ଷ ତଥା ବିଚାରପତି ରାଜକୁମାର ଦାସଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବିଚାରପତି ଶ୍ରୀ ଦାସ ସମାଜରେ ସଦାସର୍ବଦା ବରିଷ୍ଠ ନାଗରିକମାନଙ୍କ ଗୁରୁତ୍ୱ ସର୍ବାଧିକ ରହିଛି ଏବଂ ସେହିଭଳି ପରିବାରରେ ମଧ୍ୟ ପିତାମାତାଙ୍କର ସ୍ଥାନ ସର୍ବଦା ସ୍ୱତନ୍ତ୍ର ବୋଲି ପ୍ରକାଶ କରିଥିଲେ। ଏହାସହିତ ବରିଷ୍ଠ ନାଗରିକମାନଙ୍କରେ ପାଇଁ ଥିବା ଆଇନର ଦିଗ ଉପରେ ଆଲୋଚନା କରିଥିଲେ। ସମାଜସେବୀ ତଥା ବରିଷ୍ଠ ନାଗରିକ ସନାତନ ରାଏଙ୍କ ଆୟୋଜନରେ ଅନୁଷ୍ଠିତ ସଭାରେ ଓକିଲ ସଂଘ ପକ୍ଷରୁ ସଂପାଦକ ବନବିହାରୀ ସାହୁ, ବରିଷ୍ଠ ଆଇନଜୀବୀ ପ୍ରସନ୍ନ କୁମାର ରାଉତ, ଶ୍ରୀନିବାସ ଦାସ ପ୍ରମୁଖ ଯୋଗଦେଇ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବୁଦ୍ଧିଜୀବୀ ସଂଘର ଉପ ସଭାପତି ପ୍ରଭାତ କୁମାର ମିଶ୍ର, ସଂପାଦକ ଗିରିଶ ମିଶ୍ର ଏବଂ ଡା ଗୋକୁଳାନନ୍ଦ ପତ୍ରୀ, ରଙ୍ଗାଧର ଦାସ, ମଧୁସୁଦନ ନନ୍ଦ ପ୍ରମୁଖ ଯୋଗଦେଇ ସମାଜରେ ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପ୍ରସଙ୍ଗରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ରାଜଶ୍ରୀ ମହଲା ସଂଯୋଜନା କରିଥିଲେ।

## ଅସହ୍ୟ ଗୁଳୁଗୁଳିରେ ବୃଦ୍ଧଙ୍କ ମୃତ୍ୟୁ

**ଚରିଛକ,୧।୧୦/ଏନ୍ଏନ୍ଏସ୍:** ଆଜି ଅସହ୍ୟ ଗୁଳୁଗୁଳି ଲାଗି ରହିଥିବା ବେଳେ ଏହାକୁ ସହିନପାରି ଏହି ଥାନା ଅନ୍ତର୍ଗତ ଓଡ଼ଗୁଆଁ ଗ୍ରାମର ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ସୁଚନା ମୁତାବକ ଚରିଛକ ଥାନା ଅନ୍ତର୍ଗତ ଓଡଗୁଆଁ ଗ୍ରାମର ସୁବଳ କାଣ୍ଡି(୮୦) ଆଜି ଶୌଚପାଇଁ ଯାଉଥିବା ସମୟରେ ପୋଖରୀ ହୁଡାରେ ଖରା ଗୁଳିଗୁଳି ସହିନପାରି ଟଳି ପଡ଼ିଥିଲେ । ପରିବାର ଲୋକେ ତାଙ୍କୁ ଚରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ତାଙ୍କ ପୁଅ ଚରିଛକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ଅପମୃତ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ଗୋପ୍ ବ୍ଲକ୍‌ରେ ଫଳକ ବିବାଦ: କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ



**ଗୋପ,୧।୧୦/ଏନ୍ଏନ୍ଏସ୍:** ସୋମବାର ଗୋପ ବ୍ଲକ କାର୍ଯ୍ୟାଳୟରେ ନୂତନ ଭିଡିଓ କନ୍ଫରେନ୍ସ ଗୃହ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଫଳକରେ ନାମ ନଥିବାକୁ ନେଇ ବିବାଦ ଦେଖାଦେଇଥିବା ବେଳେ ଉଭୟ ଶାସକ ଓ ବିରୋଧୀ ଗୋଷ୍ଠୀଙ୍କ ମଧ୍ୟରେ କଥା କଟାକଟି ହୋଇ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ପୁଲିସ ପ୍ରଶାସନ ଉପସ୍ଥିତିରେ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ ଇଟାରେ ଫଳକକୁ ଭାଙ୍ଗିବାକୁ ଉଦ୍ୟମ କରିଥିବା ଘଟଣାରେ ଅଧକ୍ଷା ଶ୍ରୀମତୀ ମଲ୍ଲିକ ଗୋପ ଥାନାରେ ବିଡ଼ିଓ ଛବିରାଣୀ ସାହୁ ଓ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକଙ୍କ ନାମରେ ଜାତିଆଣ ଆକ୍ଷେପ କରିଥିବା ନେଇ ଗୋପ ଥାନାରେ ଅଭିଯୋଗ ହୋଇଥିଲା । ମିଥ୍ୟା ଅଭିଯୋଗ କରିଥିବା ନେଇ ମଙ୍ଗଳବାର ଗୋପ ବ୍ଲକର ସମସ୍ତ କର୍ମଚାରୀ କଲମ ଛାଡ଼ ଆନ୍ଦୋଳନ କରିଥିବା ବେଳେ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି । ସୂଚନା ମୁତାବକ ସୋମବାର ଗୋପ ବ୍ଲକ କାର୍ଯ୍ୟାଳୟରେ ନୂତନଭାବେ ନିର୍ମାଣ ହୋଇଥିବା ଭିଡିଓ କନ୍ଫରେନ୍ସ ଗୃହ ଉଦ୍ଘାଟନ ସମେତ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ରହିଥିଲା । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ କାକଟପୁର ବିଧାୟକ ତୁଷାରିକାନ୍ତି ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଥିଲା । ସୋମବାର ଅପରାହ୍ଣରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନୂତନ ଗୃହକୁ ଉଦ୍ଘାଟନ କରିବା ସମୟରେ ଫଳକରେ କାକଟପୁର ବିଧାୟକ ତୁଷାରିକାନ୍ତି ବେହେରା, ପୁରୀ ସଦର ବିଧାୟକ ସୁନୀଲ ମହାନ୍ତି ଓ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକଙ୍କ ନାମ ନଥିବାରୁ ବିବାଦ ଦେଖାଦେଇଥିଲା । ଏହି ଘଟଣାକୁ ନେଇ ଉଭୟ ଶାସକ ବିଜେପି ଓ ବିଜେଡି ମଧ୍ୟରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଉତ୍ତେଜନା ଦେଖାଦେଇଥିଲା । ସନ୍ଧ୍ୟାରେ ଅଧକ୍ଷା ଶ୍ରୀମତୀ ମଲ୍ଲିକଙ୍କୁ ଜାତିଆଣ ଆପେକ୍ଷ କରିଥିବା ନେଇ ବିଡ଼ିଓ ଓ ଉପାଧକ୍ଷଙ୍କ ନାମରେ ଗୋପ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପରେ ଉପାଧକ୍ଷ ମଧ୍ୟ ଥାନାରେ ପାଲଟା ଅଭିଯୋଗ କରିଥିଲେ । ମଙ୍ଗଳବାର ବିଡ଼ିଓଙ୍କ ନାମରେ ମିଥ୍ୟା ଅଭିଯୋଗ କରିଥିବା ଓ ଅଭିଯୋଗ ପ୍ରତ୍ୟାହାର ଦାବିନେଇ ବ୍ଲକର ସମସ୍ତ କର୍ମଚାରୀ କଲମଛାଡ଼ ଆନ୍ଦୋଳନ କରିଥିବା ବେଳେ ସମସ୍ତ ସରକାରୀ କାର୍ଯ୍ୟ ବନ୍ଦ ରହିଥିଲା ।

### ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

# 'ଗୋଦାବରୀଶ ମହାପାତ୍ର ତତ୍କାଳୀନ ସମାଜର ଜାଗ୍ରତ ପ୍ରହରୀ'



**ଚିଲିକା,୧।୧୦/ଏନ୍ଏନ୍ଏସ୍:** ସାହିତ୍ୟ ହିଁ ସମାଜର ଦର୍ପଣ । ପରାଧୀନ ଉତ୍କଳର ଶୋଷଣକଷଣ, ଅତ୍ୟାଚାର ଉତ୍ପୀଡ଼ନ, କୁସଂସ୍କାର, ଭାଣ୍ଡାମୀ ବିରୁଦ୍ଧରେ କଲମଚାଳନା କରି ନିଜର ସାହିତ୍ୟ ରଚନା ବଳରେ ଯେଉଁ କେତେକ ସାରସ୍ୱତ ପ୍ରତିଭା ସମାଜକୁ ସୁଧାରୀ ଥିଲେ ତନ୍ମଧ୍ୟରୁ ଗୋଦାବରୀଶ ମହାପାତ୍ର ସର୍ବାଗ୍ରେ ପୂଜିତ । ତାଙ୍କ ଗଳ୍ପ, କବିତା, ଉପନ୍ୟାସ, ନାଟକ ଏବଂ ବ୍ୟଙ୍ଗପତ୍ରିକା 'ନିଆଁଖୁଣ୍ଟା'ରେ ତାହା ହିଁ ପ୍ରତିଫଳିତ ହୋଇଛି । ଖଲିକୋଟ ରାଜାଙ୍କ ମଟରଯାନ ଆଗରେ ମାଗୁଣିର ଶଗଡ ଗାଡ଼ି ନିଷ୍ପ୍ରଭ ହୋଇଯାଇଛି । ସମାଜର ଲୋଲୁପ ଦୃଷ୍ଟି, ଟିକାଟିପଣୀ, ଛି ଛାକରରୁ ରକ୍ଷା ପାଇବା ପାଇଁ ବାଲ୍ୟବିଧବା ନୀଳମାଷ୍ଟ୍ରାଣୀ ଭଲପାଇ ଅନ୍ୟତ୍ର ବିବାହ କରିଛି । ନାରସେନା ନାଇଡୁ ପେଟ ବିକଳରେ ଛତରରେ ଖାଇ ଜାତି ହରାଇ ଅଜାତିଆ ହୋଇ ସମାଜରୁ ତଡ଼ାଖାଇବା ପରି ଅନେକ କୁସଂସ୍କାର ଓ ସମସ୍ୟା ବହୁଳ ଗଳ୍ପ ଏବେ ମଧ୍ୟ ସମାଜର ଦିଗବାରେଣୀ ହୋଇ ଏଜାତିକୁ ଦିଗ୍‌ଦର୍ଶନ ଦେବା ସହିତ ଓଡ଼ିଆ ଜାତିକୁ ଜାଗ୍ରତ କରୁଥିବ ବୋଲି ଅତିଥିମାନେ ନିଜ ନିଜର ବ୍ୟକ୍ତବ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଚିଲିକା ସାହିତ୍ୟ ସମାଜ ଓ ବାଣପୁର ପଞ୍ଚାୟତ ସମିତିଙ୍କ ମିଳିତ ଆନୁକୂଲ୍ୟରେ ସାହିତ୍ୟ ସମାଜର ସଭାପତି ଶିକ୍ଷାବିତ୍ ବାଳମୁକୁନ୍ଦ ଦାସଙ୍କ ସଭାପତିତ୍ୱରେ ଏବଂ ଶିକ୍ଷାବିତ୍ ଆନନ୍ଦ ଚନ୍ଦ୍ର ସେନାପତିଙ୍କ ବେଦପାଠରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସମାରୋହରେ ରାଜ୍ୟ ଆଇନ୍, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି, ଡାକ୍ତର ଉପେନ୍ଦ୍ର ପ୍ରସାଦ ନାୟକ ବିଶିଷ୍ଟ ଅତିଥି, ପ୍ରଫେସର ଆଦିକନ୍ଦ ସାହୁ ମୁଖ୍ୟବକ୍ତା, ସାହିତ୍ୟିକ ଶଶିଭୂଷଣ ରଥ ସମ୍ମାନିତ ବକ୍ତା, ବାଣପୁର ମଣ୍ଡଳ ଅଧିକାରିଣୀ ଶୀତଲ ଅଗ୍ରୱାଲ୍ ଓ ପଞ୍ଚାୟତ ସମିତି ଅଧକ୍ଷ ଅମରେନ୍ଦ୍ର ରଣସିଂହ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କବି ମହାପାତ୍ରଙ୍କ ବହୁମୁଖୀ ପ୍ରତିଭାର କଥା ବର୍ଣ୍ଣନାକରି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶାଳିଆ ସାଂସ୍କୃତିକ ପରିଷଦର ବିରଞ୍ଚି ପରିଡ଼ା ଓ ସାଥିଙ୍କ ତରଫରୁ ବନ୍ଦେ ଉତ୍କଳଜନନୀ ଗାନ କରାଯାଇଥିଲା ବେଳେ ଜାତୀୟ ଖ୍ୟାତି ସଂପୂର୍ଣ୍ଣ କଣ୍ଠଶିଳ୍ପୀ ବର୍ଣ୍ଣାଳୀ ହୋତା କବିଙ୍କ ରଚନାରୁ ଉଠ କଙ୍କାଳ, ଉଦ୍‌ବୋଧନୀ ସଂଗୀତ ଗାନକରି ସମାରୋହକୁ ଚମତ୍କୃତ କରିଦେଇଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅତିଥି ବର୍ଗ ଓ ବର୍ଣ୍ଣାଳୀଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ସାହିତ୍ୟ ଏକାଡ଼େମୀର ସହ ସଚିବ ସଂଜୟ ଛୁଆଳସିଂ ସ୍ୱାଗତ ଭାଷଣ ଦେଇଥିବାବେଳେ, ଅଧ୍ୟାପକ ସଂଗ୍ରାମ କେଶରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ଗାଁର ୧୫ କ୍ଲଷ୍ଟରରେ ସୁରଭି ପ୍ରତିଯୋଗିତା

**ଓଡ଼ଗାଁ,୧।୧୦/ଏନ୍ଏନ୍ଏସ୍:** ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁଚିରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଶିକ୍ଷାବିଭାଗ ସୁରଭି ମାଧ୍ୟମରେ ପ୍ରତିଯୋଗିତା କରି କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି । ମଙ୍ଗଳବାର ଓଡ଼ଗାଁ ବ୍ଲକର ୧୫ଟି କ୍ଲଷ୍ଟରରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣକରି ବିଭିନ୍ନ ବିଭାଗରେ ପୁରସ୍କୃତ ହୋଇଛନ୍ତି । ୪ର୍ଥରୁ ୭ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ,



ବକ୍ତୃତା, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ୮ମରୁ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳନ ଲିଖନ, ବକ୍ତୃତା, ସଙ୍ଗୀତ ୪ର୍ଥରୁ ୮ମ ପାଇଁ ପିଏମ୍ ପୋଷଣ ଚିତ୍ରକଳା ଓ ଶିଳ୍ପକଳାରେ ଛାତ୍ରଛାତ୍ରୀ ଭାଗନେଇଥିଲେ । ୪ର୍ଥରୁ ୧୦ମ ଛାତ୍ରଛାତ୍ରୀଙ୍କ ପାଇଁ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୋରପିଠା ଜନତା ନୋଡାଲ ଉଚ୍ଚବିଦ୍ୟାଳୟଠାରେ ଆୟୋଜିତ ସୁରଭି ପ୍ରତିଯୋଗିତାରେ କୁଶଢିପି ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପରମାନନ୍ଦ ସ୍ୱାଇଁ ମଞ୍ଚ ପରିଚାଳନା କରିଥିବାବେଳେ ସ୍ଥାନୀୟ ସରପଞ୍ଚ ପବିତ୍ର କୁମାର ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ଦ୍ୱିତିକୃଷ୍ଣ ମିଶ୍ର, ପରିଚାଳନା କମିଟି ସଭାପତି ରବି କୁମାର ସାହୁ, ଆମ୍ବୋରାପୁର ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ଷଡ଼ଙ୍ଗୀ, ବାଉଁଶଗାଡ଼ିଆ ଭୀମସେନ କୃଷି ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ମଙ୍ଗରାଜ, ସିଆର୍‌ସିସି ବିଭୂତି ଭୂଷଣ ଘଡେଇ, ସମ୍ବାଦ ପ୍ରତିନିଧି ସୁନିଲ କୁମାର ପଟ୍ଟନାୟକ, ନିତିଦିନ ପ୍ରତିନିଧି ଗଣେଶ୍ୱର ସାହୁ ଯୋଗ ଦେଇଥିଲେ । ସେହିପରି ଭାଲିଆଡ଼ିହି, କୁରାଳ, କୋମଣ୍ଡ, ସୁନାମୁହିଁ, ବାଉଁଶଗାଡ଼ିଆ, ନନ୍ଦିଘୋର, ଓଡ଼ଗାଁ, ଗୌଡ଼ପୁଟ, ଶରଣକୁଳ, ଆଙ୍ଗିସିଙ୍ଗି, ବଡ଼କୁଟୁଣୀ, ଗୋଡ଼ିପଡ଼ା, ସୋଲପଟା ଓ କଲ୍ୟାଣପୁର ସମେତ ୧୫ଟି କ୍ଲଷ୍ଟରରେ ଶିଶୁମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଥିଲା । କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତୀମାନେ ଆସନ୍ତା ୮ତାରିଖରେ ହେବାକୁ ଥିବା ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି ।


# ସାଲେପୁର ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

**ସାଲେପୁର,୧।୧୦/ଏନ୍ଏନ୍ଏସ୍:** ସାଲେପୁର ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୪ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ସାଲେପୁର ହାଇସ୍କୁଲ ଅଡିଟୋରୀୟମ ହଲରେ ଅନୁଷ୍ଠିତ ଉଦଯାପନି ଉତ୍ସବରେ ସାଲେପୁର ମଣ୍ଡଳ ଶିକ୍ଷା ଅଧିକାରୀ ଲକ୍ଷେ ହୀରା ଲାବଣ୍ୟବତୀ ବେହେରା ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥି ରୂପେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗ ଦେଇ ପିଲାମାନେ ପାଠ ପଢ଼ିବା ସହିତ ସଙ୍ଗୀତ, ନୃତ୍ୟ, ବକ୍ତୃତା, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରକାର ଆକ୍ଟିଭିଟି ରେ ରୁଚି ରଖିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ



ମୁଖ୍ୟ ବକ୍ତା ଭାବେ ସାଲେପୁର ପଞ୍ଚାୟତ ସମିତି ଅଧକ୍ଷ ରାମଚନ୍ଦ୍ର ଭୋଇ, ସମ୍ମାନିତ ଅତିଥି ଭାବେ ଟାଙ୍ଗୀ ମଣ୍ଡଳ ଶିକ୍ଷା ଅଧିକାରୀ କୁନ୍ତଳା ଖଟୁଆ, ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ଜଗବନ୍ଧୁ ଶତପଥୀ, ସାଲେପୁର ଅତିରିକ୍ତ ଶିକ୍ଷା ଅଧିକାରୀ ଅଶୋକ କୁମାର ପତି ଯୋଗଦେଇଥିଲେ ।ସାଲେପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ପ୍ରବନ୍ଧ, ତର୍କ, ବକ୍ତୃତା, ସୃଜନଶୀଳ ଲିଖନ, ଡ୍ରଇଂ, ଚିତ୍ରକଳା, ଲୋକନୃତ୍ୟ ପ୍ରତିଯୋଗିତାରେ ୧୯ଟି କ୍ଲଷ୍ଟରରୁ ୩୯୧ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ବେହେରା ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଜାକି ଅମିନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସିଆର୍‌ସିସି ଅନ୍ତର୍ଯ୍ୟାମୀ ଭୋଳ, ଭରତ ଚରଣ ବାରିକ, ପ୍ରଭାତ କୁମାର ବେହେରା, ସମରେନ୍ଦ୍ର ପଣ୍ଡା, ଅଫଜଲ ହୁସେନ, ରଞ୍ଜନ ମୋହନ ବେହେରା, ଶିବ ଶଙ୍କର ସ୍ୱାଇଁ, ବିଜୟ କୁମାର ଦାସ, ମାନସ ରଞ୍ଜନ ପଣ୍ଡା, ମାନସ କୁମାର ରାଉତ,ଅଭୟ କୁମାର ବେହେରା, ରଞ୍ଜନ ବେହେରା, ଗୌର ଚରଣ ବେହେରା, ହୃଷିକେଶ ମହାରଣା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

DADLS-36



ଓଡ଼ିଶା ସରକାର

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୨ ଅକ୍ଟୋବର, ୨୦୨୪

ସକାଳ ଘ.୮.୪୦ମି.– ପ୍ରାର୍ଥନା ସଭା — ଓଡ଼ିଶା ବିଧାନସଭା ପ୍ରାଙ୍ଗଣ

ପବିତ୍ର ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ତା.୨.୧୦.୨୦୨୪ରିଖ ସକାଳ ଘ.୮.୪୦ମି. ସମୟରେ ବିଧାନସଭା ପ୍ରାଙ୍ଗଣସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ ।

ଏହି ପ୍ରାର୍ଥନା ସଭାରେ
ଶ୍ରୀଯୁକ୍ତ ରଘୁବର ଦାସ, ମାନ୍ୟବର ରାଜ୍ୟପାଳ
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ, ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀମତୀ ସୁରମା ପାଢ଼ୀ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ଭବାନୀ ଶଙ୍କର ଭୋଇ, ମାନ୍ୟବର ଉପବାଚସ୍ପତି, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ମୁକେଶ ମହାଲିଙ୍ଗ, ମାନ୍ୟବର ମନ୍ତ୍ରୀ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି
ଏବଂ ରାଜ୍ୟ ମନ୍ତ୍ରୀମଣ୍ଡଳର ମାନ୍ୟବର ମନ୍ତ୍ରୀଗଣ, ସାଂସଦ ଓ ବିଧାୟକବୃନ୍ଦ ଯୋଗଦେବେ ।

ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର, ଭୁବନେଶ୍ୱରର କଳାକାରମାନଙ୍କ ଦ୍ୱାରା ଆଶ୍ରମ ଭଜନ ଓ ରାମଧୂନ୍ ପରିବେଷଣ

ପୂର୍ବାହ୍ନ ୯ ଘଟିକା – ଗାନ୍ଧୀ ସ୍ମୃତିପୀଠ, ତେଲେଙ୍ଗାପେଣ୍ଠ, କଟକ
ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ
ମୁଖ୍ୟ ଅତିଥି– ଶ୍ରୀଯୁକ୍ତ ମୋହନ ଚରଣ ମାଝୀ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଅପରାହ୍ନ ଘ.୫.୪୫ ମିନିଟ୍ — ଜୟଦେବ ଭବନ, ଭୁବନେଶ୍ୱର
'ଓଡ଼ିଶାରେ ଗାନ୍ଧିଜୀ' ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀ
ମାନ୍ୟବର ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ

ସନ୍ଧ୍ୟା ୬ ଘଟିକା
'ଗାନ୍ଧୀ ଦର୍ଶନ' ସମ୍ପର୍କିତ ଆଲୋଚନା ଚକ୍ର, ଗାନ୍ଧୀ ଭଜନ ପରିବେଷଣ
ମୁଖ୍ୟ ଅତିଥି– ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ, ମାନ୍ୟବର ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ ବିଭାଗ, ଓଡ଼ିଶା
ସମ୍ମାନନୀୟ ଅତିଥି–ଶ୍ରୀଯୁକ୍ତ ବାବୁ ସିଂହ, ମାନ୍ୟବର ବିଧାୟକ, ଏକାମ୍ର, ଭୁବନେଶ୍ୱର
ସଭାପତି – ଶ୍ରୀଯୁକ୍ତ ସଂଜୟ କୁମାର ସିଂହ, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
ମୁଖ୍ୟବକ୍ତା– ଶ୍ରୀଯୁକ୍ତ ଗୌରାଙ୍ଗ ଚରଣ ପରିଡ଼ା, ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଏବଂ ଲେଖକ
ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଗାନ୍ଧୀ ଭଜନ ପରିବେଷଣ ।

ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ବିନମ୍ର ନିବେଦନ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0224/2425


**ନିତି ଭାରତୀ**

କେବଳ ଆମ ପାଇଁ ନୁହେଁ, ସମଗ୍ର ବିଶ୍ୱର ଲୋକମାନଙ୍କ ପାଇଁ ଆମେ ଶାନ୍ତି ଓ ଶାନ୍ତିପୂର୍ଣ୍ଣ ବିକାଶରେ ବିଶ୍ୱାସ କରୁ।
- ଲାଲ୍ ବାହାଦୁର ଶାସ୍ତ୍ରୀ

ନିତିଦିନ NITIDIN
ବୁଧବାର, ୨ ଅକ୍ଟୋବର, ୨୦୨୪

# ଗାନ୍ଧୀ ଓ ଗଣତନ୍ତ୍ର

ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ ମହାତ୍ମା ଗାନ୍ଧୀ। ଜଣେ ଧର୍ମପ୍ରାଣ ତଥା ଧର୍ମନିରପେକ୍ଷ ନୀତିନିଷ୍ଠ ସନ୍ଥ। କେବଳ ସନ୍ଥ ନୁହନ୍ତି ସେ ଥିଲେ ଜଣେ ଅନୁଭୂତିସମ୍ପନ୍ନ ପ୍ରୟୋଗବାଦୀ ରାଜନୀତିଜ୍ଞ ଓ ବିପ୍ଳବୀ ଜନନାୟକ। ପିଲାଟି ଦିନରୁ ତାଙ୍କୁ ପ୍ରଭାବିତ କରିଥିଲା ମର୍ଯ୍ୟାଦା ପୁରୁଷ ଶ୍ରୀରାମଚନ୍ଦ୍ରଙ୍କ ତ୍ୟାଗପୂତ ଜୀବନ ଓ ରାଜନୈତିକ ମୂଲ୍ୟବୋଧ। ତେଣୁ ସ୍ୱାଧୀନତା ଆନ୍ଦୋଳନ ବେଳେ ସେ ଯେଉଁ ସ୍ୱରାଜ୍ୟର ସ୍ୱପ୍ନ ଦେଖିଥିଲେ, ତାହା ହିଁ ଥିଲା ଏକ ରାମ ରାଜ୍ୟର ପରିକଳ୍ପନା। ରାମ ରାଜ୍ୟରେ ସୁ-ଶାସନ ଥିଲେ ବି ସେଥିରେ ନଥିଲା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା। ତେଣୁ ସେ ସାମାଜିକ ନ୍ୟାୟକୁ ଆଖି ଆଗରେ ରଖି ଆଙ୍କିଲେ ସ୍ୱରାଜ୍ୟର ନକ୍ସା। ସେ ଜାଣିଥିଲେ ଗଣତନ୍ତ୍ର ହିଁ ସବୁଠାରୁ ଭଲ ଶାସନ ବ୍ୟବସ୍ଥା, ଯାହାକୁ କୁହାଯାଏ ସାମାଜିକ ନ୍ୟାୟର ଏକ ଫୁଲ ବଗିଚା। ଗଣତନ୍ତ୍ରର ସଂଜ୍ଞା ପ୍ରଦନା କରିବାକୁ ଯାଇ ସେ କହିଥିଲେ, ପ୍ରତ୍ୟେକ ମଣିଷ ସମାନ ଓ ସ୍ୱୟଂଶାସିତ ହେବା ପାଇଁ ସକ୍ଷମ ହେବାର ବିଶ୍ୱାସ ଓ ବ୍ୟବସ୍ଥା ହିଁ ଗଣତନ୍ତ୍ର। ଏହା କିଛି ସ୍ୱେଚ୍ଛାଚାରିତା ନୁହେଁ, ବରଂ ଆତ୍ମ ସୁ-ପରିଚାଳନାର ଏକ ସହଜ



ପ୍ରଫୁଲ୍ଲ କୁମାର ସାହୁ

ଓ ସରଳ ମାର୍ଗ। ଏହି କ୍ରମରେ ସ୍ୱରାଜ୍ୟର ବ୍ୟାଖ୍ୟା କରିବାକୁ ଯାଇ ସେ କହିଥିଲେ, ବିଦେଶୀ ଶାସନରୁ ମୁକ୍ତି କିମ୍ବା ମୁଷ୍ଟିମେୟ ଲୋକଙ୍କ କ୍ଷମତା ପ୍ରାପ୍ତି କେବେ ସ୍ୱରାଜ୍ୟ ନୁହେଁ, ଏହା ହେଉଛି ନେତା ଓ ଜନତାଙ୍କ ମଧ୍ୟରେ ପାରସ୍ପରିକ ନିର୍ଭରଶୀଳତା। ତାଙ୍କ ମତରେ- ସ୍ୱରାଜ୍ୟ ଏକ ବୈଦିକ ଶବ୍ଦ, ଯାହାର ଅର୍ଥ, ନିଜ ଉପରେ ନିଜେ ଶାସନ କରିବା। ଆପଣଙ୍କ ଉପରେ ମୋର ଶାସନ କିମ୍ବା ମୋ ଉପରେ ଆପଣଙ୍କ ଶାସନ ନୁହେଁ, ଆମ ଉପରେ ଆମ ଶାସନ ହିଁ ସ୍ୱରାଜ୍ୟ।

ଦେଶ ସ୍ୱାଧୀନ ହେଲା ବେଳକୁ କେବଳ ଜନମାନସରେ ନୁହେଁ, ଭାରତର ପାଣି ପବନରେ ବି ଭରି ହୋଇ ରହିଥିଲେ ଗାନ୍ଧୀ। ଗାନ୍ଧୀ କହିଲେ ଦେଶ କାନ ଡେରି ଶୁଣୁଥିଲା ଏବଂ ଗାନ୍ଧୀ ରୁଷିଲେ ପ୍ରମାଦ ଗଣୁଥିଲା ଦେଶ। ତେଣୁ ଗାନ୍ଧୀଙ୍କ ବିଚାରଧାରାକୁ ଆଖି ଆଗରେ ରଖି ସମ୍ବିଧାନର ମୁଖବନ୍ଧରେ ସ୍ଥାପନ କରାଗଲା ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ ଆଦି ପ୍ରସଙ୍ଗ। ସମ୍ବିଧାନର ପ୍ରାଣବନ୍ତ ରୂପକାର ଡକ୍ଟର ବିଆର୍ ଆମ୍ବେଦକରଙ୍କ ବଳିଷ୍ଠ ନେତୃତ୍ୱରେ ସମ୍ବିଧାନ ସଭାରେ ଉପରୋକ୍ତ ତ୍ରିମୂର୍ତ୍ତି ସମ୍ପର୍କରେ ଆଲୋଚନା ହୋଇ ସର୍ବସମ୍ମତିକ୍ରମେ ଗୃହୀତ ହେବା ପରେ ମହାତ୍ମା ଗାନ୍ଧୀ କି ଜୟ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଗୃହ। ଗଣତନ୍ତ୍ର ହେଉଛି ଏକ ପ୍ରତିନିଧିମୂଳକ ଉତ୍ତରଦାୟୀ ଶାସନ ବ୍ୟବସ୍ଥା। ଏହି ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ନିର୍ବାଚନ ପ୍ରକ୍ରିୟାର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ତେଣୁ ନିର୍ବାଚନ ପରିଚାଳନା ପାଇଁ ଗଢ଼ା ହେଲା ନିର୍ବାଚନ ଆୟୋଗ। ଦେଶର ପ୍ରଥମ ନିର୍ବାଚନ ଆୟୁକ୍ତ ଥିଲେ ସୁକୁମାର ସେନ୍। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା ଦୁଇଟି ସ୍ୱଚ୍ଛ, ଅବାଧ ଓ ମୁକ୍ତ ନିର୍ବାଚନ। ପରବର୍ତ୍ତୀ ସମୟରେ ଦେଶର ଦଶମ ନିର୍ବାଚନ ଆୟୁକ୍ତ ଟିଏନ୍ ଶେଷାନ୍ (୧୯୯୦-୯୬) ଥିଲେ ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନାର ପ୍ରତୀକ। ତାଙ୍କ ଦ୍ୱାରା ଅନୁସୃତ କାର୍ଯ୍ୟଧାରା ଓ ଶୈଳୀ କ୍ଷମତା କେନ୍ଦ୍ରର ଅସହ୍ୟ ହେବାରୁ ବଦଳିଲା ବ୍ୟବସ୍ଥା, ଯାହାର ପରିଣତି ସ୍ୱରୂପ ବଢ଼ି ଚାଲିଛି କଳାଟଙ୍କା ଓ ବାହୁବଳର ପ୍ରୟୋଗ। ଅଥଚ ନିର୍ବାଚନ ଆୟୋଗଙ୍କୁ ଘେରି ରହିଛି ଏକ ଶୀତଳ ଅଥର୍ବ ନିରବତା।

ଗାନ୍ଧିଜୀ ଯେଉଁ ଗଣତନ୍ତ୍ରର ପରିକଳ୍ପନା କରିଥିଲେ, ତାହା ଥିଲା ଲୋକମତ ଦ୍ୱାରା ପ୍ରତିଷ୍ଠିତ ଏକ ସର୍ବୋତ୍ତମ ଶାସନ ବ୍ୟବସ୍ଥା। ସେଥିରେ ନଥିଲା ଲୋକଙ୍କୁ ଭଣ୍ଡେଇ, ତଣ୍ଡେଇ ବା ଭୟ ଦେଖେଇ ଶାସନ କରିବା ନୀତି। ସେଥିପାଇଁ ଉତ୍କଳମଣି ଗୋପବନ୍ଧୁ ଦାସ ଲେଖିଥିଲେ- 'ଡରାଇ ଶାସିବା ନୀତି ଭାଙ୍ଗିଯିବ/ ପ୍ରଜାଙ୍କ ମତରେ ଶାସନ ଚାଲିବ/ ଏହି ନବଯୁଗ ଆଣିବା ସକାଶେ/ ଗାନ୍ଧୀ ରହିଛନ୍ତି ସିନା କାରାବାସେ।' ଗାନ୍ଧିଜୀ କହୁଥିଲେ, ସ୍ୱରାଜ୍ୟରେ ଚାଲିବ ଲୋକମାନଙ୍କର ଶାସନ। ଏଠାରେ ସାଧାରଣ ନାଗରିକଟିଏ ହେବ ଅସାଧାରଣ କ୍ଷମତାର ଅଧିକାରୀ। ପ୍ରୟୋଗଶାଳାରେ ଏବେ ଏହା କେବଳ ଏକ ପୋଥିଗତ ଦୁଃଖଦ ଅନୁଭବ। ନିର୍ବାଚନ ଆସିଲେ ଆରମ୍ଭ ହୋଇଯାଉଛି ଉଦ୍‌ଘାଟନ ଓ ଶିଳାନ୍ୟାସ ପର୍ବ। ସବୁ ରାଜନୈତିକ ଦଳ ନିଜ ନିଜ ନିର୍ବାଚନ ଇସ୍ତାହାରରେ ଅଜାଡ଼ି ଦେଉଛନ୍ତି ଅଜସ୍ର ପ୍ରତିଶ୍ରୁତି। ଲୋକଙ୍କୁ ପ୍ରଭାବିତ କରି ଭୋଟ୍ ହାତେଇବା ପାଇଁ ପ୍ରାୟତଃ ପ୍ରତ୍ୟେକ ପ୍ରାର୍ଥୀ ପ୍ରୟୋଗ କରୁଛନ୍ତି ନୂଆ ନୂଆ ରଣକୌଶଳ। ଏହି ବିଡ଼ମ୍ବିତ ସତ୍ୟ ଯୋଗୁଁ ପ୍ରହସନରେ ପରିଣତ ହେଲାଣି ବିବେକାନୁମୋଦିତ ଭୋଟ୍‌ଦାନ ବ୍ୟବସ୍ଥା। ଗଣତନ୍ତ୍ର ମନ୍ଦିରକୁ କବ୍‌ଜା କରି ନେଲେଣି ଭ୍ରଷ୍ଟାଚାରର ପ୍ରାୟୋଜକ, ଆୟୋଜକ ଓ ବାହୁବଳୀମାନେ।

ଗାନ୍ଧିଜୀଙ୍କ ମତରେ, ଗଣତନ୍ତ୍ର କେବଳ ନିର୍ବାଚନସର୍ବସ୍ୱ ନୁହେଁ, ଏହା ଏକ ନୈତିକ ବିଚାରଧାରା। ଏହା ଟେକିଥିବା ହାତ ଓ ପଡ଼ିଥିବା ହାତର ମୁଣ୍ଡ ଗଣତି କିମ୍ବା ୫୧ ଓ ୪୯ର ନାଟକ ନୁହେଁ, ବରଂ ଏକ ଜୀବନ ଦର୍ଶନ। ଗଣତନ୍ତ୍ରରେ ନିର୍ବାଚନରେ ଜିତିବା ହାରିବା ବଡ଼କଥା ନୁହେଁ, ବଡ଼କଥା ହେଉଛି, ରାଜନୈତିକ ଉଚ୍ଚାରଣ ଓ ଆଚରଣ ବା ଗଣତାନ୍ତ୍ରିକ ନୀତି ଓ ଆଦର୍ଶ ପ୍ରତି ଅଙ୍ଗୀକାରବଦ୍ଧତା। ପରସ୍ପରର ଦୃଷ୍ଟିକୋଣ ପ୍ରତି ସହନଶୀଳତା ଓ ପାରସ୍ପରିକ ବୁଝାମଣା ଭିତ୍ତିରେ ସମସ୍ୟାର ସମାଧାନ କରିବା ହେଉଛି ଗଣତନ୍ତ୍ରର ମୂଳକଥା। ତେଣୁ ଗଣତନ୍ତ୍ରର ଭାଷା ହେଉଛି ମୈତ୍ରୀର ଭାଷା। ସହଯୋଗ ଓ ସହାନୁଭବର ଭାଷା। ସମ ପର୍ଯ୍ୟାୟରେ ସମାନ ଆସନରେ ବସି ପରସ୍ପର ସହିତ ଅନ୍ତରଙ୍ଗ ଆଳାପ ହେଉଛି ଗଣତନ୍ତ୍ରର ଲକ୍ଷ୍ୟ। ଜଣେ ନେତା ନିଜ ଦଳର ବିଚାରର ବଳିଷ୍ଠତା ଓ ପ୍ରତିପକ୍ଷ ଦଳର ବିଚାରର ଅସାରତା ପ୍ରତିପାଦନ କରିବା ପାଇଁ ଶବ୍ଦର ତୀକ୍ଷ୍ଣ ଶର ପ୍ରୟୋଗ କରିପାରେ, କିନ୍ତୁ ଉଲ୍ଲଙ୍ଘନ କରି ପାରିବନି ଭାଷାର ମର୍ଯ୍ୟାଦା। ଏହି ଦୃଷ୍ଟିରୁ ସ୍ୱାଧୀନତା ପ୍ରାପ୍ତିର ପ୍ରାୟତଃ ଚାରି ଦଶନ୍ଧି ପର୍ଯ୍ୟନ୍ତ ରାଜନେତାମାନଙ୍କର ଆଚରଣ ଓ ଉଚ୍ଚାରଣ ଥିଲା



ଖୁବ୍ ଉଚ୍ଚ ମାନର। ସେତେବେଳେ ଅଧିକାଂଶ ରାଜନେତା ଥିଲେ ସ୍ୱାଧୀନତା ସଂଗ୍ରାମୀ ଓ ଗାନ୍ଧିବାଦୀ। ଗଣତାନ୍ତ୍ରିକ ମୂଲ୍ୟବୋଧ ଥିଲା ସେମାନଙ୍କ ବ୍ୟକ୍ତିତ୍ୱର ପରିଚୟ ଓ ପ୍ରତିଷ୍ଠା। ପ୍ରତିନିଧି ସଭାରେ ସେମାନେ ପରସ୍ପର ବିରୋଧରେ ଅକାଟ୍ୟ ଯୁକ୍ତି ରଖୁଥିଲେ ସତ, କିନ୍ତୁ ସେମାନଙ୍କର ବିତର୍କ ଥିଲା ଖୁବ୍ ଉଚ୍ଚ ମାନର। ପରବର୍ତ୍ତୀ ସମୟରେ ନିର୍ବାଚନ ଅର୍ଥସର୍ବସ୍ୱ ହୋଇ ପଡ଼ିବା କାରଣରୁ ଗଣତାନ୍ତ୍ରିକ ମୂଲ୍ୟବୋଧର ଅବକ୍ଷୟ ସାଙ୍ଗକୁ ସମଷ୍ଟିଗତ ଅହଂର ଉପଦ୍ରବରେ ନଷ୍ଟ ହେଲା ପ୍ରତିନିଧି ସଭାର ସୁସ୍ଥ ପରମ୍ପରା। ସଂଖ୍ୟାର ଅହଙ୍କାର ଓ ଔଦ୍ଧତ୍ୟ ବଳରେ ଚାପି ଦିଆଗଲା ଅଳ୍ପମତର ସ୍ୱର। ଗାନ୍ଧିଜୀ କହିଥିଲେ, ବହୁମତର ଶାସନ ହେଉଛି ଏକ ମତ୍ତହସ୍ତୀ, ଯାହାର ଅଙ୍କୁଶ ହେଉଛି ବିରୋଧୀଙ୍କ ସମାଲୋଚନା। ତାଙ୍କ ମତରେ, 'ଜଣେ ଅନ୍ୟର କଥାର କୌଣସି ସତ୍ୟ ସହ ଏକମତ ନ ହୋଇପାରେ, କିନ୍ତୁ ପ୍ରତିପକ୍ଷଙ୍କ କହିବାର ଅଧିକାରକୁ ସୁରକ୍ଷା ଓ ସମ୍ମାନ ଦେବା ତାଙ୍କର ନୈତିକ କର୍ତ୍ତବ୍ୟ।' ଦୁର୍ଭାଗ୍ୟର ବିଷୟ, ଏବେ ସଂସଦରେ ବିତର୍କ ଆଳରେ କେବେ ଦଙ୍ଗା ହଙ୍ଗାମା ହେଉଛି ତ ଆଉ କେତେବେଳେ ବିନା ଆଲୋଚନାରେ ଗୃହୀତ ହେଉଛି ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍। ସରକାରଙ୍କର କୌଣସି ଜନବିରୋଧୀ ନିଷ୍ପତ୍ତି ବିରୋଧରେ ସ୍ୱର ଉଠେଇଲେ ଲଗେଇ ଦିଆଯାଉଛି ଦେଶଦ୍ରୋହୀର ମୋହର।

ଗାନ୍ଧିଜୀ ଯେଉଁ ରାମ ରାଜ୍ୟର ସ୍ୱପ୍ନ ଦେଖିଥିଲେ, ତାହା ଥିଲା ଏକ ଅହିଂସା ଭିତ୍ତିକ ରାଷ୍ଟ୍ରର ପରିକଳ୍ପନା। ତାଙ୍କ ମତରେ, ହିଂସା ହିଁ ଅନ୍ୟାୟ ଅନୀତିର ମୂଳ କାରଣ। ଗ୍ରାମ ସ୍ୱରାଜ୍ୟର ବ୍ୟାଖ୍ୟା କରିବାକୁ ଯାଇ ସେ କହିଥିଲେ- ପ୍ରତ୍ୟେକ ଗ୍ରାମ ହେବ ସ୍ୱୟଂସମ୍ପନ୍ନ ଓ ଭେଦଭାବ ରହିତ ତଥା ସତ୍ୟ, ଅହିଂସା ଶକ୍ତିର ବାହକ। ଏବେ କିନ୍ତୁ ଭୋଟ୍ ରାଜନୀତିକୁ କେନ୍ଦ୍ର କରି ଗାଁକୁ ଘେରି ରହିଛି ହିଂସା ଓ ଅସହିଷ୍ଣୁତାର ବାତାବରଣ। ରାଜନୀତିକୁ କେନ୍ଦ୍ର କରି ଗାଁ ହରେଇ ସାରିଛି ତା'ର ସହଯୋଗ ଓ ସହାବସ୍ଥାନର ଦୁର୍ଲଭ ଐଶ୍ୱର୍ଯ୍ୟ। ଗାନ୍ଧିଜୀ କହୁଥିଲେ, ସ୍ୱରାଜ୍ୟରେ ରହିବନି ନେତା ଓ ଜନତାଙ୍କ ଭିତରେ ଫରକ। ଅଥଚ ଲୋକ ପ୍ରତିନିଧିମାନେ ନିଜକୁ ଅସାଧାରଣ ବୋଲି ଭାବୁଛନ୍ତି; ସ୍ୱତନ୍ତ୍ର ସୁବିଧା ସୁଯୋଗ ଉପଭୋଗ କରୁଛନ୍ତି ଏବଂ ବିରାଟ ପଟୁଆରରେ ଯାଉଛନ୍ତି, ଯେମିତି ଯାଆନ୍ତି ରାଜା ମହାରାଜାମାନେ। ଦେଶରେ ଏବେ ବଢୁଛି ଧନୀ ଦରିଦ୍ର ମଧ୍ୟରେ ଫରକ। ଅଥଚ ଧନ କୁବେରମାନଙ୍କୁ ମିଳୁଛି ଟିକସ ରିହାତି ଓ ଋଣଛାଡ଼ ସୁବିଧା। ଅନ୍ୟ ପକ୍ଷରେ, ଦରିଦ୍ରମାନଙ୍କୁ ନିକମା କରି ରଖିବା ପାଇଁ କାର୍ଯ୍ୟକାରୀ ହେଉଛି ଭଳିକି ଭଳିକି ମାଗଣା ବଣ୍ଟା ଯୋଜନା।

ବହୁବାଦ, ମତବାଦ, ଗୋଷ୍ଠୀ ଓ ସମ୍ପ୍ରଦାୟର ଏକ ବିଚିତ୍ର ସମାହାର ହେଉଛି ଭାରତୀୟ ଗଣତନ୍ତ୍ର। ସେଥିପାଇଁ ସ୍ୱାଧୀନତାର ବହୁ ପୂର୍ବରୁ ଗାନ୍ଧିଜୀ କହିଥିଲେ, ସ୍ୱରାଜ୍ୟ ହେବ ଏକ ସର୍ବଧର୍ମ ସମନ୍ୱୟର ମଞ୍ଚ। ଏଠାରେ ଅସ୍ପୃଶ୍ୟତା ବୋଲି କିଛି ରହିବନି ଏବଂ ସମ୍ପୂର୍ଣ୍ଣ ନିବାରିତ ହେବ ନିଶା। ବିଡ଼ମ୍ବନାର ବିଷୟ, ରାଜସ୍ୱ ଆୟ ବଢ଼େଇବା ପାଇଁ ଏବେ ସରକାରଙ୍କ ପାଇଁ ମଦ ସାଜିଛି ପ୍ରଗତି ରଥର ଘୋଡ଼ା। ସ୍ୱାଧୀନତା ପୂର୍ବରୁ ସାମ୍ପ୍ରଦାୟିକ ବିଭେଦତାର ଯେଉଁ ମନସ୍ତାତ୍ତ୍ୱିକ ବୀଜ ବପନ କରା ଯାଇଥିଲା, ତାହା ଏବେ ଡାଳ ପତ୍ର ମେଲି ପ୍ରସରି ଚାଲିଛି ସବୁ ପକ୍ଷଙ୍କ ସଯତ୍ନ ପ୍ରୟାସରେ। ଅତଏବ, ଭାରତ ଏବେ କେବଳ ଗଣତନ୍ତ୍ରର ମୁଖା ପିନ୍ଧିଛି, ଯେଉଁ ମୁଖା ତଳେ ଲୁଚିଛି ଦଳତନ୍ତ୍ର, ବ୍ୟକ୍ତିତନ୍ତ୍ର ଓ ଭୋଗତନ୍ତ୍ରର କଦର୍ଯ୍ୟ ଚେହେରା।●

**ଅବସରପ୍ରାପ୍ତ ଅଧ୍ୟକ୍ଷ**
**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ଉଦୟନିଧିଙ୍କ ଉତ୍ଥାନ


ଉଦୟନିଧି ଷ୍ଟାଲିନ୍‌ଙ୍କ କଥା ମନେ ପଡୁଛି ? ତାମିଲନାଡୁର ସେଇ ଉଦୟନିଧି ଯିଏ ଗତ ବର୍ଷ ସନାତନ ଧର୍ମ ଉପରେ ଏକ ବିବାଦୀୟ ମନ୍ତବ୍ୟ ପ୍ରଦାନ କରି ସାରା ଦେଶରେ ଚର୍ଚ୍ଚାକୁ ଆସିଥିଲେ। ଏବେ ତାଙ୍କର ହୋଇଛି ପଦୋନ୍ନତି। ବେଶ୍ କିଛି ସଂଖ୍ୟକ ଫୁଲତୋଡ଼ା ଓ ପ୍ରତିବାଦ ଭିତରେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ତାଙ୍କ ସୁପୁତ୍ର ଉଦୟନିଧିଙ୍କୁ ନିଜ ମନ୍ତ୍ରିମଣ୍ଡଳରେ ଉପମୁଖ୍ୟମନ୍ତ୍ରୀ ଭାବରେ ଘୋଷଣା କରିଛନ୍ତି। ଉଦୟନିଧି ତାମିଲନାଡୁରେ ୨୦୨୨ ଡିସେମ୍ବରରୁ ଜଣେ ମନ୍ତ୍ରୀ ଭାବରେ କାର୍ଯ୍ୟ କରି ଆସୁଛନ୍ତି। ତାଙ୍କର ଏପରି ଉତ୍ଥାନ ବିରୁଦ୍ଧରେ ଯଦିଓ କିଛି ନିନ୍ଦୁକ ସୋସିଆଲ ମିଡିଆ ଏବଂ ଗଣମାଧ୍ୟମର ଅନ୍ୟାନ୍ୟ ମଞ୍ଚରେ ଖୁବ୍ ହୋ ହଲ୍ଲା କରୁଛନ୍ତି, ତେବେ ସେମାନଙ୍କ ଉପରେ ଏହା ହେଉଛି ଏକ ଚତୁର ଏବଂ ବୁଦ୍ଧିମାନ ଆକ୍ରମଣ। ୪୬ ବର୍ଷ ବୟସ୍କ ଡିଏମ୍‌କେ ନେତା ଉଦୟନିଧିଙ୍କର କ୍ୟାବିନେଟ୍ ପଦାନୁକ୍ରମରେ ଉତ୍ଥାନକୁ ନେଇ ଲୋକପ୍ରିୟ ସମାଲୋଚନା ଅଞ୍ଚଳରୁ ସୃଷ୍ଟି ହୋଇଥାଉ କି ଦଳ ଯାହା କିଛି ବି କରୁ, ତାକୁ ସମାଲୋଚନା କରିବାର ମନୋବୃତ୍ତିରୁ- ଏସବୁ କିନ୍ତୁ ଗୋଟିଏ କଥା ପାସୋରି ଯାଉଛି ଯେ ଏହି ସୁଚିନ୍ତିତ ରଣକୌଶଳ ଆଗାମୀ ସମୟରେ ଡିଏମ୍‌କେର ପ୍ରଗତିକୁ ଆଗେଇ ନେବ, ବିଶେଷକରି ବର୍ତ୍ତମାନର ଝଡ଼ଝଞ୍ଜାପୂର୍ଣ୍ଣ ସମୟରେ। ରାଜନୀତି ଆରମ୍ଭ କରୁଥିବା ଲୋକମାନଙ୍କ ପାଇଁ ଉଦୟନିଧି ଷ୍ଟାଲିନ୍ ରାଜନୀତି ହେଉ କି ପ୍ରଶାସନ ସମ୍ପର୍କରେ କିଛି ଜାଣି ନଥିବା ବ୍ୟକ୍ତି ନୁହନ୍ତି। ଉଦାହରଣ ସ୍ୱରୂପ, ଜଣେ ମନ୍ତ୍ରୀ ଭାବରେ ସେ ତାଙ୍କ ପିତାଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ମୁଖ୍ୟମନ୍ତ୍ରୀ କଲ୍ୟାଣ ପାଣ୍ଠି ବିଭାଗର ଦାୟିତ୍ୱରେ ରହି ବିନା କୌଣସି ଉଁ ଚୁଁ କି ଅଭିଯୋଗରେ ଗରିବ ମହିଳାମାନଙ୍କୁ ମାସିକ ଏକ ହଜାର ଟଙ୍କା ଲେଖାଏଁ ଏଯାବତ୍ ପ୍ରଦାନ କରି ଆସିଛନ୍ତି। ରାଜନୀତିକ ପରିସରରେ ମଧ୍ୟ ସେ ଡିଏମ୍‌କେ ଦଳର ଆଦର୍ଶଗତ ମଶାଲ ବାହକ ଭାବରେ ସଫଳତାର ସହିତ କାମ କରି ଆସିଛନ୍ତି, ଯାହାର ଉଦାହରଣ ଭାବରେ ଆଗରୁ କୁହାଯାଇ ସାରିଛି ଯେ ସନାତନ ଧର୍ମ ଉପରେ ମନ୍ତବ୍ୟ ପ୍ରଦାନ କରି ସେ ସାରା ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିବା ସଙ୍ଗେ ସଙ୍ଗେ ଅନେକଙ୍କ ରୋଷକୁ ଆକର୍ଷିତ କରିଥିଲେ। ଏବେ ହୁଏତ ତାଙ୍କୁ ନିଜର କଥାବାର୍ତ୍ତାରେ ଅଧିକ ସଂଯମତା ଆଚରଣ କରିବାକୁ ପଡ଼ିପାରେ, କାରଣ ସେ ଏବେ ତାଙ୍କ ପିତାଙ୍କ ମର୍ଯ୍ୟାଦାର ପର୍ଯ୍ୟାୟକୁ ଉନ୍ନୀତ ହେବା ସହିତ ପରିବାରର ରାଜନୀତିକ ଉତ୍ତରାଧିକାରୀ ହୋଇଛନ୍ତି।

ଦଳ ଭିତରେ ଉଦୟନିଧି ତୃଣମୂଳ ସ୍ତରରେ ନିଜକୁ ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ପ୍ରିୟ ଭାଜନ କରାଇ ପାରିଛନ୍ତି। ଅନ୍ୟଥା, ନିକଟରେ ଦଳୀୟ ସଦସ୍ୟମାନଙ୍କ ନିମନ୍ତେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବୈଠକଗୁଡ଼ିକରେ ତାଙ୍କୁ ଉପମୁଖ୍ୟମନ୍ତ୍ରୀ ପଦକୁ ଉନ୍ନୀତ କରିବା ନିମନ୍ତେ ନିଷ୍ପତ୍ତିଗୁଡ଼ିକ କେମିତି ପାରିତ ହୋଇଥାନ୍ତା ! ଏମିତିକି ଦଳର ଜଣେ ରାଷ୍ଟ୍ରପାହ୍ୟା ପାଇଥିବା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ମଧ୍ୟ ପନ୍ଦର ଦିନ ପୂର୍ବେ ଡିଏମ୍‌କେର ହୀରକ ଜୟନ୍ତୀ ଉତ୍ସବରେ ଖୋଲାଖୋଲି ଉଦୟନିଧିଙ୍କର ଉପମୁଖ୍ୟମନ୍ତ୍ରୀ ହେବାର ସମସ୍ତ ଯୋଗ୍ୟତା ରହିଛି ବୋଲି ଘୋଷଣା କରିଥିଲେ। କଥା ହେଉଛି, ଷ୍ଟାଲିନ୍‌ଙ୍କ ପରେ ଉଦୟନିଧି ସର୍ବାଧିକ ଜନପ୍ରିୟ ନେତା ଭାବରେ ଉଭା ହୋଇ ସାରିଛନ୍ତି ଏବଂ ଦଳର ଶୀର୍ଷ ସ୍ତରର ନେତୃବୃନ୍ଦ ଏହାକୁ ଗ୍ରହଣ କରି ନେଇଛନ୍ତି। ଡିଏମ୍‌କେ- ଯାହା ଧର୍ମନିରପେକ୍ଷତା, ସମାନତା ଏବଂ ସାମାଜିକ ନ୍ୟାୟର ନୀତିଗୁଡ଼ିକୁ କେବଳ ରାଜ୍ୟ ଭିତରେ ନୁହେଁ, ବରଂ ସମଗ୍ର ଦେଶରେ ବଜାୟ ରଖିବାର ଗୁରୁ ଦାୟିତ୍ୱକୁ ନିଜ କାନ୍ଧ ଉପରକୁ ନେଇଛି, ତାହା ଅବଶ୍ୟ ବହୁ ଆଗରୁ ଏହାର ଭବିଷ୍ୟତର ନେତାଙ୍କୁ ବାଛିବାର ଆବଶ୍ୟକତା ରହିଛି, ଯିଏକି ରାଜ୍ୟର ଅଧିକାରଗୁଡ଼ିକୁ ସୁରକ୍ଷା ପ୍ରଦାନ କରିବା ସହିତ ସାମ୍ପ୍ରଦାୟିକ ତତ୍ତ୍ୱମାନଙ୍କୁ ଦୂରେଇ ରଖି ଦଳର ୭୫ ବର୍ଷର ଉତ୍ତରାଧିକାରକୁ ବଜାୟ ରଖିବାକୁ ସୁନିଶ୍ଚିତ କରାଇବା ସଙ୍ଗେ ସଙ୍ଗେ ଏହାକୁ ଆଗକୁ ବହନ କରିନେବେ। ଆଉ ଏହି କାର୍ଯ୍ୟ ଯେ କରାଯାଇ ପାରିଛି, ତାହା ଅନେକ ସଂଖ୍ୟକ ଅସନ୍ତୋଷର ସ୍ୱରକୁ ଦମନ କରି ଉଦୟନିଧି ଷ୍ଟାଲିନ୍‌ଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ପ୍ରଦାନ କରି ପ୍ରଦର୍ଶନ କରାଯାଇଛି।

ଡିଏମ୍‌କେ ଦଳ ବାହାରେ ହୁଏତ ଉଦୟନିଧିଙ୍କର ଅନେକ ଲୋକ ସମାଲୋଚନା କରି ପାରନ୍ତି, କିନ୍ତୁ ଦଳର ନିଜସ୍ୱ କ୍ୟାଡର ଓ କର୍ମୀମାନଙ୍କ ବ୍ୟତୀତ ଅନ୍ୟ କେହି ଦଳର ଭବିଷ୍ୟତର ଜଣେ ଉତ୍ତମ ନେତାଙ୍କୁ ବାଛି ନ ପାରନ୍ତି। କେବଳ ଦଳର ତୃଣମୂଳ ସ୍ତରର କର୍ମକର୍ତ୍ତାମାନଙ୍କ ଅଗ୍ନି ପରୀକ୍ଷାକୁ ଅତିକ୍ରମ କରିବା ପରେ ହିଁ ଜଣେ ନେତା ସେମାନଙ୍କର ହୃଦୟକୁ ଜିଣିପାରେ, ଯାହାକି ଉଦୟନିଧି ହାସଲ କରିବାରେ ସକ୍ଷମ ହୋଇଛନ୍ତି। ଆଉ ଏହା ସେ କରି ପାରିଛନ୍ତି ନିଜ ଦଳର ଆଦର୍ଶବାଦ-ପରିଚାଳିତ କାର୍ଯ୍ୟକ୍ରମଗୁଡ଼ିକରେ ସକ୍ରିୟ ଅଂଶଗ୍ରହଣ ଜରିଆରେ। ସେ ଯେତେବେଳେ ନୂଆ ନୂଆ ରାଜନୀତିର ଦୁନିଆରେ ପାଦ ଥାପୁଥିଲେ, ସେ ସମୟରେ ରାଜ୍ୟରେ ନିଟ୍ (ଏନ୍‌ଇଇଟି) ବିବାଦ ମୁଣ୍ଡ ଟେକୁଥିଲା, କାରଣ ପୂର୍ଣ୍ଣସଂଖ୍ୟା ୧୨୦୦ରୁ ୧୧୭୬ ମାର୍କସ୍ ହାସଲ କରିଥିବା ସତ୍ତ୍ୱେ ଆରିୟାଲୁର ନିବାସୀ ଜଣେ ଝିଅ ଏସ୍ ଅନୀତା ମେଡିକାଲ କଲେଜରେ ନାମ ଲେଖାଇବାରୁ ବଞ୍ଚିତ ହୋଇଥିଲେ ଏବଂ ତାଙ୍କ ମୃତ୍ୟୁରେ ସାରା ରାଜ୍ୟରେ ଦେଖା ଦେଇଥିଲା ଭୀଷଣ ପ୍ରତିବାଦ ଓ ହିଂସାକାଣ୍ଡ। ଏହାପରେ ନିଟ୍ ପରୀକ୍ଷାକୁ ଉଚ୍ଛେଦ କରିବା ନିମନ୍ତେ ଯେଉଁ ଆନ୍ଦୋଳନ ହୋଇଥିଲା, ଉଦୟନିଧି ସେଥିରେ ସାମିଲ ହୋଇଥିଲେ। ବସ୍ତୁତଃ, ଏହି ନବାଗତ ରାଜନେତା ଯେଉଁ ପ୍ରଥମ ପ୍ରତିବାଦରେ ଅଂଶଗ୍ରହଣ କରିଥିଲେ, ତାହା ଥିଲା ସିଏଏ ବିରୁଦ୍ଧରେ, ଯାହା ଡିଏମ୍‌କେ କ୍ୟାଡରମାନଙ୍କୁ ତାଙ୍କର ରାଜନୀତିକ ଆଦର୍ଶଗତ ପ୍ରତିବଦ୍ଧତାକୁ ସ୍ୱୀକୃତି ପ୍ରଦାନ କରିବା ସହିତ ତାଙ୍କୁ ଜଣେ ଗମ୍ଭୀର ରାଜନୀତିକ ନେତା ଭାବରେ ଗ୍ରହଣ କରିବାକୁ ପ୍ରେରଣା ଯୋଗାଇ ଥିଲା। ଆଉ ସେବେଠାରୁ ସେ ନିଜକୁ ଡିଏମ୍‌କେ ନେତୃତ୍ୱର ପ୍ରକୃତ ଉତ୍ତରାଧିକାରୀ ହେବା ନିମନ୍ତେ ଯୋଗ୍ୟ ବ୍ୟକ୍ତି ବୋଲି ବାରମ୍ବାର ପ୍ରମାଣିତ କରି ଆସିଛନ୍ତି। ତେଣୁ ଉଦୟନିଧିଙ୍କ ଉତ୍ଥାନ ଆଦୌ ଆକସ୍ମିକ ନୁହେଁ, ବରଂ ସମୟର କଷଟି ପଥରରେ ପ୍ରମାଣିତ।●

# ସନାତନ ସଂସ୍କୃତିରେ ମହାଳୟାର ମହତ୍ତ୍ୱ

ପରମାତ୍ମା ପରମେଶ୍ୱରଙ୍କ ସୃଷ୍ଟିରେ ମନୁଷ୍ୟ ରୂପ ଧାରଣପୂର୍ବକ ଜନ୍ମ ହେବା ମାତ୍ରକେ ଜୀବ ତ୍ରିଗୁଣାତ୍ମିକା ମାୟାର ବନ୍ଧନରେ ହୋଇଯାଏ ଅନୁବନ୍ଧିତ। କେବଳ ସେତିକି ନୁହେଁ, ତ୍ରିତାପ ଯଥା- ଆଧ୍ୟାତ୍ମିକ, ଆଧିଦୈବିକ ଓ ଆଧିଭୌତିକ ତାପରେ ତାପିତ ହେବା ସହିତ ତିନି ଗୋଟି ଋଣରେ ମଧ୍ୟ ହୋଇଯାଏ ଋଣୀ। ଏହି ଋଣ ସମ୍ପର୍କରେ ଶ୍ରୀମଦ୍ ଭାଗବତ ଏକାଦଶ ସ୍କନ୍ଧ ଷଷ୍ଠ ଅଧ୍ୟାୟରେ କରଭାଜନ ଋଷି ଓ ନିମି ରାଜାଙ୍କ ସମ୍ବାଦରେ କୁହାଯାଇଛି, 'ଦେବତା ଋଷି ପିତୃଭୂତ/ ଯେ ଅବା ଅଟନ୍ତି ଆଗତ/ ସେମାନଙ୍କର କର୍ମ ମାନ/ ନକଲେ ଋଣୀ ହୋନ୍ତି ଜନ।' ସେହିପରି ତୃତୀୟ ସ୍କନ୍ଧ ଚତୁର୍ବିଂଶ ଅଧ୍ୟାୟରେ କର୍ଦ୍ଦମ ମୁନି କପିଳ ଭଗବାନଙ୍କୁ ପୁତ୍ର ରୂପେ



ଅନନ୍ତ ଗୋପାଳ ପଣ୍ଡା

ଲାଭ କରି ଏହି ଋଣତ୍ରୟ ଅର୍ଥାତ୍ ପିତୃଋଣ, ଋଷିଋଣ ଓ ଦେବଋଣରୁ ମୁକ୍ତ ହେଲେ ବୋଲି ଆଶ୍ୱସ୍ତି ଲାଭପୂର୍ବକ କହିଛନ୍ତି, 'ତୁ ପ୍ରଜାପତିଙ୍କର ନାଥ/ ତୁ ଯେ ହୋଇଲୁ ମୋର ସୁତ/ ତୁ ଅବତୀର୍ଣ୍ଣ ହେଲା ମାତ୍ରେ/ ମୋ ଋଣତ୍ରୟ ନାହିଁ ଗାତ୍ରେ/ ପୂର୍ଣ୍ଣ ହୋଇଲା ମନୋରଥ/ ସନ୍ନ୍ୟାସ ମାର୍ଗେ ଏବେ ଚିତ୍ତ।' ଏଥିରୁ ଏହା ସ୍ପଷ୍ଟ ରୂପେ ପ୍ରମାଣିତ ଯେ ମନୁଷ୍ୟ ତା' ଜୀବଦ୍ଦଶାରେ ଏହି ତିନି ଋଣରୁ ମୁକ୍ତ ହେବା ପାଇଁ କର୍ମ କରିବା ଉଚିତ। ଗରୁଡ଼ ପୁରାଣ, ବ୍ରହ୍ମ ପୁରାଣ, ଭବିଷ୍ୟ ପୁରାଣମାନଙ୍କରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଓ ତର୍ପଣ କରିବାର ବିଧାନ ହୋଇଛି ବର୍ଣ୍ଣିତ। ସନାତନ ସଂସ୍କୃତି ଓ ପରମ୍ପରାରେ ପିତାମାତାଙ୍କ ଅବର୍ତ୍ତମାନରେ ସେମାନଙ୍କ ମୃତାହ ତିଥିରେ ଶ୍ରାଦ୍ଧ ଓ ବୈଶ୍ୱଦେବ କରିବା ସହିତ ପିତୃପକ୍ଷରେ ମହାଳୟା ବିଧି ଅନୁସାରେ ଶ୍ରାଦ୍ଧ, ପିଣ୍ଡଦାନ ଓ ତର୍ପଣ କରିବା ପ୍ରତ୍ୟେକ ହିନ୍ଦୁଙ୍କର କର୍ତ୍ତବ୍ୟ। ବ୍ରହ୍ମ ପୁରାଣ ଅନୁଯାୟୀ, ନିଜର ମୃତ ପିତୃ ଓ ମାତୃଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାପୂର୍ବକ କରା ଯାଉଥିବା କର୍ମକୁ ଶ୍ରାଦ୍ଧ କୁହାଯାଏ। ଏହି ଶ୍ରାଦ୍ଧ କର୍ମ ଦ୍ୱାରା ପିତୃପୁରୁଷମାନେ ତୃପ୍ତ ହୋଇଥାନ୍ତି। ଆଶ୍ୱିନ ମାସ କୃଷ୍ଣପକ୍ଷ ପ୍ରତିପଦାଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ପଞ୍ଚଦଶ ଦିବସକୁ ଅପରପକ୍ଷ ବା ପିତୃପକ୍ଷ କୁହାଯାଏ। ଆଶ୍ୱିନ ମାସର ଅମାବାସ୍ୟା ମହାଳୟା ଅମାବାସ୍ୟା ନାମରେ ନାମିତ। ଏହି ପଞ୍ଚଦଶ ଦିବସରେ ନିଜ ନିଜର ପିତୃଙ୍କ ମହାପ୍ରୟାଣ ତିଥିରେ ମହାଳୟା ବିଧିରେ ଶ୍ରାଦ୍ଧ କରିବା ସହିତ ଏହି ପିତୃପକ୍ଷର ପ୍ରତ୍ୟେକ ଦିନ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତର୍ପଣ କରିବାର ବିଧି ଆମ ଶାସ୍ତ୍ରମାନଙ୍କରେ ହୋଇଛି ବର୍ଣ୍ଣିତ। ମହାଳୟା ବିଧିରେ ଅନୁଷ୍ଠିତ ଶ୍ରାଦ୍ଧରେ ପିତୃ ତିନି ପୁରୁଷ ଯଥା- ପିତା, ପିତାମହ, ପ୍ରପିତାମହ, ମାତୃ ତିନି ପୁରୁଷ ଯଥା- ମାତା, ପିତାମହୀ, ପ୍ରପିତାମହୀ ଏବଂ ମାମୁଘର ତିନି ପୁରୁଷ ଯଥା- ମାତାମହ (ଅଜା), ପ୍ରମାତାମହ ଓ ବୃଦ୍ଧ ପ୍ରମାତାମହମାନଙ୍କୁ ପିଣ୍ଡଦାନ କରାଯାଏ। ମହାଳୟା ଶ୍ରାଦ୍ଧ ସମାପନ ପରେ ବୈଶ୍ୱଦେବ କରିବାର ବିଧାନ ମଧ୍ୟ ଶାସ୍ତ୍ରରେ ହୋଇଛି ବର୍ଣ୍ଣିତ।

ମହାଳୟା ବିଧିରେ ଶ୍ରାଦ୍ଧ ଓ ପିଣ୍ଡଦାନ ବ୍ୟତୀତ ପିତୃପକ୍ଷ ବା ଅପରପକ୍ଷର ପଞ୍ଚଦଶ ଦିବସ ବ୍ୟାପି ପିତୃପକ୍ଷ ବା ଅପରପକ୍ଷରେ ଏମାନଙ୍କ ଉଦ୍ଦେଶ୍ୟରେ ତର୍ପଣ କରିବାର ବିଧି ଦେବତା, ଋଷି, ଓ ପିତୃ ପୁରୁଷମାନଙ୍କ ଉଦ୍ଦେଶ୍ୟରେ ତର୍ପଣ କରିବା ବିଧେୟ। ଶାସ୍ତ୍ରରେ ଉଲ୍ଲେଖ କରାଯାଇଅଛି, ପ୍ରତ୍ୟେକ ସନାତନ ଧର୍ମାବଲମ୍ବୀ ପ୍ରତ୍ୟହ ସ୍ନାନ ପରେ ଦେବତା, ଋଷି, ଓ ପିତୃପୁରୁଷମାନଙ୍କ ଉଦ୍ଦେଶ୍ୟରେ ତର୍ପଣ କରିବା ବିଧେୟ। ପରମାତ୍ମା ପରଂବ୍ରହ୍ମଙ୍କଠାରୁ ତ୍ରିଗୁଣ ଭେଦରେ ସୃଷ୍ଟ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ସହିତ ଦେବତାମାନଙ୍କର ଏହି ଜୀବ ଜଗତ ପ୍ରତି ରହିଛି ବିଶେଷ ଅବଦାନ। ତର୍ପଣର ପ୍ରଥମ ପର୍ଯ୍ୟାୟରେ ଏହି ଦେବତାମାନଙ୍କୁ କୃତଜ୍ଞତା ଜ୍ଞାପନ ସ୍ୱରୂପ ତର୍ପଣୋଦକ ମାଧ୍ୟମରେ ତୃପ୍ତ କରାଯାଏ। ସେହି ଦେବତାମାନଙ୍କ ମଧ୍ୟରେ ବ୍ରହ୍ମା, ବିଷ୍ଣୁ, ରୁଦ୍ର, ସୂର୍ଯ୍ୟ, ଅଗ୍ନି, ଯମ ଆଦି ଦେବତାବୃନ୍ଦ ହୋଇଥାନ୍ତି ଅନ୍ତର୍ଭୁକ୍ତ। ଏହି ଦେବତାମାନଙ୍କ ସହିତ ଯକ୍ଷ, ରକ୍ଷ, ପିଶାଚ, ଭୂତ, ବନସ୍ପତି, ସରିତ ଆଦିଙ୍କୁ ମଧ୍ୟ ଏହି ତର୍ପଣୋଦକ ପ୍ରଦାନ କରାଯାଏ। ଏହି ଦେବତାମାନଙ୍କୁ ତର୍ପଣ କରିବା ବେଳେ ପୂର୍ବକୁ ମୁଖ କରିବା ସହିତ ଜଳରେ ଅକ୍ଷତ ସମ୍ମିଶ୍ରିତ କରି ଗୋଟିଏ ଗୋଟିଏ ଥର ଜଳାଞ୍ଜଳି ପ୍ରଦାନ କରାଯାଏ॥

ଦେବତାମାନଙ୍କ ବ୍ୟତୀତ ଋଷିମାନଙ୍କୁ ମଧ୍ୟ ତର୍ପଣ ଉଦକ ପ୍ରଦାନ କରିବାର ବିଧାନ ଆମ ଶାସ୍ତ୍ରମାନଙ୍କରେ ରହିଅଛି। ବେଦପତି ବ୍ରହ୍ମାଙ୍କ ଶରୀରରୁ ଋଷିମାନେ ହୋଇଛନ୍ତି ଉଦ୍ଭବ। ସୃଷ୍ଟିକୁ ବିସ୍ତାରିତ କରିବାରେ ସେମାନଙ୍କର ରହିଛି ଅବଦାନ। ସେହି ଅବଦାନକୁ ସମ୍ମାନ ପ୍ରଦର୍ଶନପୂର୍ବକ ସପ୍ତ ଋଷିଙ୍କୁ ଆବାହନ କରାଯାଇ ତର୍ପଣୋଦକ ଅର୍ପଣ କରାଯାଏ। ସେହି ସପ୍ତ ଋଷି ହେଲେ- ସନକ, ସନନ୍ଦନ, ସନାତନ, କପିଳ, ଆସୁରି, ବୋଢୁ ଓ ପଞ୍ଚଶିଖ। ଏହି ଋଷିମାନଙ୍କୁ ଉତ୍ତରାଭିମୁଖୀ ହୋଇ ଜଳ ଅଞ୍ଜଳି ପ୍ରଦାନ କରାଯାଏ। ପାତ୍ରି ବା କରରେ ଜଳ ସହିତ ଅକ୍ଷତ ମିଶ୍ରିତ କରି ପ୍ରତ୍ୟେକ ଋଷିଙ୍କୁ ଦୁଇ ଦୁଇ ଥର ତର୍ପଣ ଉଦକ କନିଷ୍ଠାଙ୍ଗୁଳି ମୂଳ ଦେଇ ଅର୍ପଣ କରାଯାଏ। ଅର୍ପଣ ସମୟରେ ସେମାନଙ୍କ ନାମ ଉଚ୍ଚାରଣ ସହ 'ସ୍ୱୃପ୍ୟତାଂ' ଉଚ୍ଚାରଣ କରାଯାଏ।

ଦେବତା ଓ ଋଷିଙ୍କ ପରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଭିମୁଖୀ ହୋଇ ତର୍ପଣ କରାଯାଏ। ଏହି ସମୟରେ ପାତ୍ରିରେ ବା ହସ୍ତରେ କୁଶ ଧାରଣ କରାଯାଏ। ଜଳ ସହିତ ରାଶି ଓ ଧବଳ ପୁଷ୍ପକୁ ମଧ୍ୟ ହସ୍ତ ବା ପାତ୍ରିରେ ରଖାଯାଇ ତର୍ପଣ କରିବାର ବିଧାନ ରହିଅଛି। ଏହି ତର୍ପଣ ସମୟରେ ପିତୃ ତିନି ପୁରୁଷ, ମାତୃ ତିନି ପୁରୁଷ, ମାତାମହ (ଅଜା) ତିନି ପୁରୁଷ ଓ ମାତାମହୀ (ଆଈ) ତିନି ପୁରୁଷଙ୍କ ନାମ ଉଚ୍ଚାରଣ ସହିତ ସେମାନଙ୍କ ଗୋତ୍ର ମଧ୍ୟ ଉଚ୍ଚାରଣ କରାଯାଏ। ପରିଶେଷରେ ଭୀଷ୍ମ ଦେବଙ୍କୁ ତର୍ପଣୋଦକ ଅର୍ପଣ କରାଯାଏ। ଦେବତାମାନଙ୍କୁ ଗୋଟିଏ ଥର, ଋଷିଙ୍କୁ ଦୁଇ ଥର ଜଳ ପ୍ରଦାନ କରା ଯାଉଥିବା ବେଳେ ପିତୃପୁରୁଷମାନଙ୍କୁ ତିନି ଥର ତର୍ପଣୋଦକ ପ୍ରଦାନ କରାଯାଏ।

ମର୍ତ୍ତ୍ୟରେ ଏକ ବର୍ଷ ବା ୩୬୫ ଦିନକୁ ପିତୃପୁରୁଷଙ୍କ ଏକ ଦିବସ ଭାବେ ଅଭିହିତ କରାଯାଏ। ପିତୃପକ୍ଷରେ ସେମାନେ ପିତୃଲୋକ ପରିତ୍ୟାଗ କରି ମର୍ତ୍ତ୍ୟଲୋକକୁ ଆସିଥାନ୍ତି। ପଞ୍ଚ ଚତ୍ୱାରିଂଶ ଦିବସ ବ୍ୟାପି, ଅର୍ଥାତ୍ ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦାଠାରୁ କାର୍ତ୍ତିକ ଅମାବାସ୍ୟା ପର୍ଯ୍ୟନ୍ତ ମର୍ତ୍ତ୍ୟଲୋକରେ ବିଚରଣ କରି ଦୀପାବଳି ଅମାବାସ୍ୟାରେ ପିତୃଲୋକକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଯେଉଁମାନେ ପିତୃପକ୍ଷରେ ମହାଳୟା ବିଧିରେ ଶ୍ରାଦ୍ଧ କରି ନଥାନ୍ତି, ସେମାନେ ମହାଳୟା ଅମାବାସ୍ୟା କିମ୍ବା ଦୀପାବଳି ଅମାବାସ୍ୟାରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ କରିଥାନ୍ତି। ଗରୁଡ଼ ପୁରାଣ ଅନୁସାରେ, ଶ୍ରାଦ୍ଧ ଦିବସରେ ପିତୃପୁରୁଷ ପିଣ୍ଡଦାନ ଗ୍ରହଣପୂର୍ବକ ତୃପ୍ତ ହୋଇ ଶ୍ରାଦ୍ଧକର୍ତ୍ତାଙ୍କ ସହିତ ପରିବାର ସଦସ୍ୟମାନଙ୍କ ଆୟୁ, ଧନ, ବୈଭବ, ଯଶ ଓ ମୋକ୍ଷର ଆଶିଷ ପ୍ରଦାନ କରିଥାନ୍ତି। ଶ୍ରାଦ୍ଧକାର୍ଯ୍ୟ କରୁ ନଥିବା ବ୍ୟକ୍ତିମାନଙ୍କୁ ସେମାନଙ୍କ ପିତୃପୁରୁଷ ଅକଲ୍ୟାଣ କରିଥାନ୍ତି। ଶ୍ରାଦ୍ଧ ସହିତ ବ୍ରାହ୍ମଣ ଭୋଜନ ଓ ଦାନ ମଧ୍ୟ କରଣୀୟ। ପିତୃପୁରୁଷଙ୍କୁ ଶ୍ରାଦ୍ଧ ଓ ଅନ୍ନଦାନ କରି ନଥିବାରୁ ମୃତ୍ୟୁ ପରେ ପିତୃଲୋକରେ ମହାଦାନୀ କର୍ଣ୍ଣଙ୍କୁ ଭୋଜନ କରିବା ଲାଗି ଅନ୍ନ ମିଳିଲା ନାହିଁ। ଫଳ ସ୍ୱରୂପ, ତାଙ୍କୁ ଏହି କର୍ମ କରିବା ଲାଗି ପିତୃପକ୍ଷରେ ମର୍ତ୍ତ୍ୟକୁ ଆସିବାକୁ ପଡ଼ିଥିଲା। ଏଣୁ ପ୍ରତ୍ୟେକ ହିନ୍ଦୁ ନିଜ ପିତୃ ମାତୃଙ୍କର ଅନ୍ତ୍ୟେଷ୍ଟି କ୍ରିୟା କରିବା ସହିତ ସେମାନଙ୍କ ଅସ୍ଥିକୁ ପ୍ରୟାଗରାଜରେ ବିସର୍ଜନ, ଗୟା ତୀର୍ଥରେ ପିଣ୍ଡଦାନ କରିବା ସଙ୍ଗେ ସଙ୍ଗେ ପ୍ରତି ବର୍ଷ ପିତୃ ମାତୃ ତିଥିରେ ଶ୍ରାଦ୍ଧ ଓ ପିତୃପକ୍ଷରେ ମହାଳୟା ବିଧିରେ ଶ୍ରାଦ୍ଧ ପିଣ୍ଡଦାନ ସହିତ ତର୍ପଣ ଅର୍ପଣ କରିବା ଏକାନ୍ତ ବାଞ୍ଛନୀୟ। ଏହା ନ କଲେ ଶ୍ରୀମଦ୍ ଭାଗବତ ଅନୁସାରେ ମନୁଷ୍ୟକୁ ନର୍କ ଭୋଗ କରିବାକୁ ପଡ଼ିଥାଏ, ଯଥା- 'ଦେବତା ଋଷି ପିତୃଙ୍କର/ସ୍ୱଭାବେ ଋଣୀ ଏ ଶରୀର/ ଏହା ନଶୁଝି ଧର୍ମ ଛାଡ଼ି/ ଜନେ ନରକେ ଥାନ୍ତି ପଡ଼ି' (୧୦/୯୦/୩୯)।●

**ଶ୍ରୀକ୍ଷେତ୍ର ବିହାର, ଆଇଗିଣିଆ**
**ଭୁବନେଶ୍ୱର, ମୋ: ୯୮୬୧୪୭୦୧୯୮**

# ବିଶ୍ୱ ଅହିଂସାରେ ଭାରତର ଭୂମିକା

**ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ**

ଆଧୁନିକ ଭାରତ ଯେତେବେଳେ ଇଂରେଜମାନଙ୍କ ପରାଧୀନତାରୁ ସ୍ୱତନ୍ତ୍ର ହୋଇ ବିଶ୍ୱ ଦରବାରରେ ନିଜର ହଜି ଯାଇଥିବା ଅସ୍ତିତ୍ୱକୁ ପୁନଃସ୍ଥାପନ କରିବାକୁ ପ୍ରୟାସ କରିଛି, ସେତେବେଳେ 'ଅହିଂସା ପରମୋ ଧର୍ମ'ର ମନ୍ତ୍ର ହିଁ ଆମର ମାର୍ଗଦର୍ଶକ ହୋଇଛି। ଅହିଂସା ହେଉଛି କୌଣସି



ଡାକ୍ତର ଅଂଶୁମାନ କର

ଅବସ୍ଥାରେ ଅନ୍ୟର କ୍ଷତି ନ କରିବାର ବ୍ୟକ୍ତିଗତ ଅଭ୍ୟାସ। ଏହା ବିଶ୍ୱାସରୁ ଆସିପାରେ ଯେ ଏକ ଫଳାଫଳ ହାସଲ କରିବା ପାଇଁ ଲୋକ, ପଶୁ କିମ୍ବା ପରିବେଶକୁ ଆଘାତ କରିବା ଅନାବଶ୍ୟକ ଏବଂ ଏହା ହିଂସାଠାରୁ ଦୂରେଇ ରହିବାର ଏକ ସାଧାରଣ ଦର୍ଶନକୁ ଦର୍ଶାଇ ପାରେ। ଏହା ନୈତିକ, ଧାର୍ମିକ କିମ୍ବା ଆଧ୍ୟାତ୍ମିକ ନୀତି ଉପରେ ଆଧାରିତ ହୋଇପାରେ କିମ୍ବା ଏହାର କାରଣଗୁଡ଼ିକ ରାଜନୈତିକ କିମ୍ବା ବ୍ୟବହାରିକ ହୋଇପାରେ। ଅହିଂସା ବା ଅହିମସା ହେଉଛି ଆମ ଅଧ୍ୟାତ୍ମ ଚିନ୍ତନର ଏକ ପ୍ରମୁଖ ଅଙ୍ଗ ଏବଂ ଜୈନ, ବୌଦ୍ଧ ଏବଂ ହିନ୍ଦୁ ଧର୍ମର ଏକ ଗୁରୁତ୍ୱପୂର୍ଣ୍ଣ ନିୟମ। ଜୈନ ଏବଂ ବୌଦ୍ଧ ଚିନ୍ତାଧାରା ଅହିଂସାକୁ ଅତି ଗଭୀର ଭାବରେ ଅନୁସନ୍ଧାନ କରିଛି, ଏହାକୁ ମାନବଙ୍କ ମଧ୍ୟରେ ସୀମିତ ରଖିନାହିଁ, ବରଂ ଏହାକୁ ପ୍ରାଣୀ ଜଗତ ତଥା ପ୍ରକୃତି ପର୍ଯ୍ୟନ୍ତ ବିସ୍ତାର କରିଛି। ଜୈନ ଧର୍ମରେ ଏହା ହେଉଛି 'ଜୀବନ ଲୀଳା'ର ମୂଳ ଧାରଣା, ଯାହା ଏହାକୁ ମନ (ଚିନ୍ତାଧାରା), ବଚନ (କଥିତ ଶବ୍ଦ) ଏବଂ କର୍ମ (କାର୍ଯ୍ୟ)ରେ ଅଭ୍ୟାସ କରିବାର ବାର୍ତ୍ତା ରହିଛି। ପଣ୍ଡିତମାନେ ଦାବି କରିଛନ୍ତି ଯେ ଅହିଂସା ନୀତି ହିନ୍ଦୁ ପରମ୍ପରାରେ ଅନ୍ତର୍ନିହିତ ଏବଂ ଏହାର ଧାର୍ମିକ ଧାରଣା ଅହିମସାକୁ ସେମାନଙ୍କର ମୁଖ୍ୟ ଗୁଣ ଭାବରେ ପରିଣତ କରିଛି। ପ୍ରାଚୀନ ଭାରତର ଧର୍ମ ଦର୍ଶନରେ ସମସ୍ତ ଭାରତୀୟ ଭାଷା ଏବଂ ସଂସ୍କୃତିରେ ଅହିଂସା ବିଦ୍ୟମାନ। ତେଣୁ ବୁଦ୍ଧଙ୍କଠାରୁ ଗାନ୍ଧୀଙ୍କ ପର୍ଯ୍ୟନ୍ତ ଭାରତୀୟ ଚେତନାକୁ ଦିଗ୍‌ଦର୍ଶନ ଦେଇଥିବା ପ୍ରତିଟି ଚେତନାରେ ଏବଂ ନେହରୁଙ୍କଠାରୁ ମୋଦୀଙ୍କ ପର୍ଯ୍ୟନ୍ତ ଭାରତର ପ୍ରତି ରାଜନୈତିକ ଓ କୂଟନୈତିକ ଭୂମିକାରେ ଅହିଂସା ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି। ତେଣୁ ଯଥାର୍ଥରେ ନବଭାରତର ପ୍ରତିଷ୍ଠାତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀକୁ ବିଶ୍ୱ ଆଜି 'ବିଶ୍ୱ ଅହିଂସା ଦିବସ' ଭାବରେ ପାଳନ କରୁଛି। ବର୍ତ୍ତମାନ ବୈଶ୍ୱାୟିକ ପରିସ୍ଥିତି, ଯାହା ବିଶ୍ୱକୁ ତୃତୀୟ ବିଶ୍ୱଯୁଦ୍ଧରୁ ବଞ୍ଚେଇବାର ଗୁରୁ ଦାୟିତ୍ୱରୁ ଭାରତ ନିଜକୁ ବିରତ ରଖି ପାରିବ ନାହିଁ। ସେ ଦିଗରେ ଭାରତ ଗତି କଲା ବେଳେ ଆଜିର ଦିନର ଦୁଇ ବିଭୁତି ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଅହିଂସା ନୀତିକୁ ଟିକେ ଅନୁଧ୍ୟାନ କରିବା ଉଚିତ ହେବ।

ଗାନ୍ଧୀଙ୍କ ଅନୁଯାୟୀ: ଅହିଂସା ଶକ୍ତିଶାଳୀମାନଙ୍କର ଏକ ଅସ୍ତ୍ର। ସେ ବିଶ୍ୱାସ କରୁଥିଲେ ଯେ ଅହିଂସା ସେମାନଙ୍କ ପାଇଁ ନୁହେଁ, ଯେଉଁମାନେ ଅସ୍ତ୍ର ଉଠାଇବାକୁ ବହୁତ ଡରୁଥିଲେ। ଗାନ୍ଧୀ ବିଶ୍ୱାସ କରୁଥିଲେ ଯେ ଅହିଂସା ଏବଂ ସତ୍ୟ ଅବିଚ୍ଛେଦ୍ୟ। ସର୍ବଭାରତୀୟ ନୀତି ଭାବରେ ଅହିଂସା- ଗାନ୍ଧୀ ବିଶ୍ୱାସ କରୁଥିଲେ ଯେ ଅହିଂସା ଏକ ସର୍ବଭାରତୀୟ ପ୍ରଯୁଜ୍ୟ ଏବଂ ଏହା ଆଧ୍ୟାତ୍ମିକ ଏବଂ ଶାରୀରିକ ସ୍ତରରେ ଲୋକଙ୍କୁ ମୁକ୍ତ କରି ପାରିବ। ଅହିଂସା ହେଉଛି ଏକ ବୈଶ୍ୱାୟିକ ଲକ୍ଷ୍ୟ- ଗାନ୍ଧୀ ବିଶ୍ୱାସ କରିଥିଲେ ଯେ ଚିନ୍ତା, ଶବ୍ଦ ଏବଂ କାର୍ଯ୍ୟରେ ଆମେ ଅହିଂସାବାଦୀ ହେଲେ ଆମେ କଦାପି ଶକ୍ତିଶାଳୀ ହୋଇ ପାରିବା ନାହିଁ, କିନ୍ତୁ ଅହିଂସାକୁ ଆମର ବୈଶ୍ୱାୟିକ ଲକ୍ଷ୍ୟ ଭାବରେ ରଖିବା ଏବଂ ଏହା ପ୍ରାପ୍ତି ଦିଗରେ ଦୃଢ଼ ଅଗ୍ରଗତି କଲେ ଆମେ ନିଶ୍ଚୟ ଶକ୍ତିଶାଳୀ ହୋଇ ପାରିବା।

ଅହିଂସା ପ୍ରତି ଶାସ୍ତ୍ରୀଙ୍କ ପ୍ରତିବଦ୍ଧତା ଗାନ୍ଧୀ ଯୁଗରେ ହୋଇଥିଲା, ଯାହା ଶିକ୍ଷା ଦେଇଥିଲା ଯେ ସମସ୍ତ ଭାଇ ଭାଇ ଭଳି ଚାଲିବେ ଏବଂ ମତ ପାର୍ଥକ୍ୟକୁ ଶାନ୍ତିପୂର୍ଣ୍ଣ ଭାବରେ ସମାଧାନ କରାଯିବା ଉଚିତ୍। ଶାସ୍ତ୍ରୀ ଏବଂ ମହାତ୍ମା ଗାନ୍ଧୀ ସାମାଜିକ ନ୍ୟାୟ, ଅହିଂସା ଏବଂ ଆତ୍ମନିର୍ଭରଶୀଳତା ସହିତ ଅନେକ ମୂଲ୍ୟବୋଧ ସମାଜକୁ ବାଣ୍ଟିଥିଲେ।

ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀ ଜଣେ ଗାନ୍ଧୀବାଦୀ ଥିଲେ, ଯିଏ ଅହିଂସା ତଥା ଆଲୋଚନା ଦ୍ୱାରା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନରେ ବିଶ୍ୱାସ କରୁଥିଲେ। ଅହିଂସା ଉପରେ ଆଧାରିତ ତାଙ୍କର ବୈଦେଶିକ ନୀତି: ଅସ୍ତ୍ରଶସ୍ତ୍ର ବ୍ୟବହାର ନକରି ବିବାଦର ସମାଧାନ ପାଇଁ ଶାସ୍ତ୍ରୀ ନିବେଦନ କରିଛନ୍ତି। ସାମରିକ ବ୍ଲକ୍‌ଗୁଡ଼ିକର ବିରୋଧ: ଶାସ୍ତ୍ରୀ ପଞ୍ଚଶୀଳ ସନ୍ଧିକୁ ସମର୍ଥନ କରିଥିଲେ। କୋରିଆ ଏବଂ ଇଣ୍ଡୋ-ଚାଇନା ବିବାଦରେ ପଦକ୍ଷେପ: ବିଶ୍ୱ ଶାନ୍ତି ପ୍ରତିଷ୍ଠା ପାଇଁ ଶାସ୍ତ୍ରୀ ଅନେକ ଦାୟିତ୍ୱ ଗ୍ରହଣ କରିଥିଲେ। ଶାସ୍ତ୍ରୀ କହୁଥିଲେ ଯେ ସର୍ବଦା ବନ୍ଧୁତା ଏବଂ ଆଲୋଚନାରେ ସମନ୍ୱୟ ଖୋଜିବା ଏକ ସକାରାତ୍ମକ ଗୁଣ। ତାଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ ଅହିଂସା ଦ୍ୱାରା ଲୋକମାନେ ଶାନ୍ତିରେ ଏକ ଉଚ୍ଚ ସ୍ତରର ଜୀବନଯାପନ କରି ପାରିବେ। ଏହିପରି ଭାବରେ ଆମେ ବ୍ରିଟିଶମାନଙ୍କ ସହିତ ଲଢ଼େଇ କରିଥିଲୁ, ହିଂସାକୁ ଏଡ଼ାଇ ଥିଲୁ ଏବଂ ପୁନଃସମନ୍ୱୟ ସହ ଦେଶ ନିର୍ମାଣ କରିଥିଲୁ। କିନ୍ତୁ ସେହି ଶାସ୍ତ୍ରୀ ପାକିସ୍ତାନର ବିଶ୍ୱାସଘାତର ବିରୋଧରେ କହିଲେ 'ଇଟ୍ କା ଜବାବ ପଥର ସେ' ଏବଂ ଆତ୍ମସମ୍ମାନ ରକ୍ଷାର ଏହା ଏକମାତ୍ର ରାସ୍ତା। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ମଧ୍ୟ ଏହି ନୀତି ଅନୁସରଣ କରି ପୋଖରାନ୍‌ରେ ପରମାଣୁ ପରୀକ୍ଷା କଲା ବେଳେ ବିଶ୍ୱକୁ ଦୃଢ଼ତାର ସହ ଏହି ବାର୍ତ୍ତା ଦେଇଥିଲେ ଯେ ପରମାଣୁ ଶକ୍ତି ଆମର ଆତ୍ମରକ୍ଷା ଲାଗି ଆବଶ୍ୟକ, ମାତ୍ର ଭାରତର ପ୍ରାଥମିକ ନୀତି 'ପ୍ରଥମେ କାହା ଉପରେ ଆକ୍ରମଣ ନ କରିବା' ହିଁ ରହିବ। ବର୍ତ୍ତମାନ ମଧ୍ୟ ୟୁକ୍ରେନ୍ ଓ ରୁଷ୍ ଯୁଦ୍ଧ ହେଉ କିମ୍ବା ଇସ୍ରାଏଲ ଓ ପାଲେଷ୍ଟାଇନ୍ ଯୁଦ୍ଧ- ଏ ସମସ୍ତ ସ୍ଥିତି ବିଶ୍ୱ ଶାନ୍ତିର ପଥରେ ଏକ ବଡ଼ ବାଧକ ସାଜି ଛିଡ଼ା ହୋଇଥିବା ବେଳେ ସମସ୍ତଙ୍କ ଆଶା ଭାରତର ନେତୃତ୍ୱ ଉପରେ ରହିଛି। ତେଣୁ ଆଜି ପୁଣିଥରେ ସେଇ ଅବସର ଆସିଛି, ଯେତେବେଳେ ଆମେ ଆମର ପାରମ୍ପରିକ ଜ୍ଞାନ ଓ ସାମାଜିକ ନୀତି ଦ୍ୱାରା ଦେଶ ଏବଂ ବିଶ୍ୱରେ ଶାନ୍ତି ସ୍ଥାପନାର ନେତୃତ୍ୱ ନେବା। ଯଥାର୍ଥରେ ଆମ ଶାସ୍ତ୍ର କହିଛି: ଅହିଂସା ସମସ୍ତ ଜୀବଙ୍କର ସର୍ବୋଚ୍ଚ ଧର୍ମ ବୋଲି ବିବେଚନା କରାଯାଏ। ତେଣୁ ହେ ବ୍ରାହ୍ମଣ, ଯିଏ ଜୀବନଧାରଣ କରେ, ତାଙ୍କୁ ହତ୍ୟା କରନାହିଁ।●

**ଅନନ୍ୟ ନିକେତନ ଏନ୍-୧/୧୮୩**
**ଆଇଆରସି ଭିଲେଜ, ଭୁବନେଶ୍ୱର**
**ମୋ: ୯୭୭୮୦୩୦୪୯୪**

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# କଣାସ-ଜଙ୍କିଆ ଦୟାନଦୀ ବନ୍ଧ ମୁଖ୍ୟରାସ୍ତା ଶୋଚନୀୟ

**କଣାସ,୧୧୦/ଏନ୍‌ଏନ୍‌ଏସ୍:** କଣାସ ବ୍ଲକର ମୁଖ୍ୟରାସ୍ତା ନୂଆ ଜଗନ୍ନାଥ ସଡକକୁ ସଂଯୋଗ କରୁଥିବା କଣାସ-ଜଙ୍କିଆ ଦୟାନଦୀ ବାମପାର୍ଶ୍ୱ ନଦୀ ବନ୍ଧ ରାସ୍ତା ୫କି.ମି ଛୋଟ ବଡ଼ ଖାଲଖମା ସୃଷ୍ଟି ହୋଇଥିବାରୁ ଯାତାୟାତରେ ଅସୁବିଧା ହେବାସହ ବାରମ୍ବାର ଦୁର୍ଘଟଣାମାନ ଘଟୁଥିବା ଜଣାପଡିଛି। ଏହି ରାସ୍ତାଦେଇ ଦୈନନ୍ଦିନ କଣାସ ବ୍ଲକଠାରୁ ବଡ଼, ଗଡଖରଡ, ଅଗଲ, ଗଡିଶାଗୋଡା, କଟମାଳ ପ୍ରଭୃତି ସ୍ଥାନକୁ ୩ଟି ମୋ ବସ୍ ଦିନତମାମ ଚାଲୁଥିବା ବେଳେ ଶହଶହ ଦୁଇଚକିଆଯାନ ଜଗନ୍ନାଥ ସଡ଼କକୁ ଯାଉଥାଏ ଜଣାପଡିଛି। କଣାସଠାରୁ ନୂଆଜଗନ୍ନାଥ ସଡକକୁ ଯାନବାହନ ଗଲେ ସେଠାରୁ ପୁରୀ, ନିରାକାରପୁର, ବାଲୁଗାଁ, ନୟାଗଡ, ବ୍ରହ୍ମପୁର ପ୍ରଭୃତି ସ୍ଥାନକୁ ଯାତ୍ରା କରନ୍ତି। ସେହିପରି ଦୁଗୁରିଙ୍ଗ, ବନ୍ଧ, ବିଦ୍ୟାଧରପୁର ଦେଉଳପୁର, ଗଡଖରଡ, ସାହୁପଡା, ଅଗଲ, ଦେଲ୍ଲିଆଁ, କାଦୁଆ, ଗୋପିନାଥପୁର, ଗଡିଶାଗୋଡା, ଯାମଳଗୋଡା, ଅଲିକାଠ, ଖଣ୍ଡହଟ, ବିରଣ, ଅଣ୍ଡାଳସିଂହ, ଗଡସାହି ଗ୍ରାମପଞ୍ଚାୟତର ଜନସାଧାରଣ ଦୈନନ୍ଦିନ କଣାସ ଡାକ୍ତରଖାନା, ତହସିଲ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ସବରେଜେଷ୍ଟ୍ରି ଅଫିସ୍, ଜଳ ଯୋଗାଣ ଅଫିସ୍, ମୁଖ୍ୟ ପଶୁଚିକିତ୍ସାଳୟ, ମୁଖ୍ୟ କୃଷି କାର୍ଯ୍ୟାଳୟକୁ ଯାତାୟାତ କରୁଛନ୍ତି। ତୁରନ୍ତ ଯୁଦ୍ଧକାଳିନୀ ଭିତ୍ତିରେ ଏହି ରାସ୍ତା ନିର୍ମାଣ କରିବାକୁ ଜନସାଧାରଣରେ ଦାବିହେଉଛି।

# ଜାତିର ନିର୍ମାତା ଶିକ୍ଷକଙ୍କୁ ସମ୍ମାନିତ

**ବାଣପୁର,୧୧୦/ଏନ୍‌ଏନ୍‌ଏସ୍:** ବାଣପୁର ବାଲୁଗାଁ ରୋଟାରୀ କ୍ଲବ ପକ୍ଷରୁ ଏକ ବର୍ଣ୍ଣାଢ୍ୟ ସଭାର ଆୟୋଜନ କରାଯାଇ ଖଲ୍ଲିକୋଟ, ଚିଲିକା, ବାଣପୁର ଓ ଟାଙ୍ଗୀ ବ୍ଲକର ୧୮ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଜାତିର ନିର୍ମାତା ଭାବରେ ସମ୍ମାନିତ କରାଯାଇଛି। ମୁଖ୍ୟଅତିଥି ଭାବେ ରୋଟାରିଆନ ଡ. ଶ୍ରୀନିବାସ ମହାପାତ୍ର ଓ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ଭିକାରୀ ଚରଣ ମହାପାତ୍ର ଯୋଗଦାନକରି ରାଷ୍ଟ୍ର ନିର୍ମାଣରେ ଶିକ୍ଷକମାନଙ୍କ ଭୂମିକା ଉପରେ ସେମାନେ ବକ୍ତବ୍ୟ ରଖିଥିଲେ। ଖଲ୍ଲିକୋଟ ବ୍ଲକର ତ୍ରିନାଥ ବେହେରା, ଲିପନ ପଣ୍ଡା, ସାଗରିକା ଦୈତ୍ୟ, ପ୍ରସନ୍ନ କୁମାର ନାୟକ ଓ ହେମନ୍ତ ବେହେରା, ଚିଲିକା ବ୍ଲକର ଶୁଭକାନ୍ତ ପଟ୍ଟନାୟକ, ପୁଷ୍ପାଞ୍ଜଳି ନାଥ, ଅଶୋକ ମାନସିଂହ ଓ ଜ୍ୟୋତ୍ସ୍ନାରାଣୀ ହୋତା, ଟାଙ୍ଗୀ ବ୍ଲକର ରମେଶଚନ୍ଦ୍ର ପଲାଇ, ଲଳିତ ନାରାୟଣ ମହାପାତ୍ର, କୁନ୍ତଳା ସାହୁ ଓ ଭାରତୀ ଦାସ ଏବଂ ବାଣପୁର ବ୍ଲକର କବିତା ବରାଳ, ଛବି ନନ୍ଦ, ପ୍ରଦୀପ ଜେନା, ବିଭୂତି ଭୂଷଣ ସ୍ୱାଇଁ ଓ ସୁଜାତା ମହାପାତ୍ରଙ୍କୁ ପ୍ରମାଣପତ୍ର, ଉପଢୌକନ, ବ୍ୟାଗ୍ ଆଦି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସଭାରେ ଡ. ସୁନୀଲ ପଟ୍ଟନାୟକ ସଭାକୁ ସୁନ୍ଦର ଭାବରେ ପରିଚାଳନା କରିଥିବା ବେଳେ କ୍ଲବ ସଭାପତି ଶ୍ୟାମସୁନ୍ଦର ପୃଷ୍ଟି ସଭାପତିତ୍ୱ କରିଥିଲେ। ସଭା ସୁରେଶ ଚନ୍ଦ୍ର ବେହେରା ଓ ଧୀରେନ୍ଦ୍ରନାଥ ପାତ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସଂପାଦକ ଅଶୋକ କୁମାର ନାୟକ ଧନ୍ୟବାଦ୍ ଦେଇଥିଲେ। କ୍ଲବ ଶିକ୍ଷା କମିଟିର ଅଧ୍ୟକ୍ଷ ସରୋଜିନୀ ଦାଶ ଓ ସଭାପତି ତାଙ୍କର ବକ୍ତବ୍ୟ ରଖିଥିଲେ। ସଭା ବିଜୟ କୁମାର ନନ୍ଦ, ଓମ୍‌ପ୍ରକାଶ ଅଗ୍ରୱାଲ, ରବିନାରାୟଣ ନାୟକ, ଡ. ଚିନ୍ତାମଣି ମିଶ୍ର, ମନୋରଞ୍ଜନ ବାରିକ, ଗଗନ ବିହାରୀ ବେହେରା, ରବିନାରାୟଣ ପାଲ, ସୋମନାଥ ସୁବୁଦ୍ଧି, ପ୍ରମୋଦ କୁମାର ପୃଷ୍ଟି, ପ୍ରସନ୍ନ ସାମନ୍ତରାୟ, ସୁନୀଲ କୁମାର ପାତ୍ର ଓ ନନ୍ଦ କିଶୋର ମିଶ୍ର ପ୍ରମୁଖ ସଭା ପରିଚଳନା କରିଥିଲେ।

## ପ୍ରଥମ ପୃଷ୍ଠାରୁ

### ଆସାମୀକୁ...

ଗାଁର ଜଣେ ନାବାଳିକା ଶୌଚ ପାଇଁ ବାହାରକୁ ଯାଇଥିବା ବେଳେ ପ୍ରଶାନ୍ତ ତାଙ୍କୁ ଦୁଷ୍କର୍ମ କରି ହତ୍ୟା କରିଥିଲା। ସେ ଟାଙ୍ଗିଆରେ ନାବାଳିକାଙ୍କୁ ହାଣି ମୁଣ୍ଡଗଣ୍ଡି ଅଲଗା କରି ଦେଇଥିଲା। ପରେ କଟାମୁଣ୍ଡ ଧରି ଗାଁରେ ଥିବା ଏକ ନଳକୂପ ପାଖକୁ ଆସିଥିଲା। ସେ ନଳକୂପ ପାଣିରେ ନାବାଳିକାଙ୍କ କଟାମୁଣ୍ଡକୁ ଧୋଇଥିଲା। ଏହା ଦେଖି ଗ୍ରାମବାସୀ ଭୟଭୀତ ହୋଇଯାଇଥିଲେ। ସେମାନେ ଘଟଣା ସଂପର୍କରେ ପୁଲିସକୁ ଜଣାଇଥିଲେ। ପୁଲିସ ଆସି ପ୍ରଶାନ୍ତଙ୍କୁ କାବୁ କରିଥିଲା। ମୃତ ନାବାଳିକାଙ୍କ ବାପାଙ୍କ ଅଭିଯୋଗ ଆଧାରରେ ପୁଲିସ ପ୍ରଶାନ୍ତଙ୍କ ବିରୋଧରେ ବିଭିନ୍ନ ଦଫା ଲଗାଇ ମାମଲା ରୁଜୁ କରିବା ସହିତ ତାଙ୍କୁ ଗିରଫ କରିଥିଲା। ପୁଲିସ୍ ଏହି ମାମଲାରେ ଚାର୍ଜଶିଟ ଦାଖଲ କରିବା ପରେ ପକ୍ସୋ କୋର୍ଟରେ ଶୁଣାଣି ଚାଲିଥିଲା। ମୋଟ ୨୫ ଜଣ ସାକ୍ଷୀଙ୍କ ବୟାନ ଓ ବିଭିନ୍ନ ଦଲିଲକୁ ବିଚାରକୁ ନେଇ କୋର୍ଟ ପ୍ରଶାନ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ଫାଶୀ ଦଣ୍ଡାଦେଶ ଦେଇଛନ୍ତି।

### ଇସ୍ରାଏଲ ଉପରେ...

ଗତ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଇସ୍ରାଏଲ ପାଲେଷ୍ଟାଇନ୍‌ର ଗାଜା ଷ୍ଟ୍ରିପ୍‌ରେ ହମାସ ଉଗ୍ରବାଦୀ ସଂଗଠନ ବିରୋଧରେ ଯୁଦ୍ଧ କରୁଛି। ଏହାସହ ଇସ୍ରାଏଲ ଲେବାନର ଆତଙ୍କବାଦୀ ଗୋଷ୍ଠୀ ହିଜବୁଲ୍ଲା ମଧ୍ୟ ଲଢ଼େଇ ଜାରି ରଖିଛି। ଇସ୍ରାଏଲ ମଧ୍ୟ ଉଭୟ ସଂଗଠନ ବିରୋଧରେ ନିଜ ସାମର୍ଥ୍ୟ ମୁତାବକ ଲଢ଼େଇ କରିବାରେ ଲାଗିଛି। ନିକଟରେ ଇସ୍ରାଏଲ ସେନା ହିଜବୁଲ୍ଲାର ଅନେକ ସଦସ୍ୟଙ୍କୁ ୱାକି ଟକି ଏବଂ ପେଜର ବିସ୍ଫୋରଣ ଦ୍ୱାରା ନିପାତ କରିବା ସହ ସଂଗଠନର ମୁଖ୍ୟ ହସନ ନସରାଲ୍ଲାଙ୍କୁ ମଧ୍ୟ ହତ୍ୟା କରିଛି। ଏହାପୂର୍ବରୁ ହମାସ ମୁଖ୍ୟ ଇସମାଇଲ ହାନିଆଙ୍କୁ ମଧ୍ୟ ଇସ୍ରାଏଲ୍ ସେନା ଯୋଜନାବଦ୍ଧ ଭାବେ ହତ୍ୟା କରିଥିଲା। ସିଧା ଅର୍ଥରେ କହିଲେ ଇସ୍ରାଏଲ ଆକ୍ରମଣରେ ହିଜବୁଲ୍ଲା ଏବଂ ଇରାନ୍ ସରକାରଙ୍କ ସମର୍ଥିତ ପ୍ରାୟ ୨ହରୁ ଅଧିକ କମାଣ୍ଡର ନିହତ ହୋଇଛନ୍ତି। ଏହାକୁ ନେଇ ଇସ୍ରାଏଲ୍ ବିରୋଧରେ ଭୟଙ୍କର ପ୍ରତିଶୋଧ ନେବାକୁ ଇରାନର ମୌଳବାଦୀମାନେ ହିଜବୁଲ୍ଲା ଉଗ୍ରବାଦୀ ସଂଗଠନ (ଇରାନ୍ ସମର୍ଥିତ) ଏବଂ ଇରାନ୍ ସରକାରଙ୍କ ଉପରେ ଚାପ ପକାଇବାରେ ଲାଗିପଡିଥିଲେ। କେବଳ ସେତିକି ନୁହେଁ ଇସ୍ରାଏଲ ବିରୋଧରେ ପରମାଣୁ ଅସ୍ତ୍ର ପ୍ରୟୋଗ ଏକମାତ୍ର ବିକଳ୍ପ ବୋଲି ଏହି ମୌଳବାଦୀମାନେ ପରାମର୍ଶ ମଧ୍ୟ ଦେଉଥିଲେ। ଏହି ମାମଲାରେ କଠୋରପନ୍ଥୀମାନେ ଇରାନ୍ ରାଷ୍ଟ୍ରପତି ମାସୁଦ ପେଜେସକିଆନଙ୍କୁ ଭେଟି ଆଲୋଚନା ମଧ୍ୟ କରିଥିଲେ। ଏମାନଙ୍କ ପରାମର୍ଶକ୍ରମେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ହତ୍ୟା କରିବାକୁ ଇରାନ୍ ସରକାର ଷଡଯନ୍ତ୍ର ମଧ୍ୟ ଆରମ୍ଭ କରିଦେଇଥିବା ଗୁଇନ୍ଦା ରିପୋର୍ଟ ହସ୍ତଗତ ହୋଇଛି।

ଅନ୍ୟପକ୍ଷେ ଇସ୍ରାଏଲ ସେନା ଲେବାନନରେ ଅପରେସନ ଚଲାଇଥିବାବେଳେ ହିଜବୁଲ୍ଲା ପକ୍ଷରୁ ତେଲ ଅଭିଭ ନିକଟରେ ଥିବା ଏକ ଇସ୍ରାଏଲୀୟ ମିଲିଟାରୀ ବେସ୍ ଓ ଗୁଇନ୍ଦା ବିଭାଗ ମୁସାଦ୍ ମୁଖ୍ୟାଳୟକୁ ଟାର୍ଗେଟ କରାଯାଇଥିବା ସମ୍ପର୍କରେ ସୂଚନା ମିଳିଛି। ସୂଚନାଯୋଗ୍ୟ, ପୂର୍ବରୁ ଏପ୍ରିଲରେ ଇରାନ ପ୍ରାୟ ୧୭୦ ଡ୍ରୋନ୍, ୩୦ ରୁ ଅଧିକ କ୍ରୁଜ୍ କ୍ଷେପଣାସ୍ତ୍ର ଏବଂ ୧୨୦ ରୁ ଅଧିକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଇସ୍ରାଏଲ୍ ଅଭିମୁଖେ ମାଡ଼ କରିଥିଲା। କିନ୍ତୁ ଇସ୍ରାଏଲ ସେସବୁକୁ ନିଜ ଡିଫେନ୍ସ ସିଷ୍ଟମ୍ ବଳରେ ପ୍ରତିହତ କରିପାରିଥିଲା। ଦିନକ ପୂର୍ବେ ଆମେରିକା ମଧ୍ୟ ଇସ୍ରାଏଲ୍‌କୁ ଇରାନ୍ ପକ୍ଷରୁ ଏପ୍ରକାର ଆକ୍ରମଣ ଆଶଙ୍କା ରହିଥିବା ନେଇ ସତର୍କ କରିଥିଲା। ଯେକୌଣସି ମୁହୂର୍ତ୍ତରେ ଇରାନ ପକ୍ଷରୁ ଇସ୍ରାଏଲ ଉପରେ ଗୋଟିଏ ବାଲାଷ୍ଟିକ ମିସାଇଲ ମାଡ଼ ହୋଇପାରେ ବୋଲି ଆମେରିକା ସୂଚନା ଦେଇଛି। ଏପରି ସତର୍କ ସୂଚନା ମିଳିବା ପରେ ଇରାନ୍ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଇସ୍ରାଏଲ ନିଜ ଡିଫେନ୍ସ ସିଷ୍ଟମକୁ ଆକ୍ଟିଭ୍ କରିଥିବା ସୂଚନା ମିଳିଛି। ତେବେ ଇରାନ୍ ପକ୍ଷରୁ ଆଜି ଇସ୍ରାଏଲ୍ ଉପରେ ହୋଇଥିବା ଆକ୍ରମଣ ଘଟଣା ପରେ ଆମେରିକା ତୀବ୍ର ପ୍ରତିକ୍ରିୟାଶୀଳ ହୋଇପଡ଼ିଛି। ଆକ୍ରମଣ ପାଇଁ ଇରାନ୍‌କୁ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଆମେରିକା ରାଷ୍ଟ୍ରପତି ଭବନ ହ୍ୱାଇଟ ହାଉସର ଜଣେ ଅଧିକାରୀ ନିଜ ନାଁ ଗୋପନ ରଖି କହିଛନ୍ତି। ତାଙ୍କ କହିବାନୁସାରେ "ଆମେରିକା ସରକାର ଏବେ ସକ୍ରିୟ ଭାବେ ବାଲାଷ୍ଟିକ ମିସାଇଲ ଆଟାକ୍‌ରୁ ଇସ୍ରାଏଲକୁ ସୁରକ୍ଷା ଦେବା ପାଇଁ କାର୍ଯ୍ୟ କରୁଛନ୍ତି। ଆବଶ୍ୟକ ସ୍ଥଳେ ଇସ୍ରାଏଲ୍‌କୁ ପୂର୍ଣ୍ଣ ସହଯୋଗ ଯୋଗାଇ ଦିଆଯିବ। ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଉପରାଷ୍ଟ୍ରପତି କମଳା ହାରିସ୍ ପୂରା ଘଟଣା ଉପରେ ନଜର ରଖିଛନ୍ତି। ଏତଦ୍‌ବ୍ୟତୀତ ଇରାନ୍ ପକ୍ଷରୁ କରାଯାଉଥିବା ମିସାଇଲ୍ ଆକ୍ରମଣକୁ ମାରି ଖସାଇବା ପାଇଁ ଆମେରିକା ପ୍ରତିରକ୍ଷା ବିଭାଗ ପେଣ୍ଟାଗନ୍‌କୁ ବାଇଡେନ୍ ନିର୍ଦ୍ଦେଶ ଦେଇଥିବା ହ୍ୱାଇଟ୍ ହାଉସ୍ ଦର୍ଶାଇଛି।

### ଆମ୍ବାସଡରସ୍...

ପୂର୍ବାହ୍ନରେ 'ଆମ୍ବାସଡ଼ରସ୍ ମିଟ୍' ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ଦେଶର ଆମ୍ବାସାଡ଼ର, ହାଇକମିଶନର, ଟ୍ରେଡ୍ କମିଶନର, କନସୁଲ ଜେନେରାଲ ଯୋଗଦେବେ। ମୁଖ୍ୟମନ୍ତ୍ରୀ ଏହି ବୈଠକରେ ଅଧକ୍ଷତା କରିବେ। ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଥିବା ପ୍ରଭୁତ ସୁବିଧା ସୁଯୋଗ, ଅନୁକୂଳ ସରକାରୀ ନୀତି ନିୟମ, ସିଙ୍ଗଲୱିଣ୍ଡୋ ବ୍ୟବସ୍ଥା, ବଜାର ସୁବିଧା, ପୁଞ୍ଜିନିବେଶ ପାଇଁ ଅଧିକ ସୁଯୋଗ ଓ ପରିବେଶ ସଂପର୍କରେ ସେ ବିଭିନ୍ନ ଦେଶର ଏହି ପ୍ରତିନିଧିମାନଙ୍କୁ ଅବଗତ କରାଇବେ। ଓଡ଼ିଶାରେ ବର୍ତ୍ତମାନ ଆଇଟି, ବୟନଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, କେମିକାଲ, ପେଟ୍ରୋକେମିକାଲ, ରିନୁଏବୁଲ ଏନର୍ଜି ଓ ଇଲୋକ୍ଟ୍ରନିକସ୍ ଶିଳ୍ପ ପ୍ରତିଷ୍ଠା ପାଇଁ ଅନେକ ସୁବିଧା ରହିଛି। ଅପରାହ୍ନରେ ସେ ବିଭିନ୍ନ ଶିଳ୍ପପତିଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିବେ। ଏହି କନ୍‌କ୍ଲେଭରେ ଯୋଗଦେବାକୁ ସେ ବିଭିନ୍ନ ଦେଶର ଶିଳ୍ପପତି, ବ୍ୟବସାୟୀ ଓ ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରିବେ। ଶେଷରେ ଏକ ରୋଡ୍ ଶୋ' ଆୟୋଜିତ ହେବ। ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଏହି ପ୍ରତିନିଧି ଓ ଶିଳ୍ପସଂସ୍ଥାର ଅଧିକାରୀମାନଙ୍କୁ ଏକ ନୈଶ ଭୋଜିରେ ଆପ୍ୟାୟିତ କରିବେ।

# ଗ୍ରାହକସେବା କେନ୍ଦ୍ର ବନ୍ଦ, ବ୍ୟାଙ୍କରେ ମହିଳାଙ୍କ ଭିଡ଼




**ନିଶ୍ଚିନ୍ତକୋଇଲି,୧୧୦/ଏନ୍‌ଏନ୍‌ଏସ୍:** ସମଗ୍ର ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧୀନରେ ଥିବା ବ୍ୟାଙ୍କ ଗୁଡିକ ଉପରେ ସାଧାରଣ ଲୋକେ ନିର୍ଭର କରିଥାଆନ୍ତି। କିଛି ଦିନ ହେବ ରାଜ୍ୟ ସରକାରଙ୍କର ବିଭିନ୍ନ ଉପାଦେୟ ଯୋଜନାଗୁଡିକ ବା ବିଶେଷକରି ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ୫ବର୍ଷରେ ୫୦ହଜାର ଟଙ୍କା ଦେବା ପାଇଁ ରାଜ୍ୟ ସରକାର ଯେଉଁ ପ୍ରତିଶ୍ରୁତି ଦିଆଯାଇଛି ତାହା ସଫଳ ହୋଇଛି ସତ କିନ୍ତୁ ଦେଖିବାକୁ ମିଳୁଛି ବହୁଗୁଡିଏ ଜାତୀୟକରଣ ବ୍ୟାଙ୍କ ଆଗରେ ମହିଳାମାନେ ଲମ୍ବାଧାଡିରେ ଛିଡା ହୋଇ ସକାଳ ୮ଟାରୁ ଠିଆ ହେଉଥିବାର ଦୃଶ୍ୟ। ଏହା ସାଧାରଣ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ଆମ ପ୍ରତିନିଧି ପଚାରିବାରୁ ବହୁ ଗୁଡିଏ ମହିଳାଙ୍କର କେ.ୱାଇ.ସି. ଏବଂ ଜମାଖାତା ସହିତ ଆଧାର ଓ ମୋବାଇଲ ନମ୍ବର ଯୋଡି ହୋଇନଥିବାରୁ ମହିଳାମାନେ ଦୀର୍ଘ ସମୟ ଧରି ବ୍ୟାଙ୍କ ଆଗରେ ତାଙ୍କର ଜମାଖାତା ସଂଶୋଧନ କରିବା ପାଇଁ ଅପେକ୍ଷା କରି ରହିଛନ୍ତି। ବ୍ୟାଙ୍କ ଖୋଲିବା ମାତ୍ରକେ ସେମାନେ ସେମାନଙ୍କର ଜମା ଖାତାକୁ ତୁରନ୍ତ ଯାଇ ସଂଶୋଧନ କରିବେ ବୋଲି ଅପେକ୍ଷା କରିଥିବା ପ୍ରକାଶ କରିଛନ୍ତି। ଅପରପକ୍ଷରେ ବ୍ୟାଙ୍କରେ ଉପଯୁକ୍ତ ପରିମାଣର କର୍ମଚାରୀନଥିବାରୁ ବହୁ ମହିଳା ବ୍ୟାଙ୍କକୁ ଦୌଡି ଦୌଡି ନୟାନ୍ତ ହେଉଛନ୍ତି। ଦିନେ ଦୁଇ ଦିନ ଦୌଡିଲା ପରେ ବିରକ୍ତଭାବ ପ୍ରକାଶ କରୁଛନ୍ତି। ସରକାର ପ୍ରତି ଗ୍ରାମପଞ୍ଚାୟତରେ ଗଠିତ ହୋଇଥିବା ଗ୍ରାହକ ସେବାକେନ୍ଦ୍ରକୁ ତୁରନ୍ତ କାର୍ଯ୍ୟକ୍ଷମ କରାଇଲେ ମହିଳାମାନେ ବ୍ୟାଙ୍କ ସେବା ପାଇବା ପାଇଁ ଦୂରଦୂରାନ୍ତକୁ ଯିବାକୁ ପଡନ୍ତା ନାହିଁ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ଅଳ୍ପ କିଛି ଦିନ ହେବ ପଞ୍ଚାୟତ ସମିତି ଅଧୀନରେ ଥିବା ବହୁତଗୁଡିଏ ରାଜୀବଗାନ୍ଧି ସେବା କେନ୍ଦ୍ରରେ ପଞ୍ଚାୟତ ସମିତିରୁ ଅର୍ଥ ଯୋଗାଇ ଦିଆଯାଇ ଗ୍ରାହକସେବା କେନ୍ଦ୍ରଗୁଡିକୁତ୍ୱରାନ୍ୱିତ କରାଯାଇଥିଲା। ସାଧାରଣ ନିର୍ବାଚନ ପରେ ଏହି ଗ୍ରାହକ ସେବା କେନ୍ଦ୍ରଗୁଡିକ ଏବେ ବନ୍ଦ ହୋଇ ପଡିରହିଛି। ଯାହଦ୍ୱାରା ସାଧାରଣରେ ମହିଳାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ଗ୍ରାହକସେବା କେନ୍ଦ୍ରକୁ କାର୍ଯ୍ୟକ୍ଷମ କରାଇପାରିଲେ ମହିଳାମାନେ ଉପକୃତ ହୋଇପାରିବେ।

# ସବରପଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ

**ଟାଙ୍ଗୀ,୧୧୦/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ସବରପଲ୍ଲୀ ପ୍ରଥମିକ ବିଦ୍ୟାଳୟ ପରିସରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀଳକଣ୍ଠ ବ୍ରହ୍ମାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସିଆର୍‌ସିସି ଜ୍ଞାନରଞ୍ଜନ ଲେଙ୍କା, ବାବା ଭୈରବ ଦାସ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ବିଭିନ୍ନ ବିଦ୍ୟାଳୟରୁ ଆସି ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ପରେ ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଦ୍ଧଗିରି ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ ରଞ୍ଜନ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ରାମପୁର ପ୍ରଥମିକ ବିଦ୍ୟାଳୟର ସିଆରସି ଦିଲ୍ଲିପ କୁମାର ବାରିକ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ପ୍ରଥମ ଦିତୀୟ ତୃତୀୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାରର ବିତରଣ କରିବା ସହ ଓଡ଼ିଶାର ଲୋକକଳା ଓ ଲୋକ ସଂସ୍କୃତି ମହତ୍ୱକୁ ପ୍ରକାଶକରି ତା'ର ସୁରକ୍ଷା ପ୍ରତି ସମସ୍ତଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମକୁ କ୍ଲଷ୍ଟରର ପ୍ରସନ୍ନ କୁମାର ସାହୁ, ସନ୍ତୋଷ କୁମାର ସାହୁ, ମୋନାଲିସା ଦାସ, ଚକ୍ରଧର ଦେହୁରୀ, ଆଶୁତୋଷ ଶତପଥୀ, ଅନାମ ଚରଣ ମୁଣ୍ଡା, ସୁକାନ୍ତ ଲେଙ୍କା, ଅମୂଲ୍ୟ ଲେଙ୍କା, ଧୂଳମଣି ସାହୁ, କିରଣମୟୀ ଶତପଥୀ, କାଦମ୍ବିନୀ ସାହୁ, ପୁଷ୍ପଲତା ଦାସ, ଚିନ୍ମୟୀ ଜେନା ସମେତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିବା ବେଳେ ସିଆର୍‌ସି ଶ୍ରୀ ଲେଙ୍କା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସୂଚନା ଅଧିକାର ଆଇନକୁ ବେଖାତିର ଅଭିଯୋଗ

# ପୁରୀ ସିଡିଏମ୍‌ଓଙ୍କ ଅଫିସ୍‌ରୁ ମିଳୁନି ତଥ୍ୟ

**କୁଣ୍ଢେଇ,୧୧୦/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ହାସଲ କରିବାରେ ଜନସାଧାରଣଙ୍କୁ ଘୋର ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ଅଭିଯୋଗ ଅନୁଯାୟୀ କାକଟପୁର ବ୍ଲକ କଣ୍ଢାପଡ଼ା ପଞ୍ଚାୟତ ଗମ୍ଭାରୀପଦା ଗ୍ରାମ ଉପସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ଏକ ନୂତନ ଦୁଇ ମହଲା ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି। କାର୍ଯ୍ୟ ବିଷୟରେ ଗୃହ ନିର୍ମାଣ ନିକଟରେ କୌଣସି ସୂଚନା ଫଳକ ଲାଗି ନଥିବାରୁ ଗ୍ରାମବାସୀ ଗୃହ ନିର୍ମାଣ କାର୍ଯ୍ୟ ବିଷୟରେ କିଛି ଜାଣିପାରୁ ନ ଥିବା ଅଭିଯୋଗ ହୋଇଛି। ଗାଁ ମାନଙ୍କରେ କିଛି ସରକାରୀ ଅନୁଦାନରେ ନିର୍ମାଣ କାର୍ଯ୍ୟ ହେଲେ ସେ ବିଷୟରେ ଜାଣିବାର ଅଧିକାର ଗ୍ରାମବାସୀଙ୍କ ର ରହିଛି। ହେଲେ ଗମ୍ଭାରୀପଦା ଗ୍ରାମରେ ଏକ ମେଡ଼ିକାଲର ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି। ହେଲେ ସେଠାର ସୂଚନା ଫଳକ ଲାଗିନାହିଁ। ତେଣୁ ଗାମବାସୀଙ୍କ ମନରେ ଗୃହ ନିର୍ମାଣ କାର୍ଯ୍ୟ ଅନିୟମିତତା ହେଉଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। ଉପସ୍ୱାସ୍ଥ୍ୟକେନ୍ଦ୍ର ଗୃହ କାର୍ଯ୍ୟ ବିଷୟରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ସୂଚନା ଅଧିକାର ଆଇନ ବଳରେ କେତୋଟି ସୂଚନା ଗତ ଏପ୍ରିଲ ମାସରେ ବ୍ରଜକିଶୋର ସାହୁ ପୁରୀ ସିଡିଏମଓଙ୍କ ଅଫିସ୍‌କୁ ସୂଚନା ମାଗିଥିଲେ। କିନ୍ତୁ ସଂପୃକ୍ତ ସୂଚନା ଅଧିକାରୀ ଏଥିରେ ବିଳମ୍ବ କରିବା ସହ ସୂଚନାଗୁଡିକ ଦେଲେ ନାହିଁ। ଯାହାଫଳରେ ଆବେଦନକାରୀ ଶ୍ରୀ ସାହୁ ଉକ୍ତ କାର୍ଯ୍ୟାଳୟର ପ୍ରଥମ ଅପିଲିଏଟ ଅଧିକାରୀଙ୍କୁ ସୂଚନା ନିମନ୍ତେ ଗତ ଜୁନ୍ ମାସରେ ଅପିଲ କରିଥିଲେ। ଏଥିନିମନ୍ତେ ଅଦ୍ୟାବଧି ଶୁଣାଣି ପାଇଁ ଚିଠି ନଂ ୭୫୩ ମାଧ୍ୟମରେ ସେପ୍ଟେମ୍ବର ୨୧ ତାରିଖକୁ ଦିନ ଧାର୍ଯ୍ୟ ହୋଇଥିଲା। ଶୁଣାଣି ଦିନ ସୂଚନା କର୍ମୀ ଶ୍ରୀ ସାହୁ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପିତ କରିଥିଲେ ମଧ ଆଜିକୁ ୧୧ଦିନ ବିତିଯାଇଥିଲେ ମଧ ତାଙ୍କୁ ଆଜି ପର୍ଯ୍ୟନ୍ତ ମାଗିଥିବା ସୂଚନାଗୁଡିକ ସିଡିଏମଓଙ୍କ କାର୍ଯ୍ୟାଳୟରୁ ମିଳିପାରି ନାହିଁ। ପ୍ରଥମ ଅପିଲିଏଟ ଅଧିକାରୀ ସୂଚନା ଅଧିକାର ଆଇନକୁ ବେଖାତିର କରିଥିବା ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ତଥ୍ୟଦେଲେ କାଳେ ଗମ୍ଭାରୀପଦା ଗ୍ରାମରେ ହେଉଥିବା ଗୃହ ନିର୍ମାଣରେ ହୋଇଥିବା ଦୁର୍ନୀତି ଧରାପଡ଼ିଯିବ ସେଥିପାଇଁ ପ୍ରଥମ ଅପିଲିଏଟ ସୂଚନାଗୁଡିକ ଦେଉନାହାନ୍ତି ବୋଲି କହିଛନ୍ତି ଶ୍ରୀ ସାହୁ। ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରିବର୍ତ୍ତେ ଏଭଳି ଘଣ୍ଟ ଘୋଡାଇବା ଦ୍ୱାରା ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରେ ଦିନକୁ ଦିନ ଦୁର୍ନୀତି ବଢ଼ିବାରେ ଲାଗିଛି। ଏ ଘଟଣାରେ ସ୍ୱାସ୍ଥ୍ୟ ସଚିବ ହସ୍ତକ୍ଷେପ କରିବାକୁ ଦାବି ହେଉଛି। ଏ ସଂପର୍କରେ ସିଡିଏମ୍‌ଓଙ୍କ ମୋବାଇଲ ମାଧ୍ୟମରେ ଯୋଗାଯୋଗ କରାଯିବାରେ ପ୍ରତିକ୍ରିୟା ମିଳିପାରିନାହିଁ। ବିଜେଡି ସରକାର ଥିବା ସମୟରେ ସୂଚନା ମାଗିଲେ ତଥ୍ୟ ମିଳୁଥିଲା ହେଲେ ବର୍ତ୍ତମାନ ନୂଆ ସରକାର ଆସିବା ପରେ ସୂଚନା ମାଗିଲେ ସୂଚନାଗୁଡିକ ମିଳୁନାହିଁ। ମୁଖ୍ୟମନ୍ତ୍ରୀ ଏ ବିଷୟକୁ ଗଭୀରତାର ସହିତ ନେବା ପାଇଁ ସୂଚନା କର୍ମୀମାନେ ଦାବି କରିଛନ୍ତି।

# ବିଜେପି କୃଷକ ମୋର୍ଚ୍ଚା ସଭାପତିଙ୍କ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ



**ସାକ୍ଷୀଗୋପାଳ,୧୧୦/ଏନ୍‌ଏନ୍‌ଏସ୍:** ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମଙ୍ଗଳବାର ସାକ୍ଷୀଗୋପାଳସ୍ଥିତ ପୁରୀ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡକ୍ଟର ସୂର୍ଯ୍ୟନାରାୟଣ ମିଶ୍ର ରାଜ୍ୟ ସଭାପତି ଶ୍ରୀ ସାହୁଙ୍କୁ ସମର୍ଦ୍ଧିତ କରିଥିଲେ। ପରେ ରାଜ୍ୟ ସଭାପତି ଶ୍ରୀ ସାହୁ କୃଷି ବିଜ୍ଞାନ କେନ୍ଦ୍ରର ବିଭିନ୍ନ ଚାଷ ଉପରେ ହେଉଥିବା ଗବେଷଣାମୂଳକ ଫସଲକୁ ବୁଲି ପରିଦର୍ଶନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଆୟୋଜିତ ଚାଷୀ ସମ୍ମିଳନୀରେ ଉପସ୍ଥିତ ଶତାଧିକ ଚାଷୀମାନଙ୍କୁ ସେ ତାଙ୍କ ଅଭିଭାଷଣରେ ଭାରତ ବର୍ଷର ଯଶସ୍ୱୀ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନ କାଳରେ ଚାଷୀମାନଙ୍କର ଆୟକୁ ଦୁଇ ଗୁଣା କରିବା ପାଇଁ କୃଷକ କଲ୍ୟାଣକାରୀ ଯୋଜନା ଓ ଓଡିଶାରେ ବିଜେପି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କର ଏକଶତ ଦିନରେ ଚାଷୀମାନଙ୍କ ପାଇଁ ଯେଉଁ କୃଷକ କଲ୍ୟାଣକାରୀ ଯୋଜନାମାନ କରିଛନ୍ତି ତାହା ଭାରତ ଇତିହାସରେ ବିରଳ ଓ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅବସରରେ ବୃକ୍ଷ ରୋପଣ କରିବା ପାଇଁ ପ୍ରଧାନମନ୍ତ୍ରୀ ଦେଇଥିବା ଆହ୍ୱାନ ଅବସରରେ ରାଜ୍ୟ ସଭାପତି ଶ୍ରୀ ସାହୁ ବୃକ୍ଷରୋପଣ କରିବା ସହିତ ଉପସ୍ଥିତ ଜନସାଧାରଣଙ୍କୁ ମଧ୍ୟ ଗଛ ଚାରା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଂପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, ରାଜ୍ୟ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଅଜୟ କୁମାର ପ୍ରଧାନ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ପ୍ରଭାତ କୁମାର ସ୍ୱାଇଁ, ଜିଲ୍ଲାପରିଷଦ ସଦସ୍ୟା ବିଷ୍ଣୁ ପ୍ରିୟା ବରାଳ, ରଞ୍ଜନ କୁମାର ବରାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ କୁମାର ମହାନ୍ତି, ଜୟନ୍ତ କୁମାର ପ୍ରଧାନଙ୍କ ସହିତ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଅମ୍ବିକା ପ୍ରସାଦ ନାୟକ, ଦୀପଶିଖା ପରମଜିତା, ସୁମିତା ଆଚାର୍ଯ୍ୟ, ସାର୍ଥକ ପଟ୍ଟନାୟକ, ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଯୋଗଦାନ କରିଥିଲେ।

# କଣାସ ପଞ୍ଚାୟତ ସମିତି ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳିତ

**କଣାସ,୧୧୦/ଏନ୍‌ଏନ୍‌ଏସ୍:** ସେପ୍ଟେମ୍ବର ୧୭ ତାରିଖ ଠାରୁ ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ ଚାଲିଥିବା ସ୍ୱଚ୍ଛତା ପକ୍ଷ ଅବସରରେ କଣାସ ବ୍ଲକ ବିଡିଓ ନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ଦୀର୍ଘ ୧୫ଦିନ ହେଲା ବିଭିନ୍ନ ଗ୍ରାମପଞ୍ଚାୟତରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ଏହି ଅବସରରେ ବୃକ୍ଷରୋପଣ ଏବଂ ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଆଜି ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ରାଉତ, ବିଡିଓ ନାରାୟଣ ସାହୁ, ଏ.ବି.ଡି.ଓ ମଙ୍ଗଳ ସିଂ ହେମ୍ବ୍ରମ୍, ଜିଲ୍ଲାପରିଷଦ ସଭ୍ୟା ଲତାମଣି ଜଗଦେବ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି କେତେକ ଲୋକପ୍ରତିନିଧିଙ୍କଙ୍କ ଉପସ୍ଥିତିରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଥିଲା।

# ଦୁଇ ମହିଳା ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

**ନୟାହାଟ,୧୧୦/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡି ଅଞ୍ଚଳରେ ଦୁଇ ଗୋଷ୍ଠୀ ମହିଳା ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ଘଟିଥିବାରୁ ଏଥିନେଇ ନୟାହାଟ ଫାଣ୍ଡିରେ ଦୁଇ ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗକୁ ଭିତ୍ତିକରି ଗୋପ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ ନୟାହାଟ ଫାଣ୍ଡି ଅଧୀନରେ ଥିବା ଧୂମାଲ ଗ୍ରାମପଞ୍ଚାୟତର ନରସିଂହପୁର ହାଟଠାରେ ଦୁଇ ମହିଳା ଗୋଷ୍ଠୀ ମଧ୍ୟରେ ଏକ ସରକାର ତରଫରୁ ମହିଳା ମହାସଂଘକୁ ଯୋଗାଇ ଦିଆଯାଇଥିବା ଟ୍ରାକ୍ଟର ଅଧିକ ଓ କମ୍ ଭଡ଼ା ଦେବାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ବଚସାହୋଇ ହାତାହାତି ହୋଇଥିଲେ। ନୟାହାଟ ଫାଣ୍ଡି ଅଧିକାରୀ ଅଶୋକ କୁମାର ବେହେରା ଉକ୍ତ ଘଟଣାର ତଦନ୍ତ ଚଳାଇଛନ୍ତି।

# ବାଣପୁର ବ୍ଲକ୍‌ରେ ପୋକ୍ସୋ ଆଇନ ସମ୍ବନ୍ଧୀୟ ସଚେତନତା




**ବାଣପୁର,୧୧୦/ଏନ୍‌ଏନ୍‌ଏସ୍:** ଆଜି ଖୋର୍ଦ୍ଧା ଜିଲ୍ଲା ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ବ୍ଲକ ସଭାଗୃହରେ ପୋକ୍ସୋ ଆଇନ ଏବଂ ଉକ୍ତ ଆଇନ ଅଧୀନ ମହିଳା ପୀଡ଼ିତାଙ୍କ ନିମନ୍ତେ କ୍ଷତିପୂରଣ ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଅଧ୍ୟକ୍ଷତା କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ଅତିରିକ୍ତ ବିଡ଼ିଓ ନିରାକାର ଜେନା, ଫ୍ରଣ୍ଟ ଅଫିସ ରିଟେନର ପଦ୍ମଜା ପଟ୍ଟନାୟକ, ବାଣପୁର ଓକିଲ ସଂଘ ସମ୍ପାଦକ ରଞ୍ଜନ କୁମାର ବେଦମଣ୍ଡା, ଆଇନଜୀବୀ ଜଗଦିଶ ପଟ୍ଟନାୟକ, ସୀତାରାମ ଅଗ୍ରୱାଲ, କାମେଶ୍ୱର ଆଚାରୀ ଏବଂ ବାଣପୁର ବ୍ଲକ ଓ ଏନଏସିର ବହୁ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବିଚାରପତି ଶ୍ରୀ ମହାପାତ୍ର ଶିଶୁମାନଙ୍କ ଉପରେ ହେଉଥିବା ବିଭିନ୍ନ ଅପରାଧ ଏବଂ ଦଣ୍ଡବିଧାନ ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ। ଶିଶୁମାନଙ୍କ ବିରୁଦ୍ଧରେ ହେଉଥିବା ଯୌନ ନିର୍ଯାତନା, ହିଂସା ଏବଂ ଯୌନ ଉଦ୍ଦୀପକ(ପର୍ଣ୍ଣଗ୍ରାଫି) ପ୍ରକାଶନ, ବିତରଣ ଏବଂ ତାହାକୁ ନିଜ ପାଖରେ ରଖିବା ଅପରାଧ ବୋଲି ବିବେଚିତ କରିଥିଲେ। ଶିଶୁଙ୍କ ବିରୁଦ୍ଧରେ ହେଉଥିବା ହିଂସାକୁ ଲୁଚାଇରଖିବା ଏବଂ ଶିଶୁଙ୍କର ପରିଚୟ ପ୍ରକାଶ କରିବା ମଧ୍ୟ ଉକ୍ତ ଆଇନ ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ। ତତ୍‌ସହିତ ପୀଡ଼ିତାଙ୍କ ନିମନ୍ତେ ଉକ୍ତ ଆଇନ ଅନ୍ତର୍ଗତ କ୍ଷତିପୂରଣ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ ବିଚାରପତି ଶ୍ରୀ ମହାପାତ୍ର।

# ବିଜେଡିର ଜନସମ୍ପର୍କ ଯାତ୍ରା ପ୍ରସ୍ତୁତି ବୈଠକ

**କଣ୍ଢାପଡ଼ା,୧୧୦/ଏନ୍‌ଏନ୍‌ଏସ୍:** ଆସନ୍ତା ଅକ୍ଟୋବର ୨ ତାରିଖରୁ ବିଜେଡିର ଆରମ୍ଭ ହେବାକୁ ଥିବା ଜନ ସମ୍ପର୍କ ପଦଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ କଣ୍ଢାପଡା ବ୍ଲକ ବ୍ରାହ୍ମଣସାଇଲୋ ପଞ୍ଚାୟତ ଅନ୍ତର୍ଗତ ଖେରସ ଗ୍ରାମର ଏଗାରେଶ୍ୱର ମନ୍ଦିର ପରିସରରରେ ଅନୁଷ୍ଠିତ ହୋଇଯାଇଛି। ନିଆଳିର ପୂର୍ବତନ ବିଧାୟକ ଡାକ୍ତର ପ୍ରମୋଦ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୮ନମ୍ବର ଜିଲ୍ଲାପରିଷଦ ଜୋନ ଅନ୍ତର୍ଗତ ବ୍ରାହ୍ମଣସାଇଲୋ, ପାଟସୁନ୍ଦରପୁର, ଝାରପଡ଼ା, ଗୋବିନ୍ଦପୁର, ନୂଆଗାଁ ଗ୍ରାମ ଓ ନାହାଳପୁର ପଞ୍ଚାୟତର ଛାମୁଆ ସଂଗଠକମାନେ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି



**କୃଷ୍ଣପ୍ରସାଦ,୧୧୦/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ମାଣିକପାଟଣା, ପିରିଜିପୁର, ପଣସପଦା, ଗିଲିନାସୀ ଆଦି ବିଭିନ୍ନ କ୍ଲଷ୍ଟରରେ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ପଣସପଦା ପଞ୍ଚାୟତ ଅଧିନସ୍ଥ ପଣସପଦା କ୍ଲଷ୍ଟରରେ ଆୟୋଜିତ ଏହି ଉତ୍ସବକୁ ସ୍ଥାନୀୟ ସରପଞ୍ଚ ମିତାଲି ପ୍ରିୟଦର୍ଶିନୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରଧାନଶିକ୍ଷକ ଅଭିରାମ କେଇ, ପ୍ରଧାନଶିକ୍ଷକ ବଳଭଦ୍ର ସାହୁ, ସମାଜସେବୀ ଗଦାଧର ପ୍ରଧାନ, ପ୍ରାକ୍ତନ ପ୍ରଧାନଶିକ୍ଷକ ମେରୁଚରଣ ଦଳାଇ, ସୁଧୀର ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସିଆର୍‌ସିସି ଧ୍ରୁବ ଚରଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିଭଳି ଜନତା ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ଦାଶରଥି ଶତପଥୀ ଏବଂ ମାଣିକପାଟଣା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ସିଆରସିସି ରମେଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଭାଗ ନେବା ପାଇଁ ମନୋନୀତ କରାଯାଇଥିଲା। କ୍ଲଷ୍ଟର ଅଧୀନ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦଶପଲ୍ଲା-ଭୁବନେଶ୍ୱର ଟ୍ରେନ୍‌ରେ ନାହିଁ ନଥିବା ଭିଡ଼, ବଗି ସଂଖ୍ୟା ବଢ଼ାଇବାକୁ ଦାବି

**ନୟାଗଡ଼,୧।୧୦/ଏନ୍‌ଏନ୍‌ଏସ୍:** ଦଶପଲ୍ଲାରୁ ଭୁବନେଶ୍ୱର ରେଳ ଚଳାଚଳ କରିବା ପରେ ଯାତ୍ରୀମାନଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି। ଏପରିକି ଦଶପଲାଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ୨ଟି ଟ୍ରେନ ଓ ଦଶପଲ୍ଲା ଠାରୁ ଭଦ୍ରକ ପର୍ଯ୍ୟନ୍ତ ଗୋଟିଏ ଟ୍ରେନରେ ଏମିତି ଯାତ୍ରୀମାନେ ୩ଟି ଟ୍ରେନରେ ୬ଥର କରି ଯିବା ଆସିବା କରୁଛନ୍ତି। ଅନ୍ୟ ୨ଟି ଯାତ୍ରୀବାହୀ ଟ୍ରେନ୍ ଥିଲାବେଳେ ଗୋଟିଏ ମେମୋ ଟ୍ରେନ ରହିଛି। ତେବେ ସକାଳୁ ଯାଉଥିବା ଏବଂ ଭୁବନେଶ୍ୱରରୁ ସନ୍ଧ୍ୟାରେ ଫେରୁଥିବା ମେମୋ ଟ୍ରେନରେ ଯାତ୍ରୀମାନଙ୍କ ପାଇଁ ବଡ଼ ସମସ୍ୟା ଦେଖାଦେଇଛି। ଯାତ୍ରୀମାନେ ମେମୋ ଟ୍ରେନରେ ସିଟ୍ ନପାଇ ଠିଆ ହୋଇ ବହୁ ସମୟ ଯିବା ଆସିବା କରୁଛନ୍ତି। ରେଳଯାତ୍ରା ଅସମ୍ଭବ ଭିଡ଼କୁ ନେଇ ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି ପ୍ରତିକାର ମିଳୁନଥିବା କୁହାଯାଉଛି। ପୂର୍ବର ସେହି ସୀମିତ ୮ଟି ବଗିରେ ରେଳ ଚଳାଚଳ କରୁଛି। ବହୁ ଅସୁବିଧା ଭିତରେ ଯାତ୍ରୀମାନେ ଯାତ୍ରା କରୁଛନ୍ତି। ସିଟ୍ ପାଇବା ପାଇଁ ଠେଲା ପେଲା ହୋଇ ଟ୍ରେନ୍ ଭିତରେ ପ୍ରବେଶ କରୁଥିବା ବେଳେ କେତେକ ବୟସ୍କ ବ୍ୟକ୍ତି ସିଟ୍ ନପାଇ ବେଶୀ ହଇରାଣ ହୋଇ ଯାତ୍ରା କରୁଛନ୍ତି। ଏପରି ସମସ୍ୟା ନେଇ ରେଳ ବିଭାଗ ନିକଟରେ ଅଭିଯୋଗ କରାଯାଉଥିଲେ ମଧ୍ୟ ବିଭାଗୀୟ ଉଦାସୀନତି ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ଅସମ୍ଭବ ଭାବେ ଯାତ୍ରୀ ସଂଖ୍ୟା ବଢୁଥିବା ବେଳେ ରେଳଯାତ୍ରୀଙ୍କ ସୁବିଧା ପାଇଁ ବଗି ସଂଖ୍ୟା ବଢୁ ନାହିଁ। ଯାତ୍ରୀମାନଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ବଗି ସଂଖ୍ୟା ବଢାଇବା ପାଇଁ ଦାବି ହେଉଛି। ଅନ୍ୟପକ୍ଷରେ ଦଶପଲାରୁ ପୁରୀକୁ ସ୍ୱାଭାବିକ ଭାବେ ଟ୍ରେନ୍ ଚଳାଚଳ କରୁଛି।



## ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ

**କୁଆଁପାଳ,୧।୧୦/ଏନ୍‌ଏନ୍‌ଏସ୍:** ଶ୍ରୀଧର କୁଅଁର ଉଚ୍ଚ ପ୍ରାଥମିକ ଓ ପଞ୍ଚାୟତ ଶ୍ରୀଧର କୁଅଁର ଉଚ୍ଚ ବିଦ୍ୟାଳୟ ପରିସରରେ ନାହାଙ୍ଗ ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ୨୦୨୪ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଏ.ବି.ଇ.ଓ. ନାରାୟଣ ଚନ୍ଦ୍ର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭା ବିକାଶ କ୍ଷେତ୍ରରେ ସୁରଭି କାର୍ଯ୍ୟକ୍ରମ ଏକ ଅଧ୍ୟାୟ ସୃଷ୍ଟି କରିଛି ବୋଲି ମତଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ, ଶିକ୍ଷାବିତ୍ ପୁରୁଷୋତ୍ତମ ଜେନା, ପଞ୍ଚାୟତ ଶ୍ରୀଧର କୁଅଁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ସାମଲ, ଶ୍ରୀଧର କୁଅଁର ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସାବିତ୍ରୀ ନନ୍ଦ, ପ୍ରଧାନଶିକ୍ଷୟିତ୍ରୀ ନିର୍ମଳା କୁମାରୀ ସାହୁ ପ୍ରମୁଖ ଯୋଗଦେଇଥିଲା ବେଳେ ସିଆରସିସି ରମାକାନ୍ତ ଦାସଙ୍କ ସଭାପତିତ୍ୱ କରିଥିଲେ। ଶିକ୍ଷକ ଜ୍ୟୋତିରଞ୍ଜନ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ନାହାଙ୍ଗ କ୍ଲଷ୍ଟର୍‌ସ୍ତରୀୟ ୧୫ଟି ବିଦ୍ୟାଳୟର ମୋଟ ୨୫୦ଜଣ ଛାତ୍ର ଛାତ୍ରୀ ବିଭିନ୍ନ ବିଭାଗର ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଶୁଭ୍ରା ପୂର୍ଣ୍ଣଚନ୍ଦ୍ରୀୟା , ସଂଯୁକ୍ତା ମହାନ୍ତି, ଜୟନ୍ତ କୁମାର ଦାସ, ନଳିନୀକାନ୍ତ ସାହୁ, ରାକେଶ ରଂଜନ ପଣ୍ଡା, ହରପ୍ରିୟା ମହତାବ, ମଧୁସ୍ମିତା ଜେନା, ରୁନୁଲତା ବାରିକ, ପ୍ରଶାନ୍ତ କୁମାର ସାହୁ, ମନୋରଞ୍ଜନ କର, ବାସନ୍ତୀ ଦେଇ, ପୁଷ୍ପାଞ୍ଜଳୀ ବେହେରା, ମମତା ଶତପଥି, ଲୀନା ନାୟକ, ରମଣୀ ରାଉତ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କ କୃତୀତ୍ୱର ମୂଲ୍ୟାଙ୍କନ କରିଥିଲେ। ବିଭିନ୍ନ ବିଭାଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗିଙ୍କୁ ଅତିଥିମାନେ ପ୍ରଶଂସାପତ୍ର, ପାଠ୍ୟ ଉପକରଣ, ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ। ଏହି ଉତ୍ସବରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ଶ୍ରେଷ୍ଠ ଏସ୍‌ଆଇ ଚକ୍ରଧର ସିଂ ସମ୍ବର୍ଦ୍ଧିତ




**ଓଡ଼ଗାଁ,୧।୧୦/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନାରେ କାର୍ଯ୍ୟରତ ଏସ୍‌ଆଇ ଚକ୍ରଧର ସିଂ ସେପ୍ଟେମ୍ବର ମାସରେ ଶ୍ରେଷ୍ଠ ଏସ୍‌ଆଇ ଭାବରେ ଜିଲ୍ଲା ପୁଲିସ ପକ୍ଷରୁ ସୋମବାର ସମ୍ବର୍ଦ୍ଧିତ ହୋଇଛନ୍ତି। ବିଶେଷକରି ସାଧାରଣ ଲୋକଙ୍କ ନିକଟତର ହେବା, ଅପରାଧୀଙ୍କୁ କାବୁକରିବା ଓ ଲୋକଙ୍କୁ ଉଚିତ ନ୍ୟାୟ ପ୍ରଦାନ ପାଇଁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି। ପ୍ରତିଟି କ୍ଷେତ୍ରରେ ତାଙ୍କର ସଫଳତା ପାଇଁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସନାତନ କାଲେ ଓ ସୁବାଷ ପଣ୍ଡା ଉପସ୍ଥିତ ଥିବା ବେଳେ ଶ୍ରୀ ସିଂଙ୍କୁ ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବା ଜଣାପଡ଼ିଛି।

## ଠକାମିରେ ପଡ଼ିଥିବା ମହିଳାଙ୍କୁ ମିଶନଶକ୍ତି ସଭାପତିଙ୍କ ସହାୟତା



**ଟାଙ୍ଗୀ,୧।୧୦/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ ଜରିପଡା ପଞ୍ଚାୟତ ବିଶ୍ୱନାଥପୁର ଗ୍ରାମର କିଛି ମହିଳାଙ୍କଠାରୁ ଉକ୍ତ ଗ୍ରାମର ଗୌରାଙ୍ଗ ଦାସ ଓ ତାଙ୍କ ପତ୍ନୀ ମୋନା ଦାସ ଚଞ୍ଚକତା କରି କିଛି ମହିଳାମାନଙ୍କୁ ବିଭିନ୍ନ ଲୋଭଦେଖାଇ ଲକ୍ଷାଧିକ ଟଙ୍କା ଠକି ନେଇ ଗାଁ'ରୁ ଚମ୍ପଟ ମାରିଛନ୍ତି। ଯାହାକୁ ନେଇ ଟାଙ୍ଗୀ ତ୍ରିମ୍ବ ଫାଣ୍ଡିରେ ଅଭିଯୋଗ ହୋଇଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟଷ୍ଠାନ ଗ୍ରହଣ କରିନାହିଁ। ଫଳରେ ଫାଇନାନ୍ସ କମ୍ପାନୀର କର୍ମକର୍ତ୍ତା ମହିଳାମାନଙ୍କ ଘରକୁ ଆସି ଟଙ୍କା ଦେବାକୁ ବାଧ୍ୟ କରୁଛନ୍ତି। ଏହି ଖବର ଦୈନିକ 'ନିତିଦିନ'ରେ ପ୍ରକାଶ ପାଇବା ପରେ ମିଶନଶକ୍ତି ସଭାପତି ଅନୁରୋଧ ନାୟକ, ସମ୍ପାଦିକା ବନ୍ଦନା ପ୍ରଧାନ ମହିଳାମାନଙ୍କ ଘରେ ପହଞ୍ଚିବା ସହ ଆଲୋଚନା କରି ସମସ୍ତ ସହଯୋଗ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଗରିବ ମହିଳାମାନଙ୍କୁ ଉକ୍ତ ଦମ୍ପତି ଟଙ୍କା ଭଣ୍ଡେଇ ନେବାକୁ ଦୃଢ଼ ନିନ୍ଦା କରିବା ସହ କିଭଳି ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇ ହେବ ସେ ଦିଗରେ ମିଶନଶକ୍ତି ସମସ୍ତ ପ୍ରୟାସ କରିବ ବୋଲି ମହିଳାମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ବାଲୁଗାଁ ମହାବିଦ୍ୟାଳୟରେ 'ସ୍ୱଚ୍ଛତା ହିଁ ସେବା'



**ବାଲୁଗାଁ,୧।୧୦/ଏନ୍‌ଏନ୍‌ଏସ୍:** ବାଲୁଗାଁ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ଓ ଅଧ୍ୟାପିକା ରୀନା ରାଉତଙ୍କ ନେତୃତ୍ୱରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଚିଲିକା କୂଳରେ ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ଣରେ ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସହ ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସରରୁ ସ୍ୱଚ୍ଛତା ସମ୍ପର୍କରେ ବିଭିନ୍ନ ସ୍ଲୋଗାନ ଦେଇ ଚିଲିକା କୂଳ ପରିକ୍ରମା କରି ଚିଲିକାର ସୁରକ୍ଷା ଓ ସ୍ୱଚ୍ଛତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହାପରେ ମହାବିଦ୍ୟାଳୟ ସଭାଗୃହରେ ଯୁବ ରେଡ଼କ୍ରସ ଓ ଏନଏସଏସ ମିଳିତ ଆୟୋଜନରେ ଜାତୀୟ ସ୍ୱେଚ୍ଛାକୃତ ଆୟୋଜିତ ରକ୍ତଦାନ ଦିବସ ଅନୁଷ୍ଠିତ ହୋଇଥିଲା। ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ରେଡ଼କ୍ରସ ପରାମର୍ଶଦାତା ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ, ଅଧ୍ୟାପକ ଧୋବୀ ପରିଡା, ଅଧ୍ୟାପକ ମୃଡ଼ାଣି ଶଙ୍କର ପ୍ରସାଦ ମିଶ୍ର, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ରୀନା ରାଉତ, ଡକ୍ଟର ମୋନାଲିସା ମାନସିଂହ ରକ୍ତଦାନର ପ୍ରାସଙ୍ଗିକତା ଓ ସୁଫଳ ସମ୍ପର୍କରେ ଶିକ୍ଷାର୍ଥୀ ମାନଙ୍କୁ ସଚେତନ କରାଇଥିଲେ। ଡକ୍ଟର କୈଳାସ ଚନ୍ଦ୍ର ମହାରଣା ସ୍ୱଭାବ ସ୍ୱଚ୍ଛତା ଓ ସଂସ୍କାର ସ୍ୱଚ୍ଛତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ନିକଟରେ ଏନଏସଏସ ଓ ରେଡ଼କ୍ରସ ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିରରେ ରକ୍ତଦାନ କରିଥିବା ସ୍ୱେଚ୍ଛାସେବୀ ସୁଶ୍ରୀ କରିସ୍ମା ବିଶ୍ୱାସ, ସଂଗ୍ରାମ ଦାସ, ନୀଳକଣ୍ଠ ଦାସ,ଶୁଭଙ୍କର ରାଉତ, ରାକେଶ ବେହେରା ଦୀପକ ସେଠୀଙ୍କୁ ଅଧ୍ୟକ୍ଷ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ରୀନା ରାଉତଙ୍କ ସଂଯୋଜନାରେ ସ୍ୱଚ୍ଛତା ହିଁ ସେବା ସପ୍ତାହରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଜାତୀୟ ସେବା ଯୋଜନା ମେଗା ପ୍ଲାଣ୍ଟେସନ୍ ଶିବିର ଉଦ୍‌ଯାପିତ

**ଚାରିଛକ,୧।୧୦/ଏନ୍‌ଏନ୍‌ଏସ୍:** ଚାରିଛକସ୍ଥିତ ନିଗମାନନ୍ଦ ମହିଳାମହାବିଦ୍ୟାଳୟ ପରିସରରେ ଗତ ସୋମବାର ଠାରୁ ଆରମ୍ଭ ହୋଇଥିବା ଜାତୀୟସେବା ଯୋଜନାର ମେଗା ପ୍ଲାଂଟେସନ ଶିବିର ଗତକାଲି ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ବିନୋଦିନୀ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବୃକ୍ଷର ଉପାଦେୟତା ଏବଂ ଯତ୍ନପାଇଁ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ପରିଚାଳନା କମିଟିର ସଭାପତି ଡଃ ସନ୍ତୋଷ କୁମାର ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପିଲାମାନଙ୍କୁ ପରିବେଷ ସୁରକ୍ଷା ଓ ମାନବିକତାର ବିକାଶ, ବ୍ୟକ୍ତିତ୍ୱର ପରିପ୍ରକାଶ ପାଇଁ ଉପଦେଶ ଦେଇଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମର ସଂଯୋଜକ ଡଃ ସୁଶାନ୍ତ କୁମାର ପଟ୍ଟନାୟକଙ୍କର ଅନେକ ଉପାଦେୟ ଉପଦେଶ ଜାତୀୟ ସେବା ଯୋଜନାର ମୂଳଲକ୍ଷ୍ୟ ଓ ପରିପ୍ରକାଶ ଉପରେ ଆଲୋକପାତ କରିଥିଲେ। ପ୍ରୋଗ୍ରାମ ଅଫିସର ମଧୁସ୍ମିତା ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଏନସିସି ମେଜର ପୁଷ୍ପଲତା ଦତ୍ତଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇଥିଲେ। ପରିଶେଷରେ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।

## ୪ରେ ବାଲୁଗାଁ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ

**ବାଲୁଗାଁ,୧।୧୦/ଏନ୍‌ଏନ୍‌ଏସ୍:** ବାଲୁଗାଁ ବଜାର ଦେଇ ଯାଇଥିବା ୫ ନମ୍ବର ଜାତୀୟ ରାଜପଥର ୪ ଲେନ ବିଶିଷ୍ଟ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ରାସ୍ତାପାର୍ଶ୍ୱ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆସନ୍ତା ୪ ତାରିଖରୁ ଆରମ୍ଭ ହେବ ବୋଲି ଚିଲିକା ତହସିଲ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶ ଯେ, ଚିଲିକା ତହସିଲ ଅଧିନ ଗୋବର୍ଦ୍ଧନପୁର ମୌଜା ଜୟପୁରଠାରୁ ଇଞ୍ଜନପୁର ମୌଜା ଗବପଦର ପର୍ଯ୍ୟନ୍ତ ୪ କି.ମି ଦୂରତା ରାସ୍ତା ପ୍ରଶସ୍ତିକରଣ ହେବ। ଏହି କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଖୋର୍ଦ୍ଧାର କାର୍ଯ୍ୟାଦେଶ ରହିଛି। କିଛି ଦିନ ପୂର୍ବେ ଚିଲିକା ତହସିଲ ପକ୍ଷରୁ ମାପଚୁପ କାର୍ଯ୍ୟ ଶେଷ ହୋଇ ରାସ୍ତାର ଉଭୟ ପାର୍ଶ୍ୱରେ ସ୍ଥାୟୀ ଏବଂ ଅସ୍ଥାୟୀ ୯୭ ଜଣ ଜବରଦଖଲକାରୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଗତ ୨୭ ତାରିଖରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହେବ ବୋଲି ତହସିଲ ପକ୍ଷରୁ ନୋଟିସ ହୋଇଥିଲା। କିନ୍ତୁ କୌଣସି କାରଣ ହେତୁ ଉଚ୍ଛେଦ କାର୍ଯ୍ୟକୁ ସାମୟିକ ଭାବେ ସ୍ଥଗିତ ରଖାଯାଇ ପରବର୍ତ୍ତୀ ସମୟରେ ତାରିଖ ଘୋଷଣା କରାଯିବ ବୋଲି ୨୬ ତାରିଖରେ ଚିଲିକା ତହସିଲ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ପୁନର୍ବାର ଆସନ୍ତା ୪ ତାରିଖକୁ ଦିନ ଧାର୍ଯ୍ୟ ହୋଇଛି ଏବଂ ୩ ତାରିଖ ସୁଦ୍ଧା ଜବରଦଖଲକାରୀ ଉକ୍ତ ଜାଗାକୁ ଅବରୋଧ ମୁକ୍ତ କରିବା ପାଇଁ ଚିଲିକା ତହସିଲଦାର ଚକ୍ରଧର ପାଢ଼ୀ ନିର୍ଦ୍ଦେଶନାମା ଜାରି କରିଛନ୍ତି।

**AFFIDAVIT**

I, Sampa Nath Das, aged about 33 years, W/o- Raju Das, resident of Qtr. No. B/13, Jayadev Vihar, Ps-Nayapalli, Bhubaneswar, Dist-Khordha, Odisha do hereby declare that my correct name is Sampa Nath Das which is reflected in my Aadhaar card vide no. 6600 2367 5031 and all other documents, but in my Bank Passbook, Postal Passbook my name has been wrongly mentioned as Sampa Nath instead of Sampa Nath Das. That **Sampa Nath Das** and **Sampa Nath** is one and same person i.e. myself.

**AFFIDAVIT**

I, Krishna Prasad Tripathy, aged about 48 years, S/o- Late Indramani Tripathy, resident of At-KIIT Road, Patia, Bhubaneswar - 751024, Dist-Khordha do hereby declare that my son's Aadhaar card no. 5107 4193 6740 and some other documents the father's name of my son is written correctly as Krishna Prasad Tripathy. But in the Board Certificate of my son issued from CBSE, Bhubaneswar the father's name written wrongly as Krishna Tripathy. That **Krishna Prasad Tripathy** and **Krishna Tripathy** is one and same person.

**AFFIDAVIT**

By virtue of an affidavit Sworn before the Executive Magistrate Jagatsinghpur on date 25 September 2024, I Mr PRADEEPTA MALLICK Address- At-Derakana, Po-Sankheswar, Ps-Tirtol, Dist-Jagatsinghpur, Odisha Pin-754137 Declare that I have Changed my name from PRAMOD MALLICK to PRADEEPTA MALLICK. Henceforth I shall be Known as PRADEEPTA MALLICK for all Purposes

**PRADEEPTA MALLICK**

## ଖଣ୍ଡପଡ଼ାରେ ବରିଷ୍ଠ ନାଗରିକ ଦିବସ ପାଳିତ



**ଖଣ୍ଡପଡ଼ା,୧।୧୦/ଏନ୍‌ଏନ୍‌ଏସ୍:** ଖଣ୍ଡପଡା ଶୁଭମଣ୍ଡପ ପରିସରରେ ଆର୍ନ୍ତଜାତୀୟ ବରିଷ୍ଠ ନାଗରିକ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସାମନ୍ତ ଚନ୍ଦ୍ରଶେଖର ବରିଷ୍ଠ ନାଗରିକ ଫୋରମର ସଭାପତି ଅଖିଳ କୁମାର ମହାରଣାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଖଣ୍ଡପଡା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ତହସିଲଦାର ରାଜାରାମ ଛତ୍ରିଆ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ, ଶିଶୁକବି କାଶୀନାଥ ଦାସ, ସମାଜସେବୀ ଜିତେନ୍ଦ୍ର କୁମାର ରଣସିଂହ, ନାଗରିକ ଫୋରମ୍‌ର ଉପସଭାପତି ଦୁର୍ଗାମାଧବ ଦାଶ ଓ ବିନାୟକ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ନାଗରିକମାନଙ୍କ ପାଇଁ ସରକାର ପ୍ରଣୟନ କରିଥିବା ବିଭିନ୍ନ ଯୋଜନାଗୁଡ଼ିକ ସଂପର୍କରେ ବିଧାୟକ ଆଲୋକପାତ କରିବା ସହ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ସାଂପ୍ରତିକ ବିକାଶ ନିମନ୍ତେ ବରିଷ୍ଠ ନାଗରିକମାନେ ସଂଗ୍ରାମ ଜାରି ରଖନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ନାଗରିକ ଫୋରମ୍ ପକ୍ଷରୁ ଅତିଥିମାନଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ନାଗରିକମାନଙ୍କୁ ପ୍ରଶାସନ ବାରମ୍ବାର ଅଣଦେଖା କରୁଥିବାରୁ କାର୍ଯ୍ୟକ୍ରମରେ ଉପସ୍ଥିତ ୧୦୦ରୁ ଉର୍ଦ୍ଧ ବରିଷ୍ଠ ନାଗରିକ କ୍ଷୋଭ ପ୍ରକାଶ କରିଥିଲେ। ଶିକ୍ଷାବିତ୍ ଜନ୍ମେଜୟ ନାୟକ ଧନ୍ୟବାଦ ଦେଇଥିଲେ।

A-348

**GOVERNMENT OF ODISHA**
**e-Procurement Notice Online Tender**
**BID Identification No. SEMIDBNJ-04/2024-25**

| | | |
|---|---|---|
| Name of work | : | Civil Construction Works |
| No of work | : | 5 Nos. |
| Estimated cost | : | Rs.63.90 Lakh to 83.10 Lakh |
| Period of Completion | : | 5 (Five) calendar Months |
| Date & time of availability of Bid Documents in the portal | : | From 09.10.2024 to 19.10.2024 up to 17.30 hours. |
| Date for opening of Technical Bid | : | 21.10.2024 at 11.00 AM |
| Name & Address of the OIT | : | Superintending Engineer Minor Irrigation Division, Bhanjanagar |

Further details & Corrigendum if any can be seen from the website www.tendersodisha.gov.in

Sd/-
Superintending Engineer
M.I. Division, Bhanjanagar

OIPR-32287/11/0008/2425

## ୪ ପଞ୍ଚାୟତରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ମାହାଙ୍ଗା,୧।୧୦/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ କୋଳିଅଠା ପଞ୍ଚାୟତସ୍ଥିତ ପଞ୍ଚାୟତ ବାସନ୍ତୀ ଜୟଦୁର୍ଗା ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବାସୁଦେବପୁର ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ମୃତିଲିପ୍ସା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ଭବାନୀଶଙ୍କର ସାମଲ, ମୁଖ୍ୟବକ୍ତାଭାବେ ବାସୁଦେବପୁର ହାଇସ୍କୁଲର ପ୍ରଧାନଶିକ୍ଷକ ବିନୋଦ ବିହାରୀ ମିଶ୍ର, ସମ୍ମାନିତ ଅତିଥିଭାବେ କଉଁଡୁକୋଲ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରତାପ କିଶୋର ନାୟକ, ପରିଚାଳନା କମିଟି ସଭାପତି ଦେବେନ୍ଦ୍ରନାଥ ବଳ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଦେଇ ପୁରସ୍କୃତ କରିବା ସହ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। କ୍ଲଷ୍ଟର ସଂଯୋଜକ ଅଦ୍ୱୈତ୍ୟ ବଲ୍ଲଭ ରାଉ ଅତିଥି ପରିଚୟ, ପୂର୍ବତନ ସିଆରସିସି ରବୀନ୍ଦ୍ର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷକ ନରହରି ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୯ଟି ବିଦ୍ୟାଳୟର ୨୧୦ଜଣ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଅଜୟ ସେନାପତି, ମାନସ ମଲିକ, ଲକ୍ଷ୍ମୀ ନାୟକ, ଟୁକୁନା ଦାସ, ଟ୍ୱିଙ୍କିଲ ସେନ, ସୋନାଲିତା ରଥ, ଭାଗିରଥି ଝୋଡିଆ,ବସନ୍ତ ସିଂହ, ଗୋପିନାଥ କିର୍ଶନୀ, କିରଣବାଳା ସ୍ୱାଇଁ, ଗୁରୁଚରଣ ସାମଲ, ପରାୟଣୀ ମାଝି, ଦେବେନ୍ଦ୍ର ବଳ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି ନୁର୍ତାଙ୍ଗ ପଞ୍ଚାୟତସ୍ଥିତ ନୁର୍ତାଙ୍ଗ ସରକାରୀ ଉଚ୍ଚବିଦ୍ୟାଳୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ସଂଯୋଜକ ସତ୍ୟବ୍ରତ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ପୂର୍ବତନ ସିଆରସିସି ଅକ୍ଷୟ କୁମାର ସାହୁ, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ନିର୍ମଳା ପ୍ରହରାଜ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଆଦିକନ୍ଦ ନାୟକ, ଜଟାଧାରୀ ପତି ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ଶିକ୍ଷକ ମନୋରଞ୍ଜନ ବାରିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷକ ପ୍ରଶାନ୍ତ କୁମାର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୯ଟି ବିଦ୍ୟାଳୟର ୨୧୦ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବାଜପୁରା ପଞ୍ଚାୟତସ୍ଥିତ ଆଞ୍ଚଳିକ ଉଚ୍ଚ ଓ ମଧଙ୍ଗରାଜୀ ବିଦ୍ୟାଳୟ ପରିସରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଯୋଜକ ବାମଦେବ ସ୍ୱାଇଁଙ୍କ ସଂଯୋଜନା ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚକ୍ରଧର ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ସରପଞ୍ଚ ପ୍ରଭାତ କିଶୋର ରାଉତ , ସମ୍ମାନିତ ଅତିଥିଭାବେ ସମାଜସେବୀ କାର୍ତ୍ତିକ ଚନ୍ଦ୍ର ରାଉତ, ପ୍ରଧାନଶିକ୍ଷୟିତ୍ରୀ ସୂର୍ଯ୍ୟମଞ୍ଜରୀ ମହାନ୍ତି, ପୂର୍ବତନ ସିଆର୍‌ସିସି ଗଦାଧର ଦାସ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ସନ୍ତୋଷ କୁମାର ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷକ ଗଗନ ଚନ୍ଦ୍ର ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୧୪ଟି ବିଦ୍ୟାଳୟର ୨୨୦ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ମାହାଙ୍ଗା ପଞ୍ଚାୟତସ୍ଥିତ ମହାବୀର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରାଣୀଗୋଡ଼ା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ସଂଯୋଜକ ହରେକୃଷ୍ଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଉଦ୍‌ଘାଟକ ଓ ମୁଖ୍ୟଅତିଥିଭାବେ ସରପଞ୍ଚ ବେବିନା ଜେନା, ମୁଖ୍ୟବକ୍ତାଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ କାହ୍ନୁଚରଣ ସ୍ୱାଇଁ, ସମ୍ମାନିତ ବକ୍ତାଭାବେ ସିଆରସିସି ରାମରାମ ଷଡଙ୍ଗୀ, ସମ୍ମାନିତ ଅତିଥିଭାବେ ଜହଳ ହାଇସ୍କୁଲ ପ୍ରଧାନଶିକ୍ଷକ ନିବାସ ଚନ୍ଦ୍ର କର ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଦେଇ ପୁରସ୍କୃତ କରିବା ସହ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶିକ୍ଷୟିତ୍ରୀ ସୂର୍ଯ୍ୟମୟୀ ମଙ୍ଗରାଜ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷକ ଦେବରାଜ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୧୧ଟି ବିଦ୍ୟାଳୟର ୨୦୫ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

## ବିପ୍ଳବୀ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ଶ୍ରାଦ୍ଧୋତ୍ସବ



**ନିଶ୍ଚିନ୍ତକୋଇଲି,୧।୧୦/ଏନ୍‌ଏନ୍‌ଏସ୍:** ବିପ୍ଳବୀ ସୁରେନ୍ଦ୍ରନାଥ ଦ୍ୱିବେଦୀ ସ୍ମୃତିକମିଟି ଆନୁକୂଲ୍ୟରେ ନିଶ୍ଚିନ୍ତକୋଇଲିସ୍ଥ ନିର୍ବାଣ କାର୍ଯ୍ୟାଳୟ ପରିସରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପ୍ରାକ୍ତନ ସାଂସଦ, ଅରୁଣାଚଳ ପ୍ରଦେଶର ରାଜ୍ୟପାଳ, ଲବ୍ଧ ପ୍ରତିଷ୍ଠ ସାହିତ୍ୟିକ, ସର୍ବାଧିକ ଦେଶବିଦେଶ ଭ୍ରମଣ କରିଥିବା ବ୍ୟକ୍ତିତ୍ୱ, ପ୍ରଜାସୋସିଆଲିଷ୍ଟ ପାର୍ଟିର ସଂସ୍ଥାପକ, ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ୨୩ତମ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି। ପରିବେଶବିତ୍ ପ୍ରମୋଦ ଦାଶଙ୍କ ସଂଯୋଜନାକ୍ରମେ ସ୍ମୃତିକମିଟିର ସଂପାଦକ ଫକୀର ଚରଣ ନାୟକ ଅଧ୍ୟକ୍ଷତା କରିଥିଲେ। ଶିଶୁ ସାହିତ୍ୟିକ ଶ୍ୟାମସୁନ୍ଦର ଲେଙ୍କା, ସ୍ତମ୍ଭକାର ବିବେକାନନ୍ଦ ଦାସ, ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ବାରିକ, ସାମ୍ବାଦିକ ପ୍ରଫୁଲ୍ଲ କୁମାର ମହାପାତ୍ର, ବିଜୟ କୁଅଁର, ରଞ୍ଜନ ଦାସ, ଗୋବିନ୍ଦ ଚନ୍ଦ୍ର ଦାସ, ସୁକାନ୍ତ ମାଢେଇ, ରାଜେଶ ସାହୁ, ନିରଞ୍ଜନ ବସ୍ତିଆ, ଅମୀୟ ରଞ୍ଜନ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ।

B-372

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**KEONJHAR (R&B) CIRCLE, KEONJHAR**

No. 4605 Date: 30.09.2024

**INVITATIONS FOR BIDS (IFB)**
**1st Corrigendum to Bid Identification No CCEKC - 15/2024-25**

**The following changes are made to the works invited vide Bid Identification No CCEKC - 15/2024-25** vide Letter No.4369 dt. 20.09.2024.

1. The bid documents in the website www.tendersodisha.gov.in will be available in the web site from **11.00 Hours of 07.10.2024 to 16.00 Hours of 22.10.2024** for online bidding.
2. Bids shall be received only on "online" on or before **16.00 Hours of 22.10.2024.**
3. Bids received "**on-line**" shall be **opened at 11.30 Hours on 23.10.2024** in the office of the Chief Construction Engineer, Keonjhar (R&B) Circle, Keonjhar.
4. If the office happens to be closed on the stipulated date of opening of Bids as specified, the bids will be opened on the next working day at the same time and venue.

**All other terms & conditions remained unchanged.**

Sd/- Chief Construction Engineer,
Keonjhar (R&B) Circle, Keonjhar

OIPR-34033/11/0033/2425

i-212

**"e" Procurement Notice for Building Works**

| Sl no | Name of the work | Estimated cost in Lakh | Class of contractor | Bid Identification No | Period for completion |
|---|---|---|---|---|---|
| 1 | Construction of Additional Class Room at Barahi Nodal HS Abhayamukhi ( Abhayamukhi Bhoi Sahi PS )inDeulidharapur G.P under Balipatna Block. | 13.17 | D & equivalent | 03/BPS/2024-25 | 3 months |
| 2 | Construction of Additional Class Room at Jageswari Nodal UP School in NarisoG.P under Balipatna Block. | 12.50 | D & equivalent | 04/BPS/2024-25 | 3 months |

1. Availability of Tender Online for bidding : Dt.01.10.2024 at 03.00 P.M dt.15.10.2024 at 5.00 PM
2. Last date & time of seeking Tender clarification : Dt.12.10.2024 at 5.00 PM
3. Date & time of opening of Tender : Dt.17.10.2024 at 11 AM

Further details can be seen from the website www.tendrodisha.gov.in

Sd/- Block Development Officer
Balipatna Block

OIPR-19303/11/0002/2425

## ପ୍ରମାଣ ଅଭାବରୁ ଦୁଷ୍କର୍ମ ଅଭିଯୁକ୍ତ ଦୋଷମୁକ୍ତ

**ପୁରୀ,୧।୧୦/ଏନ୍ଏନ୍ଏସ୍:** ପୁରୀ ପୋକ୍ସୋ କୋର୍ଟ ଜଣେ ବ୍ୟକ୍ତିଙ୍କୁ ଦୁଷ୍କର୍ମ ଅଭିଯୋଗରୁ ଦୋଷମୁକ୍ତ କରିଛନ୍ତି। ଫଳରେ ଦୀର୍ଘ ୮ ବର୍ଷର ମାମଲାର ଅନ୍ତ ଘଟିଛି। ପ୍ରମାଣ ଅଭାବରୁ ପୁରୀ ପୋକ୍ସେ କୋର୍ଟ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଶରେ ଖଲାସ କରିଥିବା ଜଣାପଡ଼ିଛି। ଜଣେ ମହିଳା ତାଙ୍କ ନାବାଳିକା ଝିଅକୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ଯୁବକ ଶାରୀରିକ ସମ୍ପର୍କ ରଖିଥିଲେ ବୋଲି ୬ ଅକ୍ଟୋବର ୨୦୧୬ ମସିହାରେ ଥାନାରେ ଅଭିଯୋଗ କରିଥିଲେ। ସେହି ମାମଲର ତଦନ୍ତ କରି ପୁଲିସ ୨୫ ଏପ୍ରିଲ ୨୦୧୭ ମସିହାରେ ପୁରୀ ପୋକ୍ସୋ କୋର୍ଟରେ ଅଭିଯୋଗପତ୍ର (ଚାର୍ଜସିଟ୍) ଦାଖଲ କରିଥିଲା। ଏହି ମାମଲାରେ ପୁରୀ ପୋକ୍ସୋ କୋର୍ଟ ଆଡ଼ହକ ଆଡ଼ିସିନାଲ ସେସନ୍ ଜଜ୍ ରମାନାଥ ପଣ୍ଡା ମାମଲାର ବିଚାରକରି ତଥ୍ୟ ଓ ପ୍ରମାଣ ଅଭାବରୁ ୨୮ ବର୍ଷୀୟ ଅଭିଯୁକ୍ତଙ୍କୁ ଆଇପିସିର ଧାରା ୩୪୧/୩୫୪/୩୨୩/୩୭୬(୨)(ଏନ୍)/୫୦୬ ସହିତ ଧାରା ୬ ପୋକ୍ସୋ ଆଇନ ୨୦୧୨ ଅଭିଯୋଗରୁ ଦୋଷମୁକ୍ତ କରିଛନ୍ତି ବୋଲି ରାୟରେ ପ୍ରକାଶ କରିଛନ୍ତି। ବିଚାରପତି ଶ୍ରୀ ପଣ୍ଡା ଅଭିଯୁକ୍ତଙ୍କୁ ସିଆର୍‌ପିସିର ଧାରା ୨୩୫ (୧)ର ବ୍ୟବସ୍ଥା ଅନୁଯାୟୀ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ବୋଲି ତାଙ୍କ ରାୟରେ ଦର୍ଶାଇଛନ୍ତି। ଏହି ମାମଲାରେ ସରକାରୀ ଅଧିବକ୍ତା (ଏପିପି) ବାହନ ପରିଡ଼ା ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ଅଧିବକ୍ତା ଦେବଦତ୍ତ କାନୁନ୍‌ଗୋ ମୋକଦ୍ଦମ ପରିଚାଳନା କରୁଥିଲେ।

## ଆଇନ ସଚେତନତା ଶିବିର

**ପୁରୀ,୧।୧୦/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧକ୍ଷା ତଥା ଜିଲ୍ଲା ଓ ଦୌରାଜଜ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଜି ଦିନ ୧ଟା ସମୟରେ ହୋପ ଇଜ ଲାଇଫ ଚାରିଟେବଲ ଟ୍ରଷ୍ଟ, ବେଲଦଳ, ପୁରୀଠାରେ ଆଇନସେବା ପ୍ରାଧିକରଣ ତରଫରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମରେ ପ୍ରାଧିକରଣର ସଚିବ ଅମିତ କୁମାର ବାରିକ ଉଦ୍‌ଘାଟନ କରିବା ସହ ପରିଚାଳନା କରି ନିଜ ବକ୍ତବ୍ୟରେ ବରିଷ୍ଠ ନାଗରିକମାନଙ୍କ ପାଇଁ ରହିଥିବା ଆଇନ ସହାୟତା ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ଅନ୍ତେବାସୀ ଏବଂ ସେଠାକାର ଉପସ୍ଥିତ କର୍ମକର୍ତ୍ତାମାନଙ୍କୁ ଆଇନ ସେବା ପ୍ରାଧିକରଣର ତରଫରୁ ଧନ୍ୟବାଦ ଅର୍ପଣ ସହ ଆଇନ ସେବାର ଉପଯୋଗିତା ଓ ଉପଦେୟତାକୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣର କର୍ମଚାରୀବୃନ୍ଦ ସହଯୋଗ କରିଥିଲେ।

## ବିଶ୍ୱ ପେନ୍ସନର୍ ଦିବସ

**କଟକ,୧।୧୦/ଏନ୍ଏନ୍ଏସ୍:** ବରିଷ୍ଠ ନାଗରିକ ଓ ପେନସନର୍ ଦିବସ କଟକ ଜିପିଓଠାରେ ପାଳିତ ହୋଇଯାଇଛି। ପେନ୍ସନ୍‌କୁ ରକ୍ଷା କରିବା ଉଦ୍ଦେଶ୍ୟରେ 'ବିଶ୍ୱ ଟ୍ରେଡ୍ ୟୁନିୟନ ଫେଡେରସନ୍' ମଧ୍ୟ ଆଜିର ଦିବସକୁ ବିଶ୍ୱ ପେନସନର୍ ଦିବସ ପାଳନ ନିମନ୍ତେ ଆସିଥିବା ଆହ୍ୱାନକୁ ସର୍ବଭାରତୀୟ ସଂଗଠନ ଏନ୍‌ସିସିପିଏ ଓ ଏଆଇପିଆର୍‌ପିର ଓଡ଼ିଶା ଶାଖା ପକ୍ଷରୁ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କଟକର ଅନ୍ୟାନ୍ୟ ପେନସନର ସଂଘମାନେ ମଧ୍ୟ ଯୋଗ ଦେଇଥିଲେ। ପେନ୍‌ସନର୍‌ମାନଙ୍କ ଅଧିକାର ଓ ଦାବି ମଧ୍ୟରେ ସୁଷମ ଖାଦ୍ୟ, ସ୍ୱଚ୍ଛ ପିଇବା ପାଣି, ସ୍ୱାସ୍ଥ୍ୟର ଯତ୍ନ ପାଇଁ ବିନା ଖର୍ଚ୍ଚରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ଓ ମାଗଣାରେ ଗମନାଗମନ ସୁବିଧା ଦାବି କରାଯାଇଛି। କେନ୍ଦ୍ର ସରକାରୀ ପେନସନର ସଂଘର ରାଜ୍ୟ ସାଧାରଣ ସମ୍ପାଦକ ରବୀନ୍ଦ୍ର ନାଥ ଧଳ ସଭାପତିତ୍ୱ କରିଥିବାବେଳେ ଜୀବନ ବୀମା ପେନ୍‌ସନର୍ ସଂଘର ମାନଗୋବିନ୍ଦ ବାରିକ, ରବିନାରାୟଣ ମଲ୍ଲିକ, ସାଧାରଣ ବୀମାରୁ କୃଷ୍ଣଚନ୍ଦ୍ର ବେହେରା, କେନ୍ଦ୍ର ପେନସନର୍ ମୋହିନୀ ମୋହନ ସାମଲ, ବୃହସ୍ପତି ସାମଲ, ରାଜ୍ୟ ସରକାରୀ ପେନସନର୍ ଗୋକୁଳାନନ୍ଦ ବେହେରା, ନିର୍ମଳ ଚନ୍ଦ୍ର ଦାସ, ଇପିଏଫ୍ ପେନସନର୍ ଭାଗ୍ୟଧର ବ୍ରହ୍ମା ଓ ବିନୋଦ ବେହେରା, ବ୍ୟାଙ୍କ ପେନସନର୍ ପ୍ରଦୀପ ଷଡ଼ଙ୍ଗୀ, ପ୍ରକାଶ ରାୟ ଓ ସୁରେଶ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲାବେଳେ ହେମନ୍ତ କୁମାର ମହାନ୍ତି ଧନ୍ୟବାଦ୍ ଦେଇଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସାମ୍ବାଦିକ ଦିଲ୍ଲୀପ ପଟ୍ଟନାୟକ ସମ୍ବର୍ଦ୍ଧିତ

**ଖୋର୍ଦ୍ଧା,୧।୧୦/ଏନ୍ଏନ୍ଏସ୍:** ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ଜିଲ୍ଲା ସମ୍ପାଦକ ଶ୍ରୀ ଦିଲ୍ଲୀପ ପଟ୍ଟନାୟକ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସମ୍ବର୍ଦ୍ଧିତ ହୋଇଛନ୍ତି। ବିଶ୍ୱ ସ୍ୱେଚ୍ଛାକୃତ ରକ୍ତଦାତା ଦିବସ ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ(ସିଡିଓ ଆଣ୍ଡ ପିଏଚଓ) ଡା. ରାଜଶ୍ରୀ ପଟ୍ଟନାୟକ ଓ ଏଡିପିଏଚ (ପରିବାର କଲ୍ୟାଣ) ଡା. ରଘୁନାଥ ନାୟକ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଓୟୁଡବ୍ଲୁଜେ ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ପ୍ରକାଶ କୁମାର ହାତୀ, ଓୟୁଜେ ରାଜ୍ୟ ସମ୍ପାଦକ ପ୍ରସନ୍ନ କୁମାର ପାଇକରାୟ, ୟୁଜେଏ ଖୋର୍ଦ୍ଧା ଜିଲ୍ଲା ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଧରିତ୍ରୀ ଖୋର୍ଦ୍ଧା ଜିଲ୍ଲା ପ୍ରତିନିଧି ତଥା ବିଶିଷ୍ଟ ସମାଜସେବୀ ପ୍ରଭାତ ପାଣିଗ୍ରାହୀ, ରଞ୍ଜିତ ସାମନ୍ତରାୟଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଡିପିସି ପକ୍ଷରୁ ସାମ୍ବାଦିକ ଭବନରେ ଆୟୋଜିତ ରକ୍ତଦାନ ଶିବିରରେ ପ୍ରଥମ ଥର ପାଇଁ ରକ୍ତଦାନ କରିଥିଲେ। ଏଥିସହିତ ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ଆଗକୁ ମଧ୍ୟ ସେ ପ୍ରତି ୩ ମାସରେ ରକ୍ତଦାନ କରିବେ ବୋଲି ସଂକଳ୍ପ କରିଥିଲେ। ଶ୍ରୀ ପଟ୍ଟନାୟକ ଉଭୟ ଅନୁଷ୍ଠାନର ଜିଲ୍ଲା ସମ୍ପାଦକ ଦାୟିତ୍ୱରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡି.ଜି.ଏମ ପ୍ରକାଶ ବାନାର୍ଜୀ, ଡି.ପି.ଏଚ.ଓ ପ୍ରସନ୍ନ ମହାପାତ୍ର ଙ୍କ ସମେତ ବିଭିନ୍ନ ରକ୍ତଦାନ ଶିବିର ଆୟୋଜକ ଅନୁଷ୍ଠାନ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଶ୍ରୀମନ୍ଦିର ସୁରକ୍ଷା ନେଇ ବିଧାନସଭା ଷ୍ଟାଣ୍ଡିଂ କମିଟିର ଆଲୋଚନା

# ପରିକ୍ରମା ପ୍ରକଳ୍ପ ଚାରିପଟେ କାର୍ପେଟ୍ ବିଛାଇବାକୁ ଦାବି



**ପୁରୀ,୧।୧୦/ଏନ୍ଏନ୍ଏସ୍:** ଶ୍ରୀମନ୍ଦିର ସୁରକ୍ଷା ନେଇ ବିଧାନସଭା ଷ୍ଟାଣ୍ଡିଂ କମିଟିରେ ହୋଇଛି ଗୁରୁତ୍ୱପୂର୍ଣ୍ଣ ଆଲୋଚନା। ଶ୍ରୀମନ୍ଦିରରେ ଅଧିକ ଜେଟିପି ବା ଜଗନ୍ନାଥ ଟେମ୍ପୁଲ୍ ପୁଲିସ ସୁରକ୍ଷାକର୍ମୀ ନିଯୁକ୍ତି, ସ୍ୱତନ୍ତ୍ର ବାଟାଲିୟନ ଫୋର୍ସ ନିଯୁକ୍ତି ଓ ଡ୍ରୋନ୍ ଉଡାଣ ଭଳି ସ୍ୱତନ୍ତ୍ର ବ୍ୟବସ୍ଥା ଉପରେ ମୁଖ୍ୟ ପ୍ରଶାସକଙ୍କ ସହ ବିସ୍ତୃତ ଆଲୋଚନା କରି ଶ୍ରୀମନ୍ଦିର ସୁରକ୍ଷା କିଭଳି ଆହୁରି ମଜଭୁତ ହୋଇପାରିବ ସେନେଇ ଷ୍ଟାଣ୍ଡିଂ କମିଟି ଗୁରୁତ୍ୱାରୋପ କରିଛି। ସେପଟେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଥିବା ବେଳେ ଦର୍ଶନ ବ୍ୟବସ୍ଥାକୁ ଖୁସିବ୍ୟକ୍ତ କରିଛନ୍ତି କମିଟି ସଦସ୍ୟ ତଥା କଂଗ୍ରେସ ବିଧାୟକ ତାରା ବାହିନିପତି। ଅନ୍ୟପଟେ ପ୍ରବଳ ଖରାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ସିଂହଦ୍ୱାର ସମେତ ପରିକ୍ରମା ପ୍ରକଳ୍ପ ଚାରିପଟେ କାର୍ପେଟ୍ ବିଛାଇବାକୁ ଦାବି କରିଛନ୍ତି ଉଭୟ ଭକ୍ତ ଓ ସେବାୟତ।

ଶ୍ରୀମନ୍ଦିର ସୁରକ୍ଷାକୁ ରାଜ୍ୟ ସରକାର ଗୁରୁତର ସହ ନେଇଛନ୍ତି। ଶ୍ରୀମନ୍ଦିର ସୁରକ୍ଷାକୁ ପ୍ରାସଙ୍ଗିକତା କରି ପୁରୀରେ ବିଧାନସଭା ଷ୍ଟାଣ୍ଡିଂ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଛି। ଦୀର୍ଘ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ରୁଦ୍ଧଦ୍ୱାରରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଷ୍ଟାଣ୍ଡିଂ କମିଟିର ଅଧକ୍ଷ ସିଦ୍ଧାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ ପୁରୀ ଜିଲ୍ଲାପାଳ, ଏସପି, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, କମିଟିର ସଦସ୍ୟ, ପୁରୀ ଓ ପିପିଲି ବିଧାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିରୁ ଅଧିକ ସଂଖ୍ୟକ ଜେଟିପି ନିୟୋଜନ ସହ ସ୍ୱତନ୍ତ୍ର ବାଟାଲିୟନ ଫୋର୍ସ ନିୟୋଜନ ଓ ଡ୍ରୋନ୍ ଉଡାଣ ଉପରେ କମିଟିର ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ଭିତର ଓ ବାହାର ଷ୍ଟ୍ରକ୍‌ଚର୍‌ର ସୁରକ୍ଷା ପାଇଁ ଏଏସଆଇ କାର୍ଯ୍ୟକୁ ବେଶ୍ ପ୍ରଶଂସା କରାଯାଇଛି। ତେବେ ପୂର୍ବରୁ ଆଇନମନ୍ତ୍ରୀ ମଧ୍ୟ ଶ୍ରୀମନ୍ଦିରର ସୁରକ୍ଷା ଓ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ୧୧୦୦ରୁ ଊର୍ଦ୍ଧ୍ୱ ସ୍ୱତନ୍ତ୍ର ବାଟାଲିୟନ ନିୟୋଜିତ ହେବାନେଇ ପ୍ରତିକ୍ରିୟା ରଖିଥିବା ବେଳେ ଷ୍ଟାଣ୍ଡିଂ କମିଟିରେ ମଧ ଏହା ଆଲୋଚନା ହେବା ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିଛି। ସେପଟେ ମହାପ୍ରଭୁଙ୍କ ନୀତିକାନ୍ତି କିଭଳି ଶୃଙ୍ଖଳିତ ହେବ, ଭକ୍ତଙ୍କ ସହଜ ଓ ସୁବିଧା ଦର୍ଶନ ଉପରେ ମଧ କମିଟିରେ ଆଲୋଚନା ହୋଇଥିବା କମିଟିର ସଦସ୍ୟ ଇରାଶିସ୍ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ଶ୍ରୀମନ୍ଦିରକୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଉପରେ ସନ୍ତୋଷ ପ୍ରକାଶ କରିଛନ୍ତି କମିଟିର ସଦସ୍ୟ ତଥା କଂଗ୍ରେସ ବିଧାୟକ ତାରା ବାହିନିପତି। ଆଉ କିଛି ବ୍ୟବସ୍ଥାର ଆବଶ୍ୟକ ରହିଥିବା ମଧ କହିଛନ୍ତି ତାରା ବାହିନିପତି। ଅନ୍ୟପଟେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଦିନକୁ ଦିନ ଖରାର ପ୍ରକୋପକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେଡ୍ ଓ କାର୍ପେଟ୍ ବ୍ୟବସ୍ଥା ଆରମ୍ଭ ହୋଇଛି। ଭକ୍ତଙ୍କ ଲାଗି ବ୍ୟାପକ ସୁବିଧା କରିବା ଲାଗି କହିଥିଲେ ପୁରୀ ବିଧାୟକ ସୁନୀଲ ମହାନ୍ତି। ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟିର ଦୁଇ ଦିନିଆ ପୁରୀ ଗସ୍ତ କାର୍ଯ୍ୟକ୍ରମ ଶେଷ ହୋଇଛି। ଗତକାଲି କମିଟି ପୁରୀ ଜେଲ୍ ଏବଂ ମେରାଇନ୍ ଥାନା ବୁଲି ଭିତ୍ତିଭୂମି ସମୀକ୍ଷା କରିଥିଲେ।

### ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ

## 'ବୟସ୍କଙ୍କୁ ଉପଯୁକ୍ତ ସମ୍ମାନ ଓ ସୁରକ୍ଷାଦେବା ଆମର କର୍ତ୍ତବ୍ୟ'




**ପୁରୀ,୧।୧୦/ଏନ୍ଏନ୍ଏସ୍:** ବରିଷ୍ଠ ନାଗରିକମାନେ ସମାଜ ପାଇଁ ଅମୂଲ୍ୟ ସମ୍ପଦ। ସେମାନଙ୍କ ଅଭିଜ୍ଞତା ଓ ଅନୁଭବ ସମାଜକୁ ଦିଗଦର୍ଶନ ଦେଇଥାଏ। ସେମାନଙ୍କୁ ଉପଯୁକ୍ତ ସମ୍ମାନ ଓ ସୁରକ୍ଷା ଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଛନ୍ତି ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ।

ଆଜି ପୂର୍ବାହ୍ନରେ ପୁରୀ ଜିଲ୍ଲା ପ୍ରଶାସନ, ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ୟୁଥ ହଷ୍ଟେଲଠାରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ସେଠୀ କହିଥିଲେ ଯେ ବରିଷ୍ଠ ନାଗରିକମାନଙ୍କ ପାଇଁ ଅନେକ ବ୍ୟବସ୍ଥା କରାଯାଇଛି। ସେମାନଙ୍କ ପାଇଁ ସାମାଜିକ ସୁରକ୍ଷା ଯୋଜନା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଇତ୍ୟାଦି କରାଯାଇଛି। ଆଉ ଯାହା ସମସ୍ୟା ସେମାନେ ଉପସ୍ଥାପନ କରିଛନ୍ତି ତାହା ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇ ସମାଧାନ କରାଯାଇପାରିବ ବୋଲି ସେ ପ୍ରକାଶ କରିଥିଲେ। ସିଡିଏମଓ ଡା. ରୂପଭାନୁ ମିଶ୍ର ବରିଷ୍ଠ ନାଗରିକମାନେ ନିଜ ଜୀବନ ଶୈଳୀରେ ପରିବର୍ତ୍ତନ ସହ ଯୋଗ, ସକାଳୁ ଚାଲିବା, ଖାଦ୍ୟ ଉପରେ ନିୟନ୍ତ୍ରଣ ରଖିଲେ ସୁସ୍ଥ ଓ ନିରୋଗ ହୋଇ ପାରିବେ ବୋଲି ସେ କହିଥିଲେ। ଚିକିତ୍ସାଳୟରେ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ସମ୍ପର୍କରେ ଉଚିତ ପଦକ୍ଷେପ ନେବେ ବୋଲି ସେ ସୂଚନା ଦେଇଥିଲେ। ଜେରିଆଟିକ ବିଶେଷଜ୍ଞ ଶୁଭ୍ରଦୀପ ସ୍ୱାଇଁ ବରିଷ୍ଠ ନାଗରିକ ସୁସ୍ଥ ରହିବାର ବିଭିନ୍ନ କୌଶଳ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ସମାଜ କଲ୍ୟାଣ କାର୍ଯ୍ୟାଳୟର ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ କହିଥିଲେ ଯେ ବୟସ୍କଙ୍କ ଅଭିଜ୍ଞତା ଓ ବରିଷ୍ଠତା ସମାଜ ପାଇଁ ଅନେକ ଉପକାରରେ ଲାଗିଥାଏ। ବୟସ୍କମାନଙ୍କ ପାଇଁ ସରକାର ଯେଉଁ ଯୋଜନା କରିଛନ୍ତି ତାହାର ସୁଫଳ ପାଇବା ପାଇଁ ସେମାନେ ସଚେତନ ହେବା ଜରୁରୀ ବୋଲି କହିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା ଏଥିରେ ଅଧକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସନ୍ତୋଷ କୁମାର ମହାନ୍ତି, ଡଃ କାର୍ତ୍ତିକ ଦାଶ, ଗୁଣ୍ଡିଚା ବରାଳ, ଦେବେନ୍ଦ୍ର ଦାଶ, ଅଭିମନ୍ୟୁ ଗୁରୁ, ପ୍ରଫୁଲ୍ଲ ମିଶ୍ର, ରମେଶ ଚନ୍ଦ୍ର ମହାପାତ୍ର, ଅରବିନ୍ଦ ଶତପଥୀ, ହରିହର ସାହୁ ପ୍ରମୁଖ ଯୋଗ ଦେଇ ସେମାନଙ୍କ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଏକ ସ୍ୱାସ୍ଥ୍ୟ ସେବା ଶିବିର ମାଧ୍ୟମରେ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

## ନୂତନ ପୁଲିସ କମିଶନର୍, ଡିସିପିଙ୍କୁ ସମ୍ବର୍ଦ୍ଧନା



**କଟକ,୧।୧୦/ଏନ୍ଏନ୍ଏସ୍:** ଭୁବନେଶ୍ୱର-କଟକର ନୂତନ ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂହ ଓ କଟକ ଡିସିପି ଜଗମୋହନ ମୀନାଙ୍କୁ ସ୍ୱାଗତ ଜଣାଇବା ସହ ବହୁ ବର୍ଷ ଧରି କଟକର ସବୁ ଯାନିଯାତ୍ରାକୁ ଶାନ୍ତି କମିଟିର ଜଣେ ପରିବାର ସଦସ୍ୟ ଭାବେ ସଫଳ କରାଇବାରେ ସହଯୋଗ କରୁଥିବା ଏଡିସିପି ଅନୀଲ ମିଶ୍ରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସମ୍ବର୍ଦ୍ଧନାର ଉତ୍ତରରେ ପୁଲିସ କମିଶନର ଶ୍ରୀ ସିଂହ ଓ ଡିସିପି ଶ୍ରୀ ମୀନା ଚଳିତ ବର୍ଷର ସମସ୍ତ ଜାନିଯାତ୍ରାଗୁଡିକୁ ଶାନ୍ତି କମିଟି ସହ ସମ୍ପୂର୍ଣ୍ଣ ଭାବେ ସହଯୋଗ କରି ସଫଳ କରାଇବାକୁ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ? ଏହି କାର୍ଯ୍ୟକ୍ରମରେ କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ସିହ୍ନା, ସାଧାରଣ ସମ୍ପାଦକ ଭିକାରୀ ଦାସ, ଉପସଭାପତି କିଶୋର ବେହେରା, ଦେବାଶିଷ ରାୟ, ଶିବେନ୍ଦ୍ର ହାତୀ ଓ ଦେବେନ୍ଦ୍ର କାହାଳୀ, ସଂଗଠନ ସମ୍ପାଦକ ନରେଶଚନ୍ଦ୍ର ସାହୁ, ସହସମ୍ପାଦକ ରବୀନ୍ଦ୍ରକୁମାର ବେହେରା, ମୀନକେତନ ଦାସ, ଡ଼. ଦ୍ୱିପାୟନ ପଟ୍ଟନାୟକ ଏବଂ କାର୍ଯ୍ୟାଳୟ ସହସମ୍ପାଦକ ସୁଦୀପ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥଲେ।

### ମୁକୁଳା ବୋର୍‌ୱେଲ୍‌ରେ ପଡ଼ି ବୃଦ୍ଧା ମୃତ୍ୟୁ ମାମଲା

## ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ନିର୍ଦ୍ଦେଶ

**କଟକ,୧।୧୦/ଏନ୍ଏନ୍ଏସ୍:** ବୋର୍‌ୱେଲ୍‌ରେ ପଡ଼ି ବୃଦ୍ଧା ମୃତ୍ୟୁ ମାମଲାରେ ଓଡ଼ିଶା ମାନବିକ ଅଧିକାର ଆୟୋଗ (ଓଏଚ୍‌ଆର୍‌ସି) ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ଆଦେଶ ଦେଇଛନ୍ତି। ଆୟୋଗଙ୍କ ଆଦେଶ ମୁତାବକ ଉକ୍ତ ଘଟଣାରେ ତଦନ୍ତ ରିପୋର୍ଟ ଦାଖଲ କରିନଥିବାରୁ ଜିଲ୍ଲାପାଳଙ୍କୁ ଆୟୋଗ ସମନ ଜାରି କରିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା ପୁଲିସ୍ ଏସ୍‌ପିଙ୍କ ଜରିଆରେ ଏହି ସମନ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ଆୟୋଗ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ପରବର୍ତ୍ତୀ ଶୁଣାଣି ନିମନ୍ତେ ୨୦୨୪ ନଭେମ୍ବର ୧୧ ତାରିଖକୁ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀ ଅନୁଯାୟୀ, ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକର ଖଲିଆପାଲି ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ବୃଦ୍ଧା ଦୁଃଖୀ ନେଗିଙ୍କର ମୁକୁଳା ବୋର୍‌ୱେଲରେ ପଡ଼ି ମୃତ୍ୟୁ ହୋଇଥିଲା। ମୃତ ବୃଦ୍ଧା ଜଣକ ଝିଅ ଘରକୁ ବୁଲିବାକୁ ଆସିଥିବା ବେଳେ ୨୦୨୩ ନଭେମ୍ବର ୧୪ ତାରିଖରେ ଅଘଟଣର ଶିକାର ହୋଇଥିଲେ। ରାଜ୍ୟ ସରକାରଙ୍କ ଉଠାଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ଏକ ମୁକୁଳା ବୋର୍‌ୱେଲରେ ବୃଦ୍ଧା ଜଣକ ଖସିପଡ଼ି ୨୪ ଘଣ୍ଟା ରହିବା ଦ୍ୱାରା ତାଙ୍କର ମୃତ୍ୟୁ ହୋଇଥିଲା। ମାନବାଧିକାର କର୍ମୀ ପ୍ରବୀର କୁମାର ଦାସ ଏନେଇ ଓଏଚ୍‌ଆର୍‌ସିରେ ମାମଲା ରୁଜୁ କରି ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିମନ୍ତେ ନିବେଦନ କରିଛନ୍ତି।

## ଦଶହରା ପୂର୍ବରୁ ଖାଲଖମା ରାସ୍ତା ମରାମତି ପାଇଁ ଦାବିପତ୍ର



**କଟକ,୧।୧୦/ଏନ୍ଏନ୍ଏସ୍:** କଟକ ସହର ପୂର୍ବାଞ୍ଚଳ ଓ ସଦର ନିର୍ବାଚନମଣ୍ଡଳୀ ଅଞ୍ଚଳରେ ସମ୍ପ୍ରତି ପାର୍ବଣ ଋତୁ ଗଣେଶ ପୂଜାଠାରୁ ଆରମ୍ଭ ହୋଇଯାଇଛି। କଟକ ସହର ସମେତ କଟକ ସଦର ନିର୍ବାଚନମଣ୍ଡଳୀରେ ମଧ ଦୁର୍ଗାପୂଜା, କାଳୀପୂଜା, କାର୍ତ୍ତିକେଶ୍ୱର ପୂଜା ସମେତ କଟକ ସହରରେ ଐତିହାସିକ ବାଲିଯାତ୍ରା ହୋଇଥାଏ। ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ଲୋକେ କଟକ ସହରକୁ ଆସିଥାନ୍ତି ଏବଂ ମେଢ଼ ଶୋଭାଯାତ୍ରା ମଧ ନିଜନିଜ ଅଞ୍ଚଳର ମୁଖ୍ୟ ରାସ୍ତା ଦେଇ ପରିକ୍ରମା କରିଥାଏ। ମାତ୍ର କଟକ ସହର ସମେତ ସଦର ନିର୍ବାଚନ ମଣ୍ଡଳୀରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ରାସ୍ତାଗୁଡ଼ିକର ବିଭିନ୍ନ ସ୍ଥାନରେ ଗାଡ଼ ସୃଷ୍ଟି ହୋଇ ଯାତାୟାତରେ ସମସ୍ୟା ସୃଷ୍ଟି ହେବା ସହ ଅନେକ ସମୟରେ ଦୁର୍ଘଟଣାମାନ ମଧ ଘଟୁଛି। ଏହି ପ୍ରସଙ୍ଗରେ କଂଗ୍ରେସ ଦଳ ପକ୍ଷରୁ କଟକ ସଦର ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ଗୋଛାୟତଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ କଟକ ଶକ୍ତି ନଗର କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ଓଏମ୍‌ପି ଛକ ନିକଟସ୍ଥ ଆରଏଣ୍ଡବି କଟକ ବିଭାଜନ -୨ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ସାକ୍ଷାତକରି ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କଟକ ଜିଲ୍ଲା କଂଗ୍ରେସର ପ୍ରାକ୍ତନ ଉପସଭାପତି ଶିଶିର ରଥ ଓ ମନୋଜ ବିଶ୍ୱାଳ, କଟକ ନଗର(ଜିଲ୍ଲା)କଂଗ୍ରେସର ମୁଖ୍ୟ-ମୁଖପାତ୍ର ମାନସ ପରିଡ଼ା, ବରିଷ୍ଠ କଂଗ୍ରେସ ନେତା ନିର୍ମଳ ସ୍ୱାଇଁ, ଜିଲ୍ଲା କଂଗ୍ରେସର ପ୍ରାକ୍ତନ ସାଧାରଣ ସମ୍ପାଦକ ଉଗ୍ରସେନ ଭୂୟାଁ, କଟକ ନଗର ଯୁବ କଂଗ୍ରେସ ସଭାପତି ଆଡ୍‌ଭୋକେଟ୍ ଡ଼. ବିପ୍ଳବ ଶିଳାଦିତ୍ୟ, ଜିଲ୍ଲା କଂଗ୍ରେସ ପ୍ରାକ୍ତନ ସମ୍ପାଦକ ସଚ୍ଚିଦାନନ୍ଦ ରାଉତ, ପ୍ରଦେଶ ଲିଗାଲ୍ ସେଲ୍ କର୍ମକର୍ତ୍ତା ବିଶ୍ୱରଞ୍ଜନ ମହରଥା, ପୂର୍ବତନ କର୍ପୋରେଟର୍ ପ୍ରଶାନ୍ତ ଭୋଇ, ଯୁବନେତା ପ୍ରତ୍ୟୁଷ ସାହୁ, ରାଜେଶ୍ ସ୍ୱାଇଁ, କାଳନ୍ଦୀ ଖୁଣ୍ଟିଆ, ବିକି ଜେଠୀ, ନିହାର ନନ୍ଦ, ଋଷି କାଣ୍ଡି, ସୀତାକାନ୍ତ ପଣ୍ଡା, ରଜନୀ ବସ୍ତିଆ, ବିଭୂତି ଦ୍ୱିବେଦୀ, ସୁବ୍ରତ ସ୍ୱାଇଁ, ଉମେଶ ଛାଟୋଇ ଓ ସନ୍ତୋଷ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ନିତିଦିନ NITIDIN
DISPLAY CLASSIFIED
Every Day All Odisha Publications
For Booking
BHUBANESWAR : 9668817285
CUTTACK : 9937069825
advt@nitidin.com | advtnitidin@gmail.com

Odisha's Most Reliable Nursing Institution Since Last 22 Years
FIRST TIME IN ODISHA FREE INTEGRATED COACHING FOR AIIMS/ OSSSC/JIPMER/ESIC/NURSING OFFICER EXAM
ANM ELG.- +2, DURATION- 2 YRS.
GNM ELG.- +2, DURATION- 3 YRS.
DMLT / DMRT ELG.- +2 SC, DURATION- 2 YRS.
B.Sc Nursing ELG.- +2 (PCB), DURATION- 4 YRS.
P.B.B.Sc Nursing ELG.- GNM PASS, DURATION- 2 YRS.
M.Sc Nursing ELG.- B.SC (N)/ PB.B.SC(N) with 55% Marks, DURATION- 2 YRS.
Recognised by D.M.E.T., Govt. of Odisha
100% PLACEMENT ASSISTANCE Smart Class Room Practical at SCB Medical College www.dgeiodisha.com
DHANESWAR GROUP OF EDUCATIONAL INSTITUTIONS
BHUBANESWAR COLLEGE OF NURSING & DHANESWAR SCHOOL AND COLLEGE OF NURSING
RECOGNISED BY GOVT. OF ODISHA, INDIAN NURSING COUNCIL, OUHS
UTTAMAPUR, BALIKUDA, CUTTACK Contact 9348896738 9938100766

Assured Success Technique
ADMISSION OPEN
B.ED / B.PED / M.ED
Academic Session: 2020-22
Under Acharya Nagrajun University, Guntur, A.P. Equivalent to all Universities, Odisha
SMECT
Satya Vihar, Bhubaneswar
Contact : 9040042064
9040042062, 8594948196

NARAYANI SCHOOL OF NURSING
GANDHI CHHAK, JAGATSINGHPUR
Few seats Available
GNM
ELIGIBILTY 40% (35% FOR SC/ST) IN +2 ANY STREAM
SCHOLARSHIP AVAILABLE FOR SC/ST STUDENTS.
CONTACT:-
7008545532
9040707835
9778435741

ଅଗରବତି କମ୍ପାନୀ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ୍ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ
ପ୍ରତ୍ୟେକ ମେସିନ୍ ସହ Raw Material Free
7682938106
8018493464

ସୂଚନା
ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଖବର କାଗଜରେ ପ୍ରକାଶିତ ବିଜ୍ଞାପନଗୁଡ଼ିକ ଦାବି ସଂପୃକ୍ତ ବିଜ୍ଞାପନ ଦାତାଙ୍କର ନିଜସ୍ୱ ଅଟେ। ଏଥିପାଇଁ ଖବରକାଗଜ ପକ୍ଷରୁ କୌଣସି ଅନୁସନ୍ଧାନ କରାଯାଇନଥାଏ କିମ୍ବା ଏଥିପାଇଁ ଖବରକାଗଜ କିମ୍ବା କୌଣସି କର୍ମକର୍ତ୍ତା ଉତ୍ତରଦାୟୀ ନୁହନ୍ତି। ପାଠକମାନେ ବିଜ୍ଞାପନଦାତାଙ୍କୁ କୌଣସି ଅର୍ଥରାଶି ପଇଠ କରିବା ପୂର୍ବରୁ ସଂପୃକ୍ତ ସଂସ୍ଥା ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ନିଜେ ସଂଗ୍ରହ କରିବା ଆବଶ୍ୟକ।

## ଆଜିର ଇତିହାସ

- ୧୯୦୬-ରାଜା ରବି ବର୍ମାଙ୍କ ନିଧନ।
- ୧୯୨୯- ଗାନ୍ଧିଜୀ ନବଜୀବନ କାର୍ଯ୍ୟାଳୟକୁ ଏକ ସାର୍ବଜନିକ ନ୍ୟାସର ରୂପ ଦେଇଥିଲେ।
- ୧୯୫୧-ଶ୍ୟାମା ପ୍ରସାଦ ମୁଖାର୍ଜୀ ଭାରତୀୟ ଜନସଂଘର ସ୍ଥାପନା କରିଥିଲେ।
- ୧୯୫୨-ସାମୁଦାୟିକ ବିକାଶ କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା।
- ୧୯୫୫-ପେରାମ୍ବୁର ଇଣ୍ଟିଗ୍ରଲ୍ କୋଚ୍ ଫ୍ୟାକ୍ଟ୍ରି ରେଳର ପ୍ରଥମ ଡ଼ବାର ନିର୍ମାଣ କରିଥିଲା।
- ୧୯୬୧-ମୁମ୍ବାଇ ଠାରେ ସିଙ୍ଗ କର୍ପୋରେସନ୍ ଅଫ୍ ଇଣ୍ଡିଆର ସ୍ଥାପନା ହୋଇଥିଲା।
- ୧୯୮୫-ଯୌତୁକ ନିଷେଧ ସଂଶୋଧନ ଅଧିନିୟମ ଲାଗୁ କରାଯାଇଥିଲା।



## ଶ୍ରୀମଦ୍ ଭଗବଦ୍‌ଗୀତା

ନ ପ୍ରହୃଷ୍ୟେତ୍‌ପ୍ରିୟଂ ପ୍ରାପ୍ୟ ନୋଦ୍ୱିଜେତ୍‌ପ୍ରାପ୍ୟ ଚାପ୍ରିୟମ୍।
ସ୍ଥିରବୁଦ୍ଧିରସଂମୂଢ଼ୋ ବ୍ରହ୍ମବିଦ୍ ବ୍ରହ୍ମଣି ସ୍ଥିତଃ। (୫/୨୦)



ବ୍ରହ୍ମରେ ସ୍ଥିତ ଯିଏ ରହେ ସେ ବ୍ରାହ୍ମଜ୍ଞାନୀ। ସେଭଳି ବ୍ୟକ୍ତି ମୋହପ୍ରାପ୍ତ ହୁଅନ୍ତିନି। ତାଙ୍କର ବୁଦ୍ଧି ସ୍ଥିର ରହେ। ତେଣୁ ସେ ପ୍ରିୟ ବସ୍ତୁ ପାଇଲେ ଖୁସି ହୁଅନ୍ତିନି କି ଅପ୍ରିୟ ବସ୍ତୁ ପ୍ରାପ୍ତିରେ ଦୁଃଖୀ ହୁଅନ୍ତିନି। କୃଷ୍ଣ ଏଠାରେ ସ୍ପଷ୍ଟ କହୁଛନ୍ତି - ଏ ସଂସାରରେ କୋଟି କୋଟି ଲୋକ ଇନ୍ଦ୍ରିୟ ସ୍ତରରେ ଅବସ୍ଥାନ କରନ୍ତି। ଏହି ସ୍ତର ସେମାନଙ୍କର ଜୀବନ ପ୍ରଣାଳୀକୁ ମଧ୍ୟ ନିୟନ୍ତ୍ରଣ କରିଥାଏ, ସୀମାବଦ୍ଧ କରିଦିଏ ଏବଂ ସେମାନଙ୍କୁ ପରସ୍ପର ଠାରୁ ଅଲଗା କରିଦିଏ। କିନ୍ତୁ ଯିଏ ଅଚଳ ମହାମେରୁ ବ୍ରହ୍ମଙ୍କ ନିକଟରେ ସ୍ଥିତ ତା'ର ବୁଦ୍ଧି ଶାନ୍ତ, ସ୍ଥିର ଓ ସୁନିୟନ୍ତ୍ରିତ। ତେଣୁ ଇନ୍ଦ୍ରିୟ ସ୍ତରରୁ ମନ ବାହାର କରି ଆତ୍ମା ଉପରେ ସ୍ଥିର କର। ଶ୍ରୀ ରାମକୃଷ୍ଣଙ୍କର ଗୋଟିଏ ବାକ୍ୟ ଏଠାରେ ସ୍ମରଣୀୟ - ଜଣେ ସଂସାରୀ ମଣିଷ ମନରୁ କାମ, କାଞ୍ଚନ ଓ ଲୋଭକୁ ସମ୍ପୂର୍ଣ୍ଣ ଭାବରେ କାଢି ନେଲେ ତା'ପାଖରେ ଆଉ ରହିବ କ'ଣ ? କେବଳ ଆନନ୍ଦମୟ ବ୍ରହ୍ମ ତା' ଭିତରେ ଉଦ୍ଭାସିତ ହେବେ।

# ମହାତ୍ମା ଗାନ୍ଧୀ ଓ ଲାଲ୍ ବାହାଦୁର ଶାସ୍ତ୍ରୀ

**କୌଣସି ଦେଶର ସାଧୀନତା ସେହି ଦେଶର ନାଗରିକମାନଙ୍କ ଉପରେ ନିର୍ଭର କରେ। ଯେଉଁ ଲୋକମାନେ ଦେଶ ଓ ଦେଶବାସୀଙ୍କ ପାଇଁ ନିଃସ୍ୱାର୍ଥ ଭାବ ଦ୍ୱାରା ନିଜ ଜୀବନକୁ ବଳିଦାନ ଦେଇଥାନ୍ତି ସେମାନଙ୍କୁ କୁହାଯାଏ ସାଧୀନତା ସଂଗ୍ରାମୀ। ତେବେ ଇଂରେଜମାନଙ୍କୁ ଦେଶରୁ ବିତାଡ଼ିତ କରିବା ପାଇଁ ଅନେକଗୁଡ଼ିଏ ସତ୍ୟାଗ୍ରହ ଓ ଜନ ଆନ୍ଦୋଳନଗୁଡ଼ିକର ବଡ଼ ଭୂମିକା ରହିଥିଲା ଯେଉଁଗୁଡ଼ିକୁ ଆରମ୍ଭ କରିଥିଲେ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ। ତାଙ୍କ ସହିତ ଅନେକ ବଡ଼ ବଡ଼ ସଂଗ୍ରାମୀ ଓ ସାଧାରଣ ଜନତା ଏହି ଆନ୍ଦୋଳନରେ ଯୋଗଦେଇ ଦେଶକୁ ସାଧୀନ କରିଥିଲେ। ଏହି ସଂଗ୍ରାମୀମାନଙ୍କ ମଧ୍ୟରେ ଥିଲେ ଲାଲ୍ ବାହାଦୁର ଶାସ୍ତ୍ରୀ ଯିଏ ଅହିଂସା ମାର୍ଗରେ ଯାଇ ଅମିଟ ଛାପ ଛାଡ଼ିଯାଇଛନ୍ତି। ପୂରା ଦେଶ ଆଜି ଭାରତମାତାର ଏହି ଦୁଇ ଜଣ ବୀର ସୁପୁତ୍ର, ନିଷ୍ଠାବାନ ଦେଶଭକ୍ତଙ୍କର ଜୟନ୍ତୀ ପାଳନ କରୁଛି।**




ଗାନ୍ଧିବାଦୀ ବିଚାରଧାରାର ଦୁଇଟି ଥିଲା ଆଧାରଭୂତ ସିଦ୍ଧାନ୍ତ-ସତ୍ୟ ଓ ଅହିଂସା। ତାଙ୍କ ଅନୁସାରେ ଯେଉଁଠାରେ ସତ୍ୟ ଥାଏ ସେହିଠାରେ ଈଶ୍ୱର ବାସ କରନ୍ତି। ପ୍ରେମ ଓ ଉଦାରତାର ପରାକାଷ୍ଠା ଗାନ୍ଧିଜୀ ୨ ଅକ୍ଟୋବର, ୧୮୬୯ରେ ଗୁଜରାଟର ପୋରବନ୍ଦର ଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପୂରା ଜୀବନ ସମସ୍ତଙ୍କୁ ପ୍ରେରଣା ଯୋଗେଇଛି। କିପରି ଜଣେ ବ୍ୟକ୍ତି ନିଜର ଆତ୍ମବଳ ଯୋଗୁ ସତ୍ୟକୁ ମାଧ୍ୟମ କରି, ଅହିଂସା ସହିତ ଏତେ ବଡ଼ ଭିଡ଼ର ସମ୍ମୁଖୀନ ହୋଇଥିଲେ ତାହା ସମସ୍ତେ ଜାଣନ୍ତି। ଅହିଂସାର ଏହି ପରମ ପୂଜାରୀ କହିଥିଲେ- 'ଏହି ଦେଶକୁ ଶାନ୍ତି ମିଳିବ କିମ୍ବା ଏହି ଭୂମିରେ ଗାନ୍ଧୀର ଅନ୍ତ ହେବ।' ବାପୁଙ୍କ ଜୀବନ ଆଜି ବି କହୁଛି- ସତ୍ୟ ସବୁବେଳ ପରି ସର୍ବୋଚ୍ଚ ସ୍ଥାନରେ ରହିବ। ତାଙ୍କ ସମ୍ମୁଖରେ ଅନ୍ୟ ସବୁ ଶକ୍ତିର ମୂଲ୍ୟ କମ୍ ଥିଲା। ତାଙ୍କର ସତ୍ୟ ଓ ଅହିଂସାର ସିଦ୍ଧାନ୍ତ ଅନେକ ସମୟରେ ଇଂରେଜମାନଙ୍କୁ ପରାସ୍ତ କରିଥିଲା। ହିଂସାର ରାସ୍ତାରେ ଯାଇ କେହି କେବେ ନିଜର ଅଧିକାର ପାଇପାରିବ ନାହିଁ ବୋଲି ବିଶ୍ୱାସ ରଖିଥିଲେ ଗାନ୍ଧିଜୀ। ସମାଜରେ ବ୍ୟାପିଥିବା ଜାତିବାଦ, ଅସମାନତା, ଛୁଆ ଅଛୁଆଁର ଭେଦଭାବ ଓ ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରୁଥିଲେ। ଦଳିତମାନଙ୍କର ସ୍ଥିତିକୁ ସୁଧାରିବାରେ ଅନେକଗୁଡ଼ିଏ କାର୍ଯ୍ୟ ସେ କରି ଯାଇଛନ୍ତି। ନେତୃତ୍ୱ ନେବାର ଅଦ୍ଭୁତ କ୍ଷମତା ଥିଲା ଗାନ୍ଧିଜୀଙ୍କ ପାଖରେ। ତାଙ୍କର ମହାନତା, ତାଙ୍କର କାର୍ଯ୍ୟ ଓ ବିଚାରଧାରା ପାଇଁ ତାଙ୍କ ଜୟନ୍ତୀକୁ ସ୍ୱାଧୀନତା ଦିବସ ଓ ଗଣତନ୍ତ୍ର ଦିବସ ପରି ଜାତୀୟ ଉତ୍ସବର ମାନ୍ୟତା ଦିଆଯାଉଛି। ୧୯୪୮ ମସିହା ୩୦ ଜାନୁଆରୀ ଦିନ ନାଥୁରାମ୍ ଗୋଡ୍‌ସେ ତାଙ୍କୁ ବିର୍ଲା ହାଉସ୍ ଠାରେ ହତ୍ୟା କରିଥିଲା।

ତାଙ୍କର ସତ୍ୟ ଓ ଅହିଂସାର ସିଦ୍ଧାନ୍ତକୁ ଆଜି ପୂରା ଦୁନିଆ ସଲାମ୍ କରୁଛି। ସେଥିପାଇଁ କେବଳ ଦେଶବାସୀ ନୁହନ୍ତି ଆଜି ପୂରା ବିଶ୍ୱରେ ପାଳନ କରାଯାଉଛି ଅହିଂସା ଦିବସ। ମିଳିତ ଜାତିସଂଘ ୨୦୦୭ରୁ ଏହି ଦିବସର ଆରମ୍ଭ କରିଥିଲା। ଏଥିରେ ୧୪୦ଟିରୁ ଅଧିକ ଦେଶ ନିଜର ସହମତି ପ୍ରଦାନ କରିଥିଲେ। ଏହି ଦିବସଟି ପୂରା ଦୁନିଆ ତରଫରୁ ଗାନ୍ଧିଜୀଙ୍କ ପ୍ରତି ସଚ୍ଚା ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର ଅବସର ପ୍ରଦାନ କରେ।

**"ଅହିଂସା କେବଳ ଏକ ଦର୍ଶନ ନୁହେଁ, କାର୍ଯ୍ୟ କରିବାର ଏକ ପଦ୍ଧତି। ହୃଦୟ ପରିବର୍ତ୍ତନ କରିବାର ଏହା ହେଉଛି ଏକ ସାଧନ–ମହାତ୍ମା ଗାନ୍ଧୀ।"**

'ଜୟ ଯବାନ ଜୟ କିଷାନ' ନାରା ଦେଇଥିବା ଲାଲ୍ ବାହାଦୁର ଶାସ୍ତ୍ରୀଙ୍କର ବ୍ୟକ୍ତିତ୍ୱ, ଅନୁଶାସିତ ଜୀବନ, କଠୋର ନୈତିକତା, ବିଚାର ଓ ନିର୍ଭୀକତା ପାଇଁ ଆଜି ବି ଦେଶ ତାଙ୍କୁ ସ୍ମରଣ କରୁଛି। ଏକ ସାଧାରଣ ଜୀବନଯାପନ ଅତିବାହିତ କରୁଥିବା ଲାଲ୍ ବାହାଦୁର ଶାସ୍ତ୍ରୀ ୨ ଅକ୍ଟୋବର, ୧୯୦୪ରେ ଉତ୍ତରପ୍ରଦେଶର ମୋଗଲସରାୟ ଠାରେ ଜନ୍ମଗ୍ରହଣ କରିଥିଲେ। ରାଜନୀତିରେ ତାଙ୍କର ଛବି, ଲୋକପ୍ରିୟତା ଓ ମଜଭୁତ ବ୍ୟକ୍ତିତ୍ୱ କାରଣରୁ ତାଙ୍କୁ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଦିଆଯାଇଥିଲା। ସେ ସମୟରେ ଦେଶରେ ଖାଦ୍ୟପଦାର୍ଥର ସଂକଟ ଥିଲା। କିନ୍ତୁ ଏହି କଠିନ ପରିସ୍ଥିତିରେ ସେ ସଫଳତାପୂର୍ବକ ଦେଶର ନେତୃତ୍ୱ ନେଇଥିଲେ। ଏହାପରେ ଖାଲି ଜମିରେ ଶସ୍ୟ ଓ ପନିପରିବା ଆଦି ଚାଷ କରିବା ପାଇଁ ଓ ପ୍ରତି ସପ୍ତାହରେ ଗୋଟିଏ ଦିନ ଉପବାସ ରହିବା ପାଇଁ ସେ ଦେଶବାସୀଙ୍କୁ ନିବେଦନ କରିଥିଲେ। ଦେଶରେ ସବୁଜ ବିପ୍ଳବ ଓ ଦୁଗ୍ଧ କ୍ରାନ୍ତି ପଛରେ ଶାସ୍ତ୍ରୀଜୀଙ୍କର ରହିଥିଲା ବଡ଼ ଯୋଗଦାନ। ତାଙ୍କ ଶାସନ କାଳ ସମୟରେ ଦେଶରେ ଖାଦ୍ୟ ନିଗମର ମଧ୍ୟ ସ୍ଥାପନା କରାଯାଇଥିଲା। ମାତ୍ର ଦୁଇ ବର୍ଷର କାର୍ଯ୍ୟକାଳ ସମୟରେ ଦେଶର କୃଷକ ଓ ଶ୍ରମିକ ବର୍ଗଙ୍କ ଉନ୍ନତିରେ ସୁଧାର କରି ସେ କେତେଗୁଡ଼ିଏ ନିଷ୍ପତ୍ତି ନେଇ ଦେଶର ପ୍ରଗତିକୁ ଏକ ନୂଆ ଦିଗ ଦେଇଥିଲେ। ତାଙ୍କର ବିନମ୍ର ପୃଷ୍ଠଭୂମି, ସାଧାରଣ ଜୀବନ, ସଚ୍ଚୋଟତା ଓ ସାର୍ବଜନିକ ସେବା ପ୍ରତି ତାଙ୍କର ସମର୍ପଣ ଭାବ ତାଙ୍କୁ ଜନମାନସରେ ଲୋକପ୍ରିୟ କରିଥିଲା। ୧୯୬୫ରେ ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ସେ ସାଧାରଣ ଜନତା ଓ ସୈନ୍ୟମାନଙ୍କ ମନୋବଳ ବଢ଼େଇବା ପାଇଁ ଦେଇଥିଲେ ଜୟ ଯବାନ, ଜୟ କିଷାନର ନାରା। ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର କାର୍ଯ୍ୟକାଳ ଥିଲା ସବୁଠାରୁ ବଡ଼ ଆକର୍ଷଣୀୟ ସମୟ। ୧୧ ଜାନୁଆରୀ, ୧୯୬୬ରେ ତାସ୍‌କେଣ୍ଟ ଠାରେ ରହସ୍ୟମୟ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହୋଇଥିଲା



**"ସଚ୍ଚା ଲୋକତନ୍ତ୍ର ବା ସରାଜ କେବେ ବି ଅସତ୍ୟ ଓ ହିଂସକ ସାଧନାରୁ ଆସେ ନାହିଁ।–ଲାଲ୍ ବାହାଦୁର ଶାସ୍ତ୍ରୀ"**

# ମହାଳୟା



ହିନ୍ଦୁ ମାନ୍ୟତା ଅନୁସାରେ ଆଶ୍ୱିନ ମାସ କୃଷ୍ଣପକ୍ଷର ଅମାବାସ୍ୟା ତିଥିରେ ପାଳନ କରାଯାଏ ମହାଳୟା। ପିତୃପକ୍ଷ ଅନୁଷ୍ଠାନରେ ଏହି ଦିନଟିକୁ ବିଶେଷ ଶୁଭ ବୋଲି ଲୋକମାନେ ମାନନ୍ତି। ଏହି ଅନୁଷ୍ଠାନଗୁଡ଼ିକ ଆତ୍ମାମାନଙ୍କୁ ଶାନ୍ତି ଓ ମୋକ୍ଷ ଦେବାରେ ସାହାଯ୍ୟ କରେ। ଏହି ଦିନ ସକାଳୁ ପିତୃପୁରୁଷମାନଙ୍କୁ ଶ୍ରାଦ୍ଧ, ତର୍ପଣ ଓ ପିଣ୍ଡଦାନ କରି ସେମାନଙ୍କୁ ଶ୍ରଦ୍ଧାପୂର୍ବକ ବିଦାୟ ଦିଆଯାଏ। ହିନ୍ଦୁ ମାନ୍ୟତା ଅନୁସାରେ ଦିବଂଗତ ଲୋକମାନଙ୍କର ଆତ୍ମାମାନେ ପିତୃଲୋକରେ ନିବାସ କରନ୍ତି। ପିତୃଲୋକ ହେଉଛି ପୃଥିବୀ ଓ ସ୍ୱର୍ଗ ମଝିରେ ଥିବା ସ୍ଥାନ। ପିତୃପକ୍ଷର ସମୟ ଆତ୍ମାମାନଙ୍କୁ ତାଙ୍କ ବଂଶଧରମାନଙ୍କ ସହିତ ମିଶିବାର ଅବସର ଦେଇଥାଏ। ଏଥିପାଇଁ ଲୋକମାନେ ନିଜର ପୂର୍ବଜମାନଙ୍କୁ ସ୍ମରଣ କରି ସେମାନଙ୍କ ପ୍ରତି ଆଭାର ପ୍ରକଟ କରିବା ପାଇଁ ଅନୁଷ୍ଠାନ କରିଥାନ୍ତି। ତାଙ୍କର ମାର୍ଗଦର୍ଶନ ଓ ଆଶୀର୍ବାଦ ପାଇଁ ସେମାନଙ୍କୁ ଧନ୍ୟବାଦ ଦେବାର ଏକ ଉପାୟ ହେଉଛି ଅନୁଷ୍ଠାନ। ପିତୃପକ୍ଷ ଅନୁଷ୍ଠାନ ବ୍ୟତୀତ ଏହି ଦିନ ଦେବୀ ଦୁର୍ଗାଙ୍କ ମୂର୍ତ୍ତି ତିଆରି କରୁଥିବା କାରୀଗରଙ୍କ ପାଇଁ ମଧ୍ୟ ବେଶ୍ ମହତ୍ତ୍ୱପୂର୍ଣ୍ଣ ଦିନ ଅଟେ। କାରଣ ମହାଳୟା ଅମାବାସ୍ୟା ସହିତ ସମ୍ବନ୍ଧିତ କାରୀଗରମାନଙ୍କ ପାଇଁ ଏକ ବିଶେଷ ଅନୁଷ୍ଠାନ ହୁଏ। କାରୀଗରମାନେ ମା' ଦୁର୍ଗାଙ୍କ ଆଖିକୁ ଚିତ୍ରିତ କରିବାର ଅନ୍ତିମ କାର୍ଯ୍ୟ କରିଥାନ୍ତି। ଏହା ପରଦିନ ନବରାତ୍ରି ଆରମ୍ଭ ହେଉଥିବାରୁ ଦେବୀ ଭଗବତୀ କୈଳାଶ ପର୍ବତରୁ ପୃଥିବୀପୃଷ୍ଠକୁ ଆସିବା ପାଇଁ ନିଜର ଯାତ୍ରା ଆରମ୍ଭ କରିଥାନ୍ତି। ମା' ଭଗବତୀଙ୍କ ସହିତ ଗଣେଶ, କାର୍ତ୍ତିକେୟ, ଭଗବାନ, ମା' ଲକ୍ଷ୍ମୀ ଓ ମା' ସରସ୍ୱତୀ ନିଜର ବାହନ ଉପରେ ସବାର ହୋଇ ପୃଥିବୀ ଲୋକକୁ ଆସିଥାନ୍ତି। ଏହି ଯାତ୍ରା ମହାଳୟା ଦିନରୁ ଆରମ୍ଭ ହୁଏ। ନବରାତ୍ରି ସମୟରେ ଭକ୍ତମାନେ ପେଣ୍ଡାଲ୍‌ଗୁଡ଼ିକରେ ମା'ଙ୍କର ମୂର୍ତ୍ତି ସ୍ଥାପନା କରି ନଅ ଦିନ ପର୍ଯ୍ୟନ୍ତ ତାଙ୍କର ପୂଜା କରିଥାନ୍ତି। ଦଶମୀ ବା ଦଶହରା ଦିନ ଏହି ଉତ୍ସବ ଶେଷ ହୁଏ।

# ଫୁଲ୍ଲେରୀ ଓଷା

ଓଡ଼ିଶାରେ ପାଳନ କରାଯାଉଥିବା ଏକ ବିଲୁପ୍ତପ୍ରାୟ ଓଷା। ସାଧାରଣତଃ ବ୍ରାହ୍ମଣକୁଳରେ ଜନ୍ମଗ୍ରହଣ କରିଥିବା କୁମାରୀମାନେ ଏହି ଦିନ ବାପା ଓ ଭାଇମାନଙ୍କର ଶୁଭ ମନାସି ପାଳନ କରନ୍ତି ଫୁଲ୍ଲେରୀ ଓଷା। ପୋଖରୀ କୂଳରେ ହେଉଥିବା ଏହି ଓଷାରେ ପୂଜା ପାଆନ୍ତି ହରଗୌରୀ ଓ ଗୁଆ। ତେବେ ଓଡ଼ିଶାର ମାତ୍ର ଅଳ୍ପ କିଛି ସ୍ଥାନରେ ଫୁଲ୍ଲେରୀ ଓଷା ପାଳନ କରାଯାଏ। ଏଥିମଧ୍ୟରୁ ଯାଜପୁର ଜିଲ୍ଲାର ବଳରାମପୁର ତଳଗଡ଼, ମଣିପୁର, କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଆଦି ଅଞ୍ଚଳରେ ଏହି ଓଷା ପାଳନ କରାଯିବାର ଦେଖିବାକୁ ମିଳେ। ଘରେ ଯେତେଜଣ ଝିଅ ପିଲା ଥାଆନ୍ତି ସେତିକି ନଡ଼ିଆ ଆଣି ନଡ଼ିଆର ଉପର ଭାଗକୁ ଚିକ୍କଣ କରି ସେଥିରେ ଚୂନ ଲଗାଇ ଦିଆଯାଏ। ଏହାପରେ ନଡ଼ିଆକୁ ଗୋଟିଏ ଝିଅ ପରି ଆଖି, ନାକ, ପାଟି କରି ସଜେଇ ଦିଆଯାଏ। ଏହା ସହିତ ପୂଜା ହେବାକୁ ଥିବା ଗୁଆଗୁଡ଼ିକୁ ମଧ୍ୟ ଚିତ୍ରବିଚିତ୍ର କରିଦିଆଯାଏ। ବାଉଁଶ ତିଆରି ଡ଼ାଲାରେ ନଡ଼ିଆ ଓ ଗୁଆଗୁଡ଼ିକୁ ରଖି ଭୋର୍ ବେଳେ ଏହି ଓଷା କରିବାର ବିଧି ରହିଛି। ଶଙ୍ଖ, ହୁଳହୁଳି ପକାଇ ନଡ଼ିଆ ଡ଼ାଲା ସହିତ ଝିଅମାନେ ପୋଖରୀ କୂଳରେ ପହଞ୍ଚି ଥାଆନ୍ତି। ସେଠାରେ ମାଟିରେ ଶିବ ଓ ପାର୍ବତୀଙ୍କ ପ୍ରତିମା ତିଆରି କରି ତାଙ୍କୁ ସଜେଇ ଦିଆଯାଏ। ବାଉଁଶ ପତ୍ରରେ



ପାଣି ଆଣି ତାଙ୍କୁ ହଳଦୀ ପାଣିରେ ଗାଧେଇଦେବା ପରେ କୁଙ୍କୁମରେ ସଜେଇ ଦିଆଯାଏ। ଏହାପରେ ନଡ଼ିଆ, ଗୁଆ, ଦର୍ପଣ, ପାନିଆ ଆଦି ରଖି ପୂଜା କରାଯାଏ। ଝିଅମାନେ ମଧ୍ୟ ଧଳା କୁଙ୍କୁମରେ ଚିତା କୁଟାଇ ଥାଆନ୍ତି। ପୂଜାରେ ତାଳଗଜା, ଛେନା ଆଦି ଭୋଗ ଲଗାଯାଏ। ନିୟମ ଅନୁସାରେ ପୂଜାରେ ଲାଗିଥିବା ଭୋଗ ଝିଅମାନେ ଖାଇପାରିବେ ନାହିଁ। ତେଣୁ ଆଖପାଖରେ ଥିବା ପୁଅମାନଙ୍କୁ ଏହି ଭୋଗ ବାଣ୍ଟିଦିଆଯାଏ।

# ରବୀନାଙ୍କ ନୂଆ ପ୍ରୋଜେକ୍ଟ



ରବୀନା ଟଣ୍ଡନଙ୍କ ନାମ ରହିଛି ବଲିଉଡ୍‌ର ନାମୀଦାମୀ କଳାକାରଙ୍କ ସୂଚୀରେ। ନବେ ଦଶକର ଏହି ସୁପରହିଟ୍ ଅଭିନେତ୍ରୀ ଏବେ ବଡ଼ ପରଦାରେ କମ୍ ନଜର ଆସୁଛନ୍ତି। କିନ୍ତୁ ତାଙ୍କର ଚାର୍ମ କେଉଁଠାରେ ବି କମ୍ ହେବାର ଜଣାପଡୁ ନାହିଁ। ଏବେ ଓଟିଟିରେ ବେଶ୍ ସକ୍ରିୟ ଅଛନ୍ତି ରବୀନା। 'ଆର୍ଯ୍ୟନକ' ଓ 'ପଟ୍‌ନା ଶୁକ୍ଳା' ପରି ସିରିଜଗୁଡ଼ିକରେ ସେ ହାଡ୍‌କୋର୍ ରୋଲ୍ସ ପ୍ଲେ କରିବା ପରେ ରବୀନା ଏବେ 'ଡାୟନେଷ୍ଟି'ରେ ନଜର ଆସିବେ। ରବୀନା ତାଙ୍କ କ୍ୟାରିୟର୍‌ରେ ଅନେକ ପ୍ରକାରର ଚରିତ୍ରରେ ଅଭିନୟ କରିଛନ୍ତି। କିନ୍ତୁ ରବୀନା ତାଙ୍କର ଦମ୍‌ଦାର ଅଭିନୟର ପରିଚୟ ଦେବେ ଏହି ପଲିଟିକାଲ୍ ଡ୍ରାମା ସିରିଜରେ। ଖବର ଅନୁସାରେ ରବୀନାଙ୍କ ବ୍ୟତୀତ ଏହି ଫିଲ୍ମରେ ଦିଗ୍ଗଜ ସିଙ୍ଗର ତଲତ ଅଜିଜ ମଧ୍ୟ ନଜର ଆସିବେ। ତଲତ ଅଜିଜ୍ ଜଣେ ଗଜଲ୍‌ଗାୟକ ଓ ସଙ୍ଗୀତକାର। ସେ ଏହା ପୂର୍ବରୁ ଫାଇଟର୍, ଗୁମ୍‌ରାହ ଓ ଉମରାଓ ଜାନ୍ ପରି ଫିଲ୍ମଗୁଡ଼ିକରେ ଅଭିନୟ କରିସାରିଛନ୍ତି। ଏହା ବ୍ୟତୀତ 'ୱେଲ୍‌କମ୍ ଟୁ ଦ ଜଙ୍ଗଲ'ରେ ମଧ୍ୟ ରବୀନା ନଜର ଆସିବେ। 'କେଜିଏଫ୍-୨' ପରେ ଅନ୍ୟ ଏକ ଦକ୍ଷିଣ ଭାରତୀୟ ଫିଲ୍ମ 'ଜଟାଧାରା'ରେ ରବୀନାଙ୍କୁ ଦେଖିବାକୁ ମିଳିବ। ଏଥିରେ ତାଙ୍କ ସହିତ ଅଛନ୍ତି ସୁଧୀର ବାବୁ। 'ଜଟାଧାରା' ଏକ ସୁପରନାଚୁରାଲ୍ ଥ୍ରୀଲର ଅଟେ। ଏହି ପ୍ୟାନ୍ ଇଣ୍ଡିଆ ଫିଲ୍ମରେ ରବୀନା ଭିଲେନ୍ ଚରିତ୍ରରେ ଅଭିନୟ କରୁଛନ୍ତି। ଏହାର ନିର୍ମାଣ କରୁଛନ୍ତି ପ୍ରେରଣା ଆରୋରା। ଏହା ପୂର୍ବରୁ ସେ ପରୀ, ରୁସ୍ତମ୍, ପ୍ୟାଡ୍ ମ୍ୟାନ୍ ଓ ଟଏଲେଟ୍: ଏକ୍ ପ୍ରେମ୍ କଥାର ନିର୍ମାଣ କରିସାରିଛନ୍ତି। ଫିଲ୍ମର ପ୍ରି-ପ୍ରଡକ୍ସନ୍ କାମ ଜାରି ରହିଛି। ଫିଲ୍ମଟି ୨୦୨୫ରେ ମହାଶିବରାତ୍ରି ଅବସରରେ ରିଲିଜ ହେବ। ଶେଷ ଥର ପାଇଁ ରବୀନାଙ୍କୁ ଫିଲ୍ମ 'ଘୁଡ଼ଚଢ଼ୀ'ରେ ଦେଖିବାକୁ ମିଳିଥିଲା।

# କମ୍ ବୟସରୁ ହାର୍ଟ ଆଟାକ୍



ଆଜିର ସମୟରେ କମ୍ ବୟସରୁ ହାର୍ଟ ଆଟାକ୍‌ର ବିପଦ ବୃଦ୍ଧି ପାଉଛି। ବିଶେଷଜ୍ଞମାନେ ଜୀବନଶୈଳୀ ଓ ଖାଦ୍ୟପେୟକୁ ଏହାର କାରଣ ମାନୁଛନ୍ତି। ଏହା ବ୍ୟତୀତ ପିଲା ଭିତରେ କୌଣସି ପ୍ରକାରର ଚାପ ମଧ୍ୟ ହୃଦ୍‌ଘାତର ଆଶଙ୍କା ବୃଦ୍ଧି କରଉଛି। ଯଦି ସମୟ ଥାଉ ଥାଉ ଏହାର ଉପଚାର କରାନଯାଏ ତେବେ ବୟସ ବୃଦ୍ଧି ସହିତ ଏହାର ରିସ୍କ ଆହୁରି ବଢ଼ିଯିବ। କାର୍ଡିଓଲୋଜିଷ୍ଟଙ୍କ ଅନୁସାରେ ଆଜିକାଲିର ପିଲାମାନେ ଫାଷ୍ଟଫୁଡ୍‌ର କଲ୍‌ଚର୍‌ରେ ବଡ଼ ହେଉଛନ୍ତି। ଏହା ବ୍ୟତୀତ ପାଠପଢ଼ାର ଚାପ ସେମାନଙ୍କ ଉପରେ ରହୁଛି। ଏସବୁ ପ୍ରତି ମାତାପିତାମାନେ ସାବଧାନ ରହିବା ଉଚିତ। ନହେଲେ ପିଲାମାନଙ୍କର ଗମ୍ଭୀର କ୍ଷତି ହୋଇପାରେ। ପିଲାମାନେ ଏ ସମୟରେ ପାଠପଢ଼ାର ଚାପ ଯୋଗୁ ବାହାରେ ବୁଲାବୁଲି କରିବା ସହିତ ଖେଳକୁଦ ପରି ଶାରୀରିକ ଗତିବିଧି କମ୍ କରୁଛନ୍ତି। ଏହା ସହିତ ଫ୍ୟାଟି ଜିନିଷ ଖାଇବାକୁ ଭଲ ପାଉଛନ୍ତି। ଘର ତିଆରି ରୁଟି ବ୍ୟତୀତ ଦୁଇ ମିନିଟ୍‌ରେ ପ୍ରସ୍ତୁତ ହେଉଥିବା ଫାଷ୍ଟଫୁଡ୍ ପିଲାମାନଙ୍କୁ ଖୁବ୍ ଭଲ ଲାଗିବା ସହିତ ମା'ମାନଙ୍କୁ ପ୍ରସ୍ତୁତ କରିବାକୁ ମଧ୍ୟ ସହଜ ହେଉଛି। ଏଥିରେ ମଧ୍ୟ ହାର୍ଟ ଆଟାକ୍‌ର ରିସ୍କ ରହିଛି। ପାରିବାରିକ ଇତିହାସରେ ଯଦି ଏହି ସମସ୍ୟା ଥାଏ ତେବେ ଅଧିକ ଆଲର୍ଟ ରହିବା ଉଚିତ। କାରଣ ଭୁଲ୍ ଖାଦ୍ୟପେୟ ହାର୍ଟ ବ୍ଲକେଜ୍‌ର କାରଣ ହୋଇଥାଏ। ଏହାର ଅନ୍ୟ ଏକ କାରଣ ହେଉଛି ମୋଟାପଣ। ମୋଟାପଣ ପାଇଁ ନିଃଶ୍ୱାସ-ପ୍ରଶ୍ୱାସର ସମସ୍ୟା, ସୁଗାର୍ ଓ ଅନ୍ୟ ରୋଗ ମଧ୍ୟ ହୋଇପାରେ। ମାତାପିତାମାନେ ମଧ୍ୟ ଛୋଟ ଛୋଟ କଥାକୁ ଅଣଦେଖା କରିଦିଅନ୍ତି ଯାହା ପିଲାମାନଙ୍କ ପାଇଁ ଠିକ୍ ନୁହେଁ। ପିଲାମାନେ ପାଠପଢ଼ାର ଚାପ ସହିତ ବାହାରେ ଅନ୍ୟ ପିଲାମାନଙ୍କ ସହିତ ନିଶା କରିବାର ମଧ୍ୟ ଦେଖାଯାଏ ଯାହା ପରବର୍ତ୍ତୀ ସମୟରେ ହାର୍ଟ ଆଟାକ୍‌ର କାରଣ ହୋଇଥାଏ।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ:** ଆଶା ରଖିଥିବା ଯୋଜନାଗୁଡ଼ିକ ପୂରା ହେବ। କ୍ୟାରିୟର୍ ବହୁତ ଭଲ ରହିବ। ବହୁତ ଅଧିକ ଖୁସି ହେବେ। ବ୍ୟାପାରୀମାନେ ନୂଆ ସମ୍ବନ୍ଧ ସ୍ଥାପନ କରିବେ। ମାଦକ ଦ୍ରବ୍ୟ ଠାରୁ ଦୂରରେ ରୁହନ୍ତୁ।

**ବୃଷ:** ସମୟ ଅନୁସାରେ କାର୍ଯ୍ୟ ପୂରା ହେବ। ବିବାଦୀୟ ମାମଲାରୁ ଦୂରରେ ରୁହନ୍ତୁ। କୋର୍ଟ କଚେରି ମାମଲାରେ ଫସିଯିବେ। ଫ୍ୟାସନ୍ କ୍ଷେତ୍ରରେ ଭଲ ଅବସର ମିଳିବ। ନୂଆ ଘର କିଣିବାକୁ ଯୋଜନା କରିପାରନ୍ତି।

**ମିଥୁନ:** ଅଫିସ୍‌ରେ ଦିନଟି ସାମାନ୍ୟ ରହିବ। ନୂଆ ଯୋଜନା କରିପାରନ୍ତି। ବିବାହ ସିଜିନ୍‌ରେ ଆୟ ଅଧିକ ହେବ। ମତଭେଦରୁ ଦୂରରେ ରୁହନ୍ତୁ। ଧାର୍ମିକ କାର୍ଯ୍ୟକ୍ରମର ଆୟୋଜନ କରିପାରନ୍ତି।

**କର୍କଟ:** କାର୍ଯ୍ୟକ୍ଷେତ୍ରରେ ଅନ୍ୟର ରାୟ ନେଇପାରନ୍ତି। ବିଦେଶୀ କମ୍ପାନୀ ଠାରୁ ଦୂରରେ ରହିଲେ ଭଲ। ଛୋଟ ଛୋଟ ରୋଗକୁ ଅଣଦେଖା କରନ୍ତୁ ନାହିଁ। ଛାତ୍ରଛାତ୍ରୀମାନେ ପରିଶ୍ରମର ଫଳ ପାଇବେ।

**ସିଂହ:** ସମୟର ମୂଲ୍ୟ ବୁଝିବେ। ମେଡିକାଲ୍ ବ୍ୟାପାର ପାଇଁ ଦିନଟି ଭଲ। ଯୁବ ବର୍ଗ କ୍ରୋଧରୁ ଦୂରରେ ରୁହନ୍ତୁ। ରୋଗରୁ ମୁକ୍ତି ପାଇବା ପାଇଁ ତେଲ ଛଣା ଖାଦ୍ୟ ନଖାଇଲେ ଭଲ। ପୌଷ୍ଟିକ ଭୋଜନ କରିବେ।

**କନ୍ୟା:** ଅର୍ଥ ଲୋଭ ନକରି ରୋଗୀଙ୍କ ସେବା କରିବେ। ବ୍ୟାପାର ପାଇଁ ଦିନଟି ଭଲ। କ୍ରୋଧ ଓ ଚାପ ପାଇଁ ରୋଗଗ୍ରସ୍ତ ହୋଇପାରନ୍ତି। କୌଣସି ଦୁଃଖ ସମାଚାର ସମସ୍ୟାରେ ପକାଇବ।

**ତୁଳା:** ଆଜି କ୍ଷତିର ଆଶଙ୍କା ରହିଛି। ବାଦବିବାଦ ଠାରୁ ଦୂରରେ ରହିବେ। କୌଣସି ପୁରୁଣା ମିତ୍ରଙ୍କ ସହିତ ସାକ୍ଷାତ ହୋଇପାରେ। ସର୍ଦ୍ଦି, କାଶ ଆଜି ସମସ୍ୟାରେ ପକାଇବ। ସେଥିପାଇଁ ଥଣ୍ଡା ଖାଦ୍ୟ ଠାରୁ ଦୂରରେ ରହିବେ।

**ବିଛା:** ସରକାରୀ କର୍ମଚାରୀମାନେ ବହୁତ ଅଧିକ ସାବଧାନ ରହିବେ। କ୍ୟାରିୟର୍‌କୁ ନେଇ ଚିନ୍ତା କରିପାରନ୍ତି। ହସ୍‌ପିଟାଲ୍‌ରେ ଥିବା ରୋଗୀ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦିଅନ୍ତୁ। ନୂଆ ବସ୍ତ୍ର କିଣିବାକୁ ଚାହୁଁଥିଲେ ଏହା ଉତ୍ତମ ସମୟ।

**ଧନୁ:** କୌଣସି ବଡ଼ ପ୍ରୋଜେକ୍ଟ ହାତକୁ ଆସିପାରେ। ବ୍ୟାପାର କ୍ଷେତ୍ର ପାଇଁ ଦିନଟି ଶୁଭ। ଅତି ଆତ୍ମବିଶ୍ୱାସ ଭଲ ନୁହେଁ। ପରିବାରର କଳହକୁ ପ୍ରସନ୍ନତାର ସହିତ ଠିକ୍ କରିବେ। ସାମାଜିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି।

**ମକର:** କାର୍ଯ୍ୟକ୍ଷେତ୍ରରେ ବୁଦ୍ଧି ଯୋଗୁ ମନ ପ୍ରସନ୍ନ ରହିବ। ମିତ୍ରଙ୍କ ସହିତ ସମୟ ଖୁବ୍ ଭଲରେ କଟିବ। ମନ ହାଲୁକା ରହିବ। ଘରେ ସମ୍ମାନହାନି ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ସାବଧାନ ରହିବେ।

**କୁମ୍ଭ:** ମିତ୍ରଙ୍କ ସହିତ ଆଜି ସମୟ ଅତିବାହିତ କରିବେ। ମାନସିକ ଚାପ ହ୍ରାସ ପାଇବ। ଡିଲ୍‌ର ବିଶ୍ୱସନୀୟତାକୁ ଯାଞ୍ଚ କରନ୍ତୁ। ପେଟ ଯନ୍ତ୍ରଣା ବାରମ୍ବାର ସମସ୍ୟାରେ ପକାଇବ। ଅର୍ଥହାନି ହୋଇପାରେ।

**ମୀନ:** କଳା ସହିତ ଜଡ଼ିତ ଲୋକମାନଙ୍କ ପାଇଁ ଦିନଟି ଉତ୍ତମ। ନୂଆ ଅବସର ପାଇବେ। ବ୍ୟାପାରରେ ହାନି ହୋଇପାରେ। ନକାରାତ୍ମକ ବିଚାର ଆସିପାରେ। ଆଖପାଖର ବାତାବରଣରେ ଅଳ୍ପ ପରିବର୍ତ୍ତନ ହୋଇପାରେ।

# ଭିଜିଲାନ୍ସ ଜାଲରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ



**କେନ୍ଦ୍ରାପଡ଼ା,୧।୧୦/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ବିଭାସ ମଜୁମଦାର ଏକ ପାଉଁରୁଟି କାରଖାନା ଲାଇସେନ୍ସ ନବୀକରଣ ପାଇଁ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। ଘଟଣାରୁ ପ୍ରକାଶ, ତିନିମୁହାଣି ବଜାରରେ ଥିବା ଏକ ପାଉଁରୁଟି କାରଖାନାର ମାଲିକ ସଞ୍ଜୟ ପ୍ରଧାନ କାରଖାନା ଲାଇସେନ୍ସ ନବୀକରଣ ପାଇଁ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ। ଖାଦ୍ୟ ସୁରକ୍ଷା ଅଧିକାରୀ ଶ୍ରୀ ମଜୁମଦାର ଏଥିପାଇଁ ତାଙ୍କୁ ୫ ହଜାର ଟଙ୍କା ଦାବି କରିଥିଲେ। ଉକ୍ତ ଘଟଣାକୁ ନେଇ କାରଖାନା ମାଲିକ ଭିଜିଲାନ୍ସ ବିଭାଗ ସହିତ ଯୋଗାଯୋଗ କରିଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ କାରଖାନା ମାଲିକ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ତିନିମୁହାଣି ବଜାରରେ ଟଙ୍କା ଦେବେ ବୋଲି ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ଡାକିଥିଲେ। ସୁରକ୍ଷା ଅଧିକାରୀ ଶ୍ରୀ ମଜୁମଦାର କଲେଜ ଛକରେ ପହଞ୍ଚିଥିଲେ। ସେଠାରେ କାରଖାନା ମାଲିକ ଶ୍ରୀ ମଜୁମଦାରଙ୍କୁ ଟଙ୍କା ଦେଉଥିବାବେଳେ ଉପସ୍ଥିତ ଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ପରେ ସେ ରହୁଥିବା ଭଡ଼ାଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉରେ କଟକ ଓ କେନ୍ଦ୍ରାପଡ଼ା ଭିଜିଲାନ୍ସ ଅଧିକାରୀମାନେ ଭାଗ ନେଇଥିଲେ। ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ଗିରଫ କରାଯାଇ ଭିଜିଲାନ୍ସ ଅଧିକାରୀମାନେ କଟକ ନେଇଯାଇଥିବା ଜଣାପଡ଼ିଛି।

# ଅସହାୟଙ୍କୁ ଘରପୋଡ଼ି ସହାୟତା



**ସୋର,୧।୧୦/ଏନ୍ଏନ୍ଏସ୍:** ବାସୁଦେବପୁର ବ୍ଲକ୍ ଅନ୍ତର୍ଗତ ଇରମ୍ ପଞ୍ଚାୟତ ଅଡୁଆଁ ଗ୍ରାମର ଗିରିଧାରୀ ମଳିକଙ୍କ ଘର ବଜ୍ରାଘାତରେ ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଅସହାୟ ହୋଇପଡ଼ିଥିଲେ। ଖବରପାଇ ସୋର ପୂଜ୍ୟପୂଜା ସଂସଦ ସେବା ସଂଗଠନ ତାଙ୍କ ପାଖରେ ପହଞ୍ଚି ୫ ହଜାର ଟଙ୍କା ଆର୍ଥିକ ସହାୟତା ସହିତ ଏକ ମାସର ରାସନ ପ୍ରଦାନ କରିଥିଲେ। ଏହି ସମୟରେ ସଂଗଠନର ସଭାପତି ଅକ୍ଷୟ କୁମାର କର, ସମ୍ପାଦକ ଅଜୟ କୁମାର ଦାସ, ଭରତ ଚନ୍ଦ୍ର ସାହୁ, ଅନନ୍ତ ପଲେଇ, ଭଗବାନ ପଣ୍ଡା, ମିନତୀ ପଣ୍ଡା, ରୀନାରାଣୀ ଜେନା, ମାନସି ପଲେଇ ଓ ଭଗବାନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନର ଏହି କାର୍ଯ୍ୟକୁ ପଞ୍ଚାୟତର ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ମଳିକ, ପ୍ରାକ୍ତନ ସରପଞ୍ଚ ଗିରିଶ ଚନ୍ଦ୍ର ସାମଲ, ଅଧ୍ୟାପକ ଗୋପାଳ ଚନ୍ଦ୍ର ବେଜ ଓ ଗ୍ରାମବାସୀ ଭୂରିଭୂରି ପ୍ରଶଂସା କରିଛନ୍ତି। ଗିରିଧାରୀ ଦିନ ମଜୁରିଆ ହୋଇଥିବାବେଳେ ନିଜର ଜାଗା ନଥିବାରୁ ସରକାରୀ ଜାଗାରେ ଘର ଖଣ୍ଡେ କରି ରହୁଥିଲେ।

# କାଳିକାପ୍ରସାଦ ସଂରକ୍ଷିତ ଜଙ୍ଗଲରେ ଗଛକଟାକୁ ବିରୋଧ





**କେନ୍ଦୁଝର,୧।୧୦/ଏନ୍ଏନ୍ଏସ୍:** ଚମ୍ପୁଆ ରେଞ୍ଜ କାଳିକାପ୍ରସାଦ ବିଟ୍ ଅନ୍ତର୍ଗତ କାଳିକାପ୍ରସାଦ ସଂରକ୍ଷିତ ଜଙ୍ଗଲରେ ଗଛ କଟାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଗ୍ରାମବାସୀ ଏହି ଜଙ୍ଗଲର ସୁରକ୍ଷା କରିଆସୁଥିବାବେଳେ ତାଙ୍କ ଅଗୋଚରରେ ଗଛକଟା ପାଇଁ ଅନୁମତି ଦିଆଯାଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। କୃଷ୍ଣପୁର ଗ୍ରାମ୍ୟ ସୁରକ୍ଷା କମିଟି ପକ୍ଷରୁ ସଂରକ୍ଷିତ ଜଙ୍ଗଲରେ ୟୁକାଲିପଟାସ୍ ଗଛ କାଟିବା ପାଇଁ ଆବେଦନ କରାଯାଇଥିଲା। ଡିଏଫ୍ଓ ଧନରାଜ ଏଚ୍ଡି ସଠିକ୍ ତଦନ୍ତ ନକରି ୨,୫୦୫ଟି ଗଛ କାଟିବା ପାଇଁ ଅନୁମତି ଦେଇଥିଲେ। ଅନୁମତି ଦିଆଯାଇଥିବା ଚିଠିରେ ୟୁକାଲିପଟାସ୍ ଗଛ ଗୁଡ଼ିକ ବଡ଼ ଓ ପୁରୁଣା ହୋଇଥିବା ଉଲ୍ଲେଖ ରହିଥିଲା।

ପ୍ରବଳ ବର୍ଷା ଓ ବାତ୍ୟା ଯୋଗୁ ଏହି ବଡ଼ ଗଛ ପଡ଼ିଯିବାର ଆଶଙ୍କା ଥିବାରୁ ଗଛ ଗୁଡ଼ିକୁ କଟାଯିବା ଆବଶ୍ୟକ ବୋଲି ଚିଠିରେ ଲେଖାଯାଇଛି। ଏହି କାରଣରୁ ଗଛ କଟାଯିବା ଜରୁରୀ ବୋଲି ଡିଏଫ୍ଓ, ଏସିଏଫ୍ ଓ ଇନ୍‌ଚାର୍ଜ ଚମ୍ପୁଆ ରେଞ୍ଜରଙ୍କୁ ଚିଠି କରିଥିଲେ। ଚିହ୍ନିତ ହୋଇଥିବା ୨,୫୦୫ଟି ୟୁକାଲିପଟାସ୍ ଗଛ କଟାଯିବା ପାଇଁ ବନ ବିଭାଗ ପକ୍ଷରୁ କିଛି ସର୍ତ୍ତ ରଖାଯାଇଥିଲେ ମଧ୍ୟ ତାକୁ ନମାନି ମନଇଚ୍ଛା ଗଛ କଟାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବନ କର୍ମଚାରୀଙ୍କ ଅନୁପସ୍ଥିତିରେ ଆକାଶିଆ ଏବଂ ଅନ୍ୟ ପ୍ରଜାତିର ଗଛ କଟାଯାଇଛି। ବହୁ ସଂଖ୍ୟାରେ ଆକାଶିଆ ଏବଂ ୟୁକାଲିପଟାସ୍ ଗଛ କଟାଯିବା ପରେ ସଂଖ୍ୟାଲଘୁ କାଠ ମାଫିଆ ମହମ୍ମଦ ସାବିର ବାହାରକୁ ଚାଲାଣ କରିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ବନବିଭାଗ ଏବଂ କାଠ ମାଫିଆ ସଲାସୁତୁରାରେ ସଂରକ୍ଷିତ ଜଙ୍ଗଲରୁ ଗଛ କାଟିବା ପାଇଁ ଅନୁମତି ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ବନ ବିଭାଗ ପକ୍ଷରୁ ଭୁଲ୍ ରିପୋର୍ଟ ପ୍ରସ୍ତୁତ କରାଯାଇ ସଂରକ୍ଷିତ ଜଙ୍ଗଲରେ ଗଛ କାଟିବା ପାଇଁ ଅନୁମତି ଦିଆଯିବା ଘଟଣାର ତଦନ୍ତ କରିବାକୁ ଗ୍ରାମବାସୀ ଦାବିତ କରିଛନ୍ତି।

## ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି

ଗ୍ରାମବାସୀମାନେ ସଂରକ୍ଷିତ ଜଙ୍ଗଲ ମଧ୍ୟରେ କଟାଯାଇଥିବା ବହୁ ସଂଖ୍ୟାରେ ଆକାଶିଆ କାଠ ରଖି ବେଆଇନ ଗଛ କାଟିଥିବା ଲୋକଙ୍କ ନାମରେ ମାମଲା ରୁଜୁ କରିବା ସହ ସେମାନଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ବିନା ଅନୁମତିରେ ଶହ ଶହ ଗଛ କଟିଥିଲେ ମଧ୍ୟ ବନ ବିଭାଗ କାହିଁକି କୃଷ୍ଣପୁର ଗ୍ରାମ୍ୟ ସୁରକ୍ଷା କମିଟି ନାମରେ ମାମଲା ରୁଜୁ କରୁନାହିଁ ତାହା ସନ୍ଦେହ ଘେରରେ ରହିଛି। ଉକ୍ତ ସଂରକ୍ଷିତ ଜଙ୍ଗଲରେ ବର୍ଷର ସବୁ ସମୟରେ ହାତୀ ଏବଂ ଅନ୍ୟ ବନ୍ୟପ୍ରାଣୀ ବସବାସ କରୁଥିଲେ ମଧ୍ୟ ବନ ବିଭାଗ କାଠ ମାଫିଆଙ୍କ ସ୍ୱାର୍ଥରେ ଗଛ କଟାକୁ ଅନୁମତି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗୋଟିଏ ପଟେ କେନ୍ଦୁଝର ବନଖଣ୍ଡରେ ବନ ବିଭାଗ ଜଙ୍ଗଲ ସୃଷ୍ଟି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଅନ୍ୟପଟେ ମାଫିଆମାନେ ବେଧଡ଼କ ଗଛ କାଟି ସଫା କରିଦେଉଥିବାରୁ ପରିବେଶ କ୍ଷତିଗ୍ରସ୍ତ ହେଉଛି। ବ୍ୟାପକ ଜଙ୍ଗଲ ଧ୍ୱଂସ ଯୋଗୁ ପରିବେଶ ଉପରେ ଏହାର କୁପ୍ରଭାବ ପଡ଼ିଛି। ଏପରିକି ଗଛ କଟାକୁ ନେଇ ଗାଁରେ ଗଣ୍ଡଗୋଳ ହୋଇ ଥାନାରେ ମାମଲା ମଧ୍ୟ ହେଉଛି। ଗଛ କଟାକୁ ବିରୋଧ କରୁଥିବା ଲୋକଙ୍କୁ ବନ ବିଭାଗ ସହଯୋଗ କରୁନଥିବାରୁ କାଠ ମାଫିଆ ସକ୍ରିୟ ହୋଇ ପଡ଼ିଛନ୍ତି।

# ମିନି ଷ୍ଟାଡିୟମ୍‌ରେ ମିନାବଜାର ବ୍ୟବସାୟ ବନ୍ଦ କରିବାକୁ ଦାବି

**ଜଗତସିଂହପୁର,୧।୧୦/ଏନ୍ଏନ୍ଏସ୍:** ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ରାହାମାସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌କୁ ଜୈନିକ ବ୍ୟକ୍ତି ମିନାବଜାର ବ୍ୟବସାୟ ପାଇଁ ବ୍ୟବହାର କରୁଛନ୍ତି। ଏହାକୁ ସ୍ଥାନୀୟ ଜନସାଧାରଣ, ଛାତ୍ରଛାତ୍ରୀଙ୍କ ଅଭିଭାବକ ଓ କ୍ରୀଡ଼ାପ୍ରେମୀମାନେ ବିରୋଧ କରିବା ସହ ଗତ ସେପ୍ଟେମ୍ବର ୨୪ ତାରିଖରେ ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗପତ୍ରରେ ଦର୍ଶାଯାଇଥିଲା କି ଏହି ବ୍ୟବସାୟ ହେଲେ ବିଦ୍ୟାଳୟ, ମହାବିଦ୍ୟାଳୟରେ ଅଧ୍ୟୟନରତ ସ୍ଥାନୀୟ ଛାତ୍ରଛାତ୍ରୀ ଓ କ୍ରୀଡ଼ାପ୍ରେମୀଙ୍କ ଦୈନିକ ଖେଳ କସରତ, ପଡ଼ିଆ ପରିସରରେ ସରକାରଙ୍କ ଦ୍ୱାରା ଖୋଲା ବ୍ୟାୟାମ କେନ୍ଦ୍ର ଓ ଯୋଗଗୃହ ଥିବାରୁ ଉକ୍ତ ମିନାବଜାର ବ୍ୟବସାୟ କାରଣେ ସେମାନଙ୍କୁ ଏଥିରୁ ବଞ୍ଚିତ ହେବାକୁ ପଡ଼ିବ। ଡାକବାଜି ଯନ୍ତ୍ର ଧ୍ୱନିରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବ୍ୟାଘାତ ହେବାସହ ଖେଳପଡ଼ିଆରେ ୫୦ରୁ




ଊର୍ଦ୍ଧ୍ୱ ଦୋକାନ ବଜାର ଏବଂ ବିଭିନ୍ନ ଦୋଳି ପଡ଼ିଆର ବିଶେଷ କ୍ଷତି ସହିତ ପରିବେଶ ପ୍ରଦୂଷଣକୁ ନେଇ ଅଭିଯୋଗ ଅଣାଯାଇଥିଲା। ଜିଲ୍ଲାପାଳ ମହୋଦୟ ଉପଜିଲ୍ଲାପାଳଙ୍କୁ ତଦନ୍ତ କରି ଜୈନିକ ବ୍ୟକ୍ତିଙ୍କୁ ମିନାବଜାର ବ୍ୟବସାୟ କରିବାକୁ ପ୍ରଶାସନ ଦେଇଥିବା ଅନୁମତିକୁ ରଦ୍ଦ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଅଦ୍ୟାବଧି ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ପୂର୍ବପରି ବ୍ୟବସାୟ ଅଦ୍ୟାବଧି ଜାରି ରହିଛି। ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ତରଫରୁ ସାମୁହିକ ସ୍ୱାର୍ଥକୁ ଅଣଦେଖା କରାଯାଉଥିବାରୁ ସ୍ଥାନୀୟ ବାସିନ୍ଦା ଓ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ କ୍ଷୋଭ ପ୍ରକାଶ କରି ପୁନର୍ବାର ଜିଲ୍ଲାପାଳଙ୍କୁ ଆଉ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏହାସହ ଖୁବ୍‌ଶୀଘ୍ର ଏହାର ପୁର୍ନବିଚାର ନହେଲେ ରାହାମା ଅଞ୍ଚଳବାସୀଙ୍କ ସାମୁହିକ ଅଧିକାର ଓ ସ୍ୱାର୍ଥ ପାଇଁ ରାଜ୍ୟ ମାନବାଧିକାର କମିଶନର, ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବେ। ସମାଜସେବୀ ତଥା ଆଇନଜୀବୀ ଡ଼ଃ ସୁନାକର ବେହେରା, ବାସୁଦେବ ବରାଳ, ପ୍ରଦୀପ କୁମାର ବେଉରା, ବାଲୁଙ୍କେଶ୍ୱର ସାହୁ, ନୃସିଂହ ଚରଣ ସେନାପତି, ପ୍ରଦୀପ କୁମାର ସାହୁ, ପବିତ୍ରମୋହନ ପରିଜା, ବ୍ରଜବନ୍ଧୁ ସାହୁ ପ୍ରମୁଖଙ୍କ ସମେତ ବୁଦ୍ଧିଜୀବୀ ଓ ଅଭିଭାବକମାନେ ତୁରନ୍ତ ଉକ୍ତ ସ୍ଥାନରୁ ମୀନାବଜାର ହଟାଇବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଅବକାରୀ ଚଢ଼ଉ, ୩ ଗିରଫ

**ସୋର,୧।୧୦/ଏନ୍ଏନ୍ଏସ୍:** ସୋର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଦେଶୀ ବିଦେଶୀ ମଦ ଜବତ କରାଯିବା ସହ ୩ ଜଣଙ୍କୁ ଗିରଫ କରାଯାଇଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ବିଲବାଙ୍କିଆ ଗ୍ରାମରେ ଚଢ଼ଉ କରି ପ୍ରହ୍ଲାଦ ମାହାନାଙ୍କ ନିକଟରୁ ୪୦ ଲିଟର ଦେଶୀମଦ, ଆଗିରିଆ ଗ୍ରାମର ଅରୁଣ ବେହେରାଙ୍କ ନିକଟରୁ ୬ ଲିଟର ବିୟର ଏବଂ ସବିରା ଗ୍ରାମର ବିଦ୍ୟାଧର ବେହେରାଙ୍କ ନିକଟରୁ ୪ ଲିଟର ବିଦେଶୀମଦ ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଏଏସ୍ଆଇ ମିନତୀ ଜେନା, କନେଷ୍ଟବଳ ଶଶୀକାନ୍ତ ସାହୁ ଓ କାଜଲ ପ୍ରିୟଦର୍ଶିନୀ ସାମିଲ ହୋଇଥିଲେ।

# ଅନନ୍ୟାଙ୍କୁ 'ଶୈକ୍ଷିକ ଉତ୍କର୍ଷ ସମ୍ମାନ'

**ବାରିପଦା,୧।୧୦/ଏନ୍ଏନ୍ଏସ୍:** ବାରିପଦା ରାଣୀଭୋଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ୨୦୨୩-୨୪ ଶିକ୍ଷାବର୍ଷରେ କୃତିତ୍ୱର ସହ ୯୫ ପ୍ରତିଶତ ନମ୍ବର ରଖି ସିବିଏସ୍ଇ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରୀ ଅନନ୍ୟା ପଟ୍ଟନାୟକଙ୍କୁ ସ୍କୁଲ ପକ୍ଷରୁ 'ଶୈକ୍ଷିକ ଉତ୍କର୍ଷ ସମ୍ମାନ' ପ୍ରଦାନ କରାଯାଇଛି। ଶିକ୍ଷାଗ୍ରହଣ କ୍ଷେତ୍ରରେ ତାଙ୍କର ଉତ୍ସର୍ଗୀକୃତ ମନୋଭାବ ତଥା ସବୁ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପୂର୍ବକ ସ୍କୁଲର ଗୌରବ ବୃଦ୍ଧି କରିଥିବାରୁ ସ୍ମୃତିଫଳକ ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି।




ଅନନ୍ୟାଙ୍କ ପାଇଁ ତାଙ୍କ ପିତାମାତା ଓଏଭି ରାଣୀଭୋଳ ବାରିପଦାର ଅଧ୍ୟକ୍ଷ ବିଭୂତିଭୂଷଣ ମଣ୍ଡଳଙ୍କଠାରୁ ଏହି ଆକାଡେମିକ୍ ଏକ୍ସିଲେନ୍ସ ଆୱାର୍ଡ ଗ୍ରହଣ କରିଥିଲେ। ପ୍ରକାଶଥାଉକି ଅନନ୍ୟା ଭୁବନେଶ୍ୱର 'ଆଇକନିକ୍ ଓଏଭି'ର ଏକାଦଶ ଶ୍ରେଣୀ ପାଇଁ ୨୦୨୪-୨୫ ପ୍ରବେଶିକା ପରୀକ୍ଷାରେ ୧୦୧ତମ ସ୍ଥାନ ସହ ଉଲ୍ଲେଖନୀୟ କୃତିତ୍ୱ ହାସଲ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିଲେ। କେନ୍ଦୁଝରର ବିଶିଷ୍ଟ ଆଇନଜୀବୀ ଡ.ସନ୍ଦୀପ ପଟ୍ଟନାୟକ ଓ ଗୃହିଣୀ ସଙ୍ଗୀତା ଦେବୀଙ୍କ ଝିଅ ଅନନ୍ୟା ନିଜ ସଫଳତାର ଶ୍ରେୟ ପିତାମାତା, ଆତ୍ମୀୟସ୍ୱଜନ, ଅଧ୍ୟକ୍ଷ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେଇଛନ୍ତି।

# ବାହାନଗାରେ ବିଜେଡି ପକ୍ଷରୁ ଗଣବିକ୍ଷୋଭ

**ବାହାନଗା,୧।୧୦/ଏନ୍ଏନ୍ଏସ୍:** ନିର୍ବାଚନ ସମୟରେ ସାଧାରଣ ଲୋକଙ୍କୁ ଅନେକ ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାର ଏବେ ପ୍ରତାରଣା କରିଛନ୍ତି। ପ୍ରତିଶ୍ରୁତି ପାଳନ କରିବା ଦୂରେଥାଉ ଅହେତୁକ ମାତ୍ରାରେ ଜିନିଷପତ୍ରର ଦରଦାମ୍ ବୃଦ୍ଧି ପାଉଥିବାରୁ ବାହାନଗା ବ୍ଲକ୍ ବିଜେଡି ପକ୍ଷରୁ ଗଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ବାହାନଗା ବିଡିଓ ରବିନ୍ଦ୍ର ସେଠୀଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାପଡ଼ିଛି।




ସୋର ବିଧାୟକ ମାଧବ ଧଡ଼ାଙ୍କ ନେତୃତ୍ୱରେ ବାହାନଗା ବଜାରରେ ଥିବା ବିଜେଡି କାର୍ଯ୍ୟାଳୟରୁ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ରାଜ୍ୟ ସରକାରଙ୍କ ବିରୋଧରେ ନାରା ଦେଇ ବ୍ଲକ୍ କାର୍ଯ୍ୟାଳୟରେ ଗଣବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। ଶରତ ଚନ୍ଦ୍ର ରାଜଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସୋର ବିଧାୟକ ମାଧବ ଧଡ଼ା, ନୀଳଗିରି ପ୍ରାକ୍ତନ ବିଧାୟକ ଇଂ. ସୁକାନ୍ତ ନାୟକ, ବିଜେଡିର ରାଜ୍ୟସ୍ତରୀୟ ଯୁବନେତା ଶୁଭେନ୍ଦୁ ମଙ୍ଗରାଜ, ବିଜେଡି ଜିଲ୍ଲା ଉପସଭାପତି ଅଶୋକ ନାୟକ, ୧୮ନଂ ଜିଲ୍ଲାପରିଷଦ ଜୋନ୍‌ର ସଭ୍ୟ ନୀଳାମ୍ବର ମହାଳିକ, ୧୯ନଂ ଜୋନ୍‌ର ଜିଲ୍ଲାପରିଷଦ ବିନପ୍ରଭା ଶିଅଳ, ୨୦ନଂ ଜୋନ୍‌ର ଜିଲ୍ଲାପରିଷଦ ଶିଶିର ଅଗସ୍ତି, ୪୫ନଂ ଜୋନ୍‌ର ଜିଲ୍ଲାପରିଷଦ ସଭ୍ୟ ଜୟରାମ ଦାସ, ଗୋପାଳପୁର ସରପଞ୍ଚ ତୁଷାରକାନ୍ତି ମହାପାତ୍ର, ଅନ୍ୟ ସଦସ୍ୟ ଉଦୟ ମହାପାତ୍ର, ବେଣୁଧର ଜେନା, ବିଜୟ ସାହୁ, ସୁକାନ୍ତ ବିଷ୍ଣାଣୀ, ତପନ ରାଉତ, ପ୍ରଦୀପ ମହାପାତ୍ରଙ୍କ ସମେତ ବହୁ ଜନପ୍ରତିନିଧି ଓ ବିଜେଡିର ନେତାମାନେ ଯୋଗଦେଇ ରାଜ୍ୟରେ ଶାସନ କରୁଥିବା ମୋହନ ସରକାର ଏବେ ଲୋକଙ୍କୁ ପ୍ରତାରଣା କରିବା ବାବଦରେ ବିକ୍ଷେଦାଗାର କରିଥିଲେ। ପରେ ଏକ ପ୍ରତିନିଧି ଦଳ ବାହାନଗା ବିଡିଓ ରବୀନ୍ଦ୍ର ସେଠୀଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟେକ ବର୍ଗର ହିତାଧିକାରୀଙ୍କୁ ୩ହଜାର ଟଙ୍କା ଭତ୍ତା

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ପ୍ରଦାନ, ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ୍ ମାଗଣା ପ୍ରତିଶ୍ରୁତି, ରାଜ୍ୟପାଳଙ୍କ ପୁଅ କାର୍ଯ୍ୟରତ ଓଡ଼ିଆ ଅଧିକାରୀଙ୍କୁ ମାଡ଼ ମାରିବା, ଭୁବନେଶ୍ୱର ଭରତପୁର ଥାନାରେ ଜଣେ ସେନା କର୍ମଚାରୀ ଓ ତାଙ୍କ ବାନ୍ଧବୀଙ୍କୁ ପୁଲିସର ଅତ୍ୟାଚାର ଆଦି ଉପରେ ପଦକ୍ଷେପ ଗ୍ରହଣ କରିବାକୁ ଦାବିପତ୍ର ଦେଇଥିଲେ।

# 'ସୋସିଆଲ୍ ମିଡିଆରେ ବିବାଦୀୟ ମନ୍ତବ୍ୟ ଉପରେ ରହିଛି ନଜର'

**ଧାମନଗର,୧।୧୦/ଏନ୍ଏନ୍ଏସ୍:** ବର୍ତ୍ତମାନ ସମୟରେ ବହୁ ଲୋକ ସାମାଜିକ ଗଣମାଧ୍ୟମ ସହ ଜଡ଼ିତ ଅଛନ୍ତି। ହେଲେ ବିଭିନ୍ନ ସମୟରେ କିଛି ଅସାମାଜିକ ଲୋକ ସାମାଜିକ ଗଣମାଧ୍ୟମରେ ବହୁ ବିବାଦୀୟ ଓ ଆପତ୍ତିଜନକ ମନ୍ତବ୍ୟ ଦେଉଥିବାରୁ ତାହାକୁ କେନ୍ଦ୍ର କରି ସମାଜରେ ବିଭିନ୍ନ ସମୟରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ସାମାଜିକ ଗଣମାଧ୍ୟମରେ ଅପପ୍ରଚାର କରୁଥିବା ଅସାମାଜିକ ବ୍ୟକ୍ତିଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ଧାମନଗର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୋରାନିଆ ସୂଚନା ଦେଇଛନ୍ତି। ବିବାଦୀୟ ଖବରକୁ ପଢ଼ି ସେଥିରେ ଜନସାଧାରଣ ଉତ୍ତ୍ୟକ୍ତ ନହେବା ଏବଂ ବିଶୃଙ୍ଖଳା ଆଚରଣ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ତୁରନ୍ତ ପୁଲିସକୁ ଖବର ଦେବା ପାଇଁ ଡିଜି ନିବେଦନ କରିଛନ୍ତି। ଶ୍ରୀ ଖୋରାନିଆ କହିଥିଲେ ଯେ ଭଦ୍ରକରେ ଘଟିଥିବା ସାମ୍ପ୍ରତିକ ଘଟଣାରେ



ଭଦ୍ରକ ପୁରୁଣା ବଜାର ଓ ଧାମନଗର ଥାନାର ମୋଟ ୫ଟି ମାମଲା ରୁଜୁ ହୋଇଛି। କେତେଜଣଙ୍କୁ ଗିରଫ କରାଯାଇଛି ଓ ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ। ବିଭିନ୍ନ ସ୍ଥାନରେ ପୁଲିସ ଫୋର୍ସ ମୁତୟନ ଅଛନ୍ତି। ଏହାସହ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି, ଚେକିଂ ବ୍ଲକିଙ୍ଗ ଚାଲୁ ରହିଛି, ସ୍ଥିତି ନିୟନ୍ତ୍ରଣାଧୀନ ଅଛି ଓ ଖୁବ୍‌ଶୀଘ୍ର ଧାମନଗର ସ୍ୱାଭାବିକ ଅବସ୍ଥାକୁ ଫେରିବ ବୋଲି ଡିଜି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଇନ ଶୃଙ୍ଖଳା ଏଡିଜି ସଞ୍ଜୟ କୁମାର, ଡ଼ିଆଇଜି ସତ୍ୟଜିତ ନାୟକ,ଏସ୍‌ପି ବରୁଣ ଗୁଣ୍ଟୁପଲି, ଏଏସ୍‌ପି ବାସୁଦେବ ସ୍ୱାଇଁ, ଏସ୍‌ଡ଼ିପିଓ ତ୍ରିଲୋଚନ ସେଠୀ, ତହସିଲଦାର ଦୀପକ ଦାସ, ଧାମନଗର

## ଶାନ୍ତି ବଜାୟ ରଖିବାକୁ ନିବେଦନ

ଆଇଆଇସି ଫନୀନ୍ଦ୍ର ନାୟକ ଓ ଧୁସୁରୀ ଓଆଇସି ଶାନ୍ତନୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଡିଜି ଧାମନଗର ଥାନାରେ ପହଞ୍ଚିବା ପରେ ଗତ ଶୁକ୍ରବାର ଧାମନଗର ବଜାରରେ ଘଟିଥିବା ଗଣ୍ଡଗୋଳ ସମ୍ପର୍କରେ ପୁଲିସର କାର୍ଯ୍ୟକ୍ରମ ଏବଂ ବର୍ତ୍ତମାନ ସ୍ଥିତି ସମ୍ପର୍କରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ଆଲୋଚନା ଓ ସମୀକ୍ଷା କରିଥିଲେ।

# ଗୁଳୁଗୁଳିରେ ଆଦର୍ଶ ବିଦ୍ୟାଳୟର ୯ ଛାତ୍ରୀ ଅସୁସ୍ଥ



**ଆଳି,୧।୧୦/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ନିଆଳସ୍ଥିତ ଆଦର୍ଶ ବିଦ୍ୟାଳୟରେ ମଙ୍ଗଳବାର ପ୍ରବଳ ଗୁଳୁଗୁଳି ଯୋଗୁ ୯ ଜଣ ଛାତ୍ରୀ ଅସୁସ୍ଥ ହୋଇଥିବା ଜଣାପଡ଼ିଛି। ଉକ୍ତ ଛାତ୍ରୀଙ୍କ ମଧ୍ୟରେ ଷଷ୍ଠ ଶ୍ରେଣୀର ନିରୁପମା ବେହେରା, ଆଦ୍ୟାସା ମହାନ୍ତି, ଅଷ୍ଟମ ଶ୍ରେଣୀର ଅର୍ପିତା ସାମଲ, ଯଶ୍ୱଶୀ ତୃପ୍ତି ତନୁଜା, ଲକ୍ଷ୍ମୀପ୍ରିୟା ସାହୁ, ଲଭଲୀ ବେହେରା, ପ୍ରିତିପ୍ରିୟା ପାତ୍ର, ଶୁଭଦର୍ଶିନୀ ସାମଲ ଓ ଶ୍ରଦ୍ଧାଞ୍ଜଳି ରାଉତ ରହିଛନ୍ତି। ଘଟଣାରୁ ପ୍ରକାଶ, ଛାତ୍ରୀମାନେ ମଧ୍ୟାହ୍ନରେ ଖାଇ ସାରିବା ପରେ ଅଣନିଶ୍ୱାସୀ ହୋଇପଡ଼ିଥିଲେ। ଦିନ ପ୍ରାୟ ୧ଟା ୪୦ ସମୟରେ ହଠାତ୍ ଜଣକ ପରେ ଜଣେ ଅସୁସ୍ଥ ହୋଇଥିଲେ। ସେମାନଙ୍କୁ ତୁରନ୍ତ ଆଳି ମେଡିକାଲ ଅଣାଯାଇ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଗୁଳୁଗୁଳି ଯୋଗୁ ଏଭଳି ହୋଇଥିବା ନେଇ ଆଳି ମେଡିକାଲର ମୁଖ୍ୟ ଡାକ୍ତର ପ୍ରଣବ ଶୁକ୍ଳା ସୂଚନା ଦେଇଛନ୍ତି। ପ୍ରକାଶଥାଉକି ପୂର୍ବରୁ ସିଙ୍ଗିରି ଚକ୍ରଧର ହାଇସ୍କୁଲ ଓ ମେଣ୍ଟପୁର ହାଇସ୍କୁଲରେ ପାଠପଢ଼ା ଚାଲୁଥିବାବେଳେ ଛାତ୍ରୀମାନେ ଅସୁସ୍ଥ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ।

# କାନପୁରରେ ଭାରତର ରୋମାଞ୍ଚ

## ବାଂଲାଦେଶକୁ ୭ ୱିକେଟ୍‌ରେ ହରାଇ ସିରିଜ୍ ୨-୦ରେ କ୍ଲିନ୍ ସ୍ୱିପ୍

**କାନପୁର,୧।୧୦/ଏଜେନ୍ସି:** ଭାରତ ବର୍ଷା ବାଧାପ୍ରାପ୍ତ କାନପୁର ଟେଷ୍ଟକୁ ୭ ୱିକେଟ୍‌ରେ ଜିତିନେଇଛି। ଫଳରେ ବାଂଲାଦେଶ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତୀୟ ଟିମ୍ କ୍ଲିନ୍ ସ୍ୱିପ୍ କରିଛି। ବାଂଲାଦେଶ ମଙ୍ଗଳବାର ମ୍ୟାଚ୍‌ର ଅନ୍ତିମ ଦିନ ଭାରତୀୟ ଟିମ୍‌କୁ ବିଜୟ ପାଇଁ ୯୫ ରନ୍‌ର ଲକ୍ଷ୍ୟ ନେଇଥିଲା, ଯାହାକୁ ଭାରତ ମାତ୍ର ୩ ୱିକେଟ୍ ହରାଇ ହାସଲ କରିନେଇଛି। ଏହା ପୂର୍ବରୁ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଚେନ୍ନାଇ ଟେଷ୍ଟ ମ୍ୟାଚ୍‌ରେ ବାଂଲାଦେଶ ବିପକ୍ଷରେ ୨୮୦ ରନ୍‌ରେ ବିଜୟୀ ହୋଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ପ୍ରଥମ ଇନିଂସ୍‌ରେ ୨୩୩ ରନ୍ କରିଥିଲା। ଜବାବରେ ଭାରତ ବିସ୍ଫୋରକ ବ୍ୟାଟିଂ କରି ୯ ୱିକେଟ୍ ବିନିମୟରେ ୨୮୫ ରନ୍‌ର ସ୍କୋର୍‌ରେ ପ୍ରଥମ ଇନିଂସ୍ ଘୋଷଣା କରିଥିଲା। ଫଳରେ ପ୍ରଥମ ଇନିଂସ୍ ଆଧାରରେ ଭାରତ ୫୨ ରନ୍‌ରେ ଆଗୁଆ ହୋଇଥିଲା। ଦ୍ୱିତୀୟ ଇନିଂସ୍‌ରେ ବାଂଲାଦେଶ ୧୪୬ ରନ୍ କରି ଭାରତ ଆଗରେ ୯୫ ରନ୍‌ର ଲକ୍ଷ୍ୟ ରଖିଥିଲା। ଟେଷ୍ଟ ମ୍ୟାଚ୍‌ରେ ଆଧିକାରିକ ଭାବେ ଗୋଟିଏ ଦିନରେ ୯୦ ଓଭର୍ ଖେଳ ହୋଇଥାଏ। ବାଂଲାଦେଶ ନିଜ ପ୍ରଥମ ଇନିଂସ୍‌ରେ ୭୪.୨ ଓଭର୍ ଏବଂ ଦ୍ୱିତୀୟ ଇନିଂସ୍‌ରେ ୪୭ ଓଭର୍ ଖେଳିଥିଲା। ସେହିପରି ଭାରତ ପ୍ରଥମ ଏବଂ ଦ୍ୱିତୀୟ ଇନିଂସ୍‌ରେ ଯଥାକ୍ରମେ ୩୪.୪ ଏବଂ ୧୭.୨ ଓଭର୍ ଖେଳିଥିଲା। ଏ ସବୁକୁ ମିଶାଇଲେ ମୋଟ ୧୭୪ ଓଭର୍ ହେଉଛି, ଯାହା ଦୁଇଦିନର ମୋଟ ଓଭର୍ (୧୮୦)ରୁ ମଧ୍ୟ କମ୍।

ଭାରତ ଏହି ଟେଷ୍ଟ ମ୍ୟାଚ୍‌ରେ ସାହସିକ ଖେଳ ଦେଖାଇଛି। ପ୍ରଥମ ଦିନ ୩୫ ଓଭର୍ ଖେଳ ହୋଇପାରିଥିଲା। ବର୍ଷା ମ୍ୟାଚ୍‌ରେ ବାଧା ସୃଷ୍ଟି କରିବା ସହ ଦ୍ୱିତୀୟ ଓ ତୃତୀୟ ଦିନ ଖେଳ ବର୍ଷାରେ ଧୋଇଯାଇଥିଲା। ଚତୁର୍ଥ ଦିନ ଖେଳ ଆରମ୍ଭ ହୋଇଥିଲା ଏବଂ ବାଂଲାଦେଶକୁ ଅଲ୍‌ଆଉଟ୍ କରିବା ପରେ ଭାରତ ଧୂଆଁଧାର ବ୍ୟାଟିଂ କରି ଟେଷ୍ଟ କ୍ରିକେଟ୍‌ରେ ଦ୍ରୁତତମ ୫୦, ୧୦୦, ୧୫୦, ୨୦୦ ଏବଂ ୨୫୦ ରନ୍ ସଂଗ୍ରହର ରେକର୍ଡ କରିଥିଲା। ଏହାପରେ ବାଂଲାଦେଶର ଦ୍ୱିତୀୟ ଇନିଂସ୍ ଶୀଘ୍ର ସାରି ସହଜ ଲକ୍ଷ୍ୟକୁ ପିଛା କରିଥିଲା। ବାଂଲାଦେଶକୁ ଭାରତ ଦୁଇ କିମ୍ବା ଏହାଠାରୁ ଅଧିକ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଭାରତ ପଞ୍ଚମ ଥର କ୍ଲିନ୍ ସ୍ୱିପ୍ କରିଛି। ଟିମ୍ ଇଣ୍ଡିଆ ଏହା ପୂର୍ବରୁ ୨୦୦୪-୦୫, ୨୦୦୯-୧୦, ୨୦୧୯-୨୦ ଏବଂ ୨୦୨୨-୨୩ରେ ଏପରି କରିସାରିଛି। ସେହିପରି ଟେଷ୍ଟ କ୍ରିକେଟ୍‌ରେ ଟିମ୍ ଇଣ୍ଡିଆର ଏହା ଓଭର୍‌ଅଲ୍ ୩୭ତମ କ୍ଲିନ୍ ସ୍ୱିପ୍। ଏହା ସହିତ ଘରୋଇ ମାଟିରେ ଭାରତ କ୍ରମାଗତ ୧୮ତମ ଟେଷ୍ଟ ସିରିଜ୍ ଜିତି ବିଶ୍ୱ ରେକର୍ଡ କରିଛି।

ଭାରତ ପକ୍ଷରୁ ଦ୍ୱିତୀୟ ଇନିଂସ୍‌ରେ ରୋହତ ଶର୍ମା (୮), ଶୁବମନ ଗିଲ୍ (୬) ଏବଂ ଯଶସ୍ୱୀ ଜୟସ୍ୱାଲ୍ ୫୧ ରନ୍ କରି ଆଉଟ୍ ହୋଇଥିଲେ। ପନ୍ତ୍ ବିଜୟୀ ଚୌକା ମାରିଥିବା ବେଳେ ବିରାଟ କୋହଲି ୨୯ ରନ୍‌ରେ ଅପରାଜିତ ରହିଥିଲେ। ବିରାଟ ଏବଂ ଯଶସ୍ୱୀଙ୍କ ମଧ୍ୟରେ ତୃତୀୟ ୱିକେଟ୍ ପାଇଁ ୫୮ ରନ୍‌ର ଭାଗୀଦାରି ହୋଇଥିଲା। ବାଂଲାଦେଶ ପକ୍ଷରୁ ମେହଦୀ ହସନ୍ ମିରାଜ ଦୁଇଟି ଏବଂ ତୈଜୁଲ୍ ଇସ୍ଲାମ୍ ଗୋଟିଏ ୱିକେଟ୍ ନେଇଥିଲେ। ଯଶସ୍ୱୀଙ୍କୁ ୪୫ ବଲ୍‌ର ଇନିଂସ୍‌ରେ ୮ ଚୌକା ଓ ଗୋଟିଏ ଛକା ସାମିଲ ଥିଲା। ଏହା ପୂର୍ବରୁ ବାଂଲାଦେଶ ଦ୍ୱିତୀୟ ଇନିଂସ୍ ୧୪୬ ରନ୍‌ରେ ସୀମିତ ହୋଇଯାଇଥିଲା। ମଙ୍ଗଳବାର ୨୬/୨ ସ୍କୋର୍‌ରୁ ଖେଳ ଆରମ୍ଭ କରିଥିବା ବାଂଲାଦେଶ ଆଉ ୧୨୦ ରନ୍‌ରେ ବାକି ୮ଟି ୱିକେଟ୍ ହରାଇଥିଲା। ବାଂଲାଦେଶ ପକ୍ଷରୁ ଶାଦମାନ ଇସ୍ଲାମ୍ ସର୍ବାଧିକ ୫୦ ରନ୍ କରିଥିଲେ। ତାଙ୍କ ୧୦୧ ବଲ୍‌ର ଇନିଂସ୍‌ରେ ୧୦ ଚୌକା ସାମିଲ ଥିଲା। ଏହା ବ୍ୟତୀତ ଆଜି ଆଉଟ୍ ହୋଇଥିବା ଖେଳାଳିଙ୍କ ମଧ୍ୟରେ ମୋମିନୁଲ୍ ହକ୍ (୨), କ୍ୟାପ୍‌ଟେନ୍ ନଜମୁଲ୍ ହୋସେନ୍ ଶାନ୍ତୋ (୧୯), ମୁଶଫିକୁର୍ ରହିମ୍ (୩୭), ଲିଟନ୍ ଦାସ (୧), ମେହଦୀ ହସନ୍ ମିରାଜ (୯), ସାକିବ୍ ଅଲ୍ ହସନ୍ (୦) ଏବଂ ତେହଜୁଲ୍ ଇସ୍ଲାମ (୦) ସାମିଲ। ପୂର୍ବରୁ ଜାକିର ହସନ୍ (୧୦) ଓ ହସନ୍ ମହମୁଦ (୨) ଆଉଟ୍ ହୋଇଥିଲେ।

ଭାରତ ୩୪.୪ ଓଭର୍‌ରେ ୯ ୱିକେଟ୍ ହରାଇ ୨୮୫ ରନ୍‌ରେ ପ୍ରଥମ ଇନିଂସ୍ ଘୋଷଣା କରିଥିଲା। ଭାରତ ପକ୍ଷରୁ ଜୟସ୍ୱାଲ୍ ସର୍ବାଧିକ ୭୨ ରନ୍ କରିଥିଲେ। ସେ ୫୧ ବଲ୍‌ରେ ୧୨ ଚୌକା ଓ ଦୁଇ ଛକା ସହାୟତାରେ ଏହି ସ୍କୋର୍ କରିଥିଲେ। ରୋହିତ ଶର୍ମା ୧୧ ବଲ୍‌ରେ ଏକ ଚୌକା ଓ ୩ ଛକା ସହାୟତାରେ ୨୩ ରନ୍ କରିଥିଲେ। ସେହିପରି ଶୁବମାନ ଗିଲ୍ ୩୬ ବଲ୍‌ରେ ୨୯, ଋଷଭ ପନ୍ତ୍ ୧୧ ବଲ୍‌ରେ ୯ ରନ୍, ବିରାଟ କୋହଲି ୩୫ ବଲ୍‌ରେ ଚୌକା ଓ ଗୋଟିଏ ଛକା ସହୟତାରେ ୪୭ ରନ୍ କରିଥିଲେ। କେଏଲ୍ ରାହୁଲ ୪୭ ଲ୍‌ରେ ସାତ ଚୌକା ଓ ଦୁଇ ଛକା ବଳରେ ୬୮ ରନ୍‌ର ଇନିଂସ୍ ଖେଳିଥିଲେ। ଅଶ୍ୱିନ ଓ ଜାଡ଼େଜା ୧-୧ ରନ୍ କରିଥିବା ବେଳେ ଆକାଶ ଦୀପ୍ ୧୨ ରନ୍‌ର ଯୋଗଦାନ କରିଥିଲେ। ବାଂଲାଦେଶ ପକ୍ଷରୁ ମେହଦୀ ହସନ୍ ମିରାଟ ଓ ସାକିବ୍ ଅଲ୍ ହସନ୍ ୪-୪ ୱିକେଟ୍ ନେଇଥିଲେ।

ବାଂଲାଦେଶ ସୋମବାର ଅସମାପ୍ତ ପ୍ରଥମ ଇନିଂସ୍ ୧୦୭/୩ରୁ ଆଗକୁ ଖେଳିଥିଲା ଏବଂ ଆଉ ୧୨୬ ରନ୍ ମଧ୍ୟରେ ବାକି ସାତ ୱିକେଟ୍ ହରାଇଥିଲା। ଜାଡ଼େଜା ଅନ୍ତିମ ୱିକେଟ୍ ଭାବେ ଖାଲିଦ୍ ଅହମଦ (୦)ଙ୍କୁ ଆଉଟ୍ କରିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟର୍‌ର ୩୦୦ତମ ୱିକେଟ୍ ଥିଲା। ମୋମିନୁଲ୍ ହକ୍ ୧୦୭ ରନ୍ କରି ଅପରାଜିତ ରହିଥିଲେ। ସୋମବାର ମୁଶଫିକୁର୍ ରହିବ (୧୧)ଙ୍କ ରୂପରେ ଟିମ୍‌କୁ ପ୍ରଥମ ଝଟ୍‌କା ଲାଗିଥିଲା। ଲିଟନ୍ ଦାସ ୧୩, ସାକିବ୍ ଅଲ୍ ହସନ୍ ୯ ରନ୍ କରି ଫେରିଥିଲେ। ଏହାପରେ ମୋମିନୁଲ୍ ହକ୍ ଓ ମେହଦୀ ହସନ୍ ମିରାଜ ମଧ୍ୟରେ ୭ମ ୱିକେଟ୍ ପାଇଁ ୫୪ ରନ୍‌ର ଭାଗୀଦାରି ହୋଇଥିଲା। ଇତିମଧ୍ୟରେ ମୋମିନୁଲ୍ ଟେଷ୍ଟ କ୍ୟାରିୟର୍‌ର ୧୨ଶ ଶତକ ହାସଲ କରିଥିଲେ। ମେହଦୀ ୨୦ ରନ୍ କରି ଆଉଟ୍ ହୋଇଥିଲେ। ତୈଜୁଲ୍ ୫, ହସନ୍ ମହଦୁଦ୍ ୧ ରନ୍ କରିଥିଲେ।




## ସାକିବ୍‌ଙ୍କୁ କୋହଲିଙ୍କ ବ୍ୟାଟ୍ ଉପହାର

କାନପୁରର ଗ୍ରୀନ୍‌ପାର୍କ୍‌ରେ ମଙ୍ଗଳବାର ଭାରତ ଓ ବାଂଲାଦେଶ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ସମାପ୍ତି ପରେ ଷ୍ଟାର୍ ବ୍ୟାଟର୍ ବିରାଟ କୋହଲି ବାଂଲାଦେଶର ମହାନ୍ ଅଲ୍‌ରାଉଣ୍ଡର୍ ସାକିବ୍ ଅଲ୍ ହସନ୍‌ଙ୍କୁ ନିଜ ବ୍ୟାଟ୍ ଉପହାର ଦେଇଛନ୍ତି। ଏହାପରେ ଦୁଇ କ୍ରିକେଟର୍ କିଛି ସମୟ କଥାବାର୍ତ୍ତା କରିଥିଲେ। କାନପୁର ଟେଷ୍ଟ ଭାରତରେ ସାକିବ୍‌ଙ୍କ ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍। ସେ ସମସ୍ତ ତିନିଟି ଯାକ ଫର୍ମାଟ୍‌ରୁ ଅବସର ଘୋଷଣା କରିସାରିଛନ୍ତି ଏବଂ ଚଳିତ ମାସରେ ଘରୋଇ ପଡ଼ିଆରେ ସାଉଥ୍ ଆଫ୍ରିକା ବିପକ୍ଷ ଟେଷ୍ଟ୍ ତାଙ୍କର ଶେଷ ମ୍ୟାଚ୍ ହେବ।



## ରେକର୍ଡସ୍...

■ **ଅଶ୍ୱିନ ରେକର୍ଡ ୧୧ଶ ଥର ପ୍ଲେୟର୍ ଅଫ୍ ଦ ସିରିଜ୍:** ବାଂଲାଦେଶ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ୧୧୪ ରନ୍ ସହ ୧୧ ୱିକେଟ୍ ନେଇଥିବା ରବିଚନ୍ଦ୍ରନ୍ ଅଶ୍ୱିନ ପ୍ଲେୟର୍ ଅଫ୍ ଦ ସିରିଜ୍ ବିବେଚିତ ହୋଇଛନ୍ତି। ୩୯ ସିରିଜ୍‌ରେ ଏହା ଅଶ୍ୱିନ୍‌ଙ୍କ ୧୧ଶ ପ୍ଲେୟର୍ ଅଫ୍ ଦି ସିରିଜ୍ ପୁରସ୍କାର। ଏହି ମାମଲାରେ ସେ ଶ୍ରୀଲଙ୍କାର ମହାନ୍ ମୁଥେୟା ମୁରଲୀଧରନ୍‌ଙ୍କ ସମକକ୍ଷ ହୋଇଛନ୍ତି। ସେ ୬୦ ସିରିଜ୍‌ରେ ୧୧ ଥର ପ୍ଲେୟର୍ ଅଫ୍ ଦ ସିରିଜ୍ ବିବେଚିତ ହୋଇଥିଲେ। ମୁରଲୀଧରନ୍ ସନ୍ନ୍ୟାସ ନେଇସାରିଥିବାରୁ ତାଙ୍କୁ ପଛରେ ପକାଇବାର ସୁବର୍ଣ୍ଣ ସୁଯୋଗ ଅଶ୍ୱିନ୍‌ଙ୍କ ନିକଟରେ ରହିଛି।

■ **ସର୍ବାଧିକ ଟେଷ୍ଟ ବିଜୟରେ ଭାରତ ଚତୁର୍ଥ:** ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ବିଜୟୀ ହେବା ସହ ଭାରତ ସର୍ବାଧିକ ଟେଷ୍ଟ ମ୍ୟାଚ୍ ଜିତିବାରେ ବିଶ୍ୱର ଚତୁର୍ଥ ଟିମ୍ ହୋଇଛି। ଏହି ମାମଲାରେ ଭାରତ ସାଉଥ୍ ଆଫ୍ରିକା (୧୭୯)କୁ ପଛରେ ପକାଇଛି। ଭାରତ ନାମରେ ଏବେ ୧୮୦ ଟେଷ୍ଟ ବିଜୟ ହୋଇଛି। ଭାରତ ଆଗରେ ଅଷ୍ଟ୍ରେଲିଆ (୪୧୪), ଇଂଲଣ୍ଡ (୩୯୭) ଏବଂ ୱେଷ୍ଟଇଣ୍ଡିଜ୍ (୧୮୩) ରହିଛନ୍ତି।

■ **ଟେଷ୍ଟ ମ୍ୟାଚ୍‌ରେ ସର୍ବଶ୍ରେଷ୍ଠ ରନ୍ ରେଟ୍‌ର ରେକର୍ଡ:** ଟିମ୍ ଇଣ୍ଡିଆ ପ୍ରଥମ ଇନିଂସ୍‌ରେ ୩୪.୪ ଓଭର୍‌ରେ ୮.୨୨ ରନ୍‌ରେଟ୍‌ରେ ୨୮୫ ରନ୍ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ୍‌ରେ ୧୭.୨ ଓଭର୍‌ରେ ୫.୬୫ ରେଟ୍‌ରେ ୯୫ ରନ୍‌ର ଲକ୍ଷ୍ୟ ମଧ୍ୟ ହାସଲ କରିଛି। ମ୍ୟାଚ୍‌ରେ ଟିମ୍ ୫୨ ଓଭର୍ ବ୍ୟାଟିଂ କରି ୭.୩୬ ରନ୍ ରେଟ୍‌ରେ ସ୍କୋର୍ କରିଛି। ଏହା ଟେଷ୍ଟ ଇତିହାସରେ ସର୍ବଶ୍ରେଷ୍ଠ ରନ୍ ରେଟ୍‌ର ବିଶ୍ୱ ରେକର୍ଡ।

■ **ଦ୍ରୁତ ଅର୍ଦ୍ଧଶତକ ଓ ଶତକରେ ଭାରତର ବିଶ୍ୱ ରେକର୍ଡ:** ପ୍ରଥମ ଇନିଂସ୍‌ରେ ବିସ୍ଫୋରକ ବ୍ୟାଟିଂ କରି ଟିମ୍ ଇଣ୍ଡିଆ ଏକ ବିଶ୍ୱ କୀର୍ତ୍ତିମାନର ଅଧିକାରୀ ହୋଇଛି। ଭାରତ ୩ ଓଭର୍‌ରେ ୫୦ ଏବଂ ୧୦.୧ ଓଭର୍‌ରେ ୧୦୦ ରନ୍ ପୂରା କରିଥିଲା। ଏହା ୧୪୭ ବର୍ଷର ଟେଷ୍ଟ କ୍ରିକେଟ୍ ଇତିହାସରେ ଦ୍ରୁତତମ ଟିମ୍ ଅର୍ଦ୍ଧଶତକ ଓ ଶତକ। କେବଳ ଏତିକି ନୁହେଁ ଭାରତ ଦ୍ରୁତତମ ୧୫୦, ୨୦୦ ଏବଂ ୨୫୦ ରନ୍‌ର ରେକର୍ଡ ମଧ୍ୟ ନିଜ ନାମରେ କରିଛି।

■ **କୋହଲିଙ୍କ ଦ୍ରୁତତମ ୨୭ ହଜାର ରନ୍:** ପ୍ରଥମ ଇନିଂସ୍‌ରେ ୩୫ ବଲ୍‌ରେ ୪୭ ରନ୍ କରିବା ସହିତ ବିରାଟ କୋହଲି ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଦ୍ରୁତତମ ୨୭ ହଜାର ରନ୍‌ର ରେକର୍ଡ କରିଛନ୍ତି। ଏହା ପୂର୍ବରୁ ଏହି ରେକର୍ଡ ସଚିନ ତେନ୍ଦୁଲକରଙ୍କ ନାମରେ ଥିଲା। ସଚିନ୍ ୬୨୩ ଇନିଂସ୍‌ରେ ଏହି ଉପଲବ୍ଧି ହାସଲ କରିଥିଲେ। ଏବେ କୋହଲି ୫୯୪ ଇନିଂସ୍‌ରେ ଏହି ରେକର୍ଡ କରିଛନ୍ତି।

## କୋହଲିଙ୍କୁ ଗମ୍ଭୀରଙ୍କ ଆଲିଙ୍ଗନ

କାନପୁର ଟେଷ୍ଟରେ ଭାରତ ମଙ୍ଗଳବାର ୭ ୱିକେଟ୍‌ରେ ବାଂଲାଦେଶକୁ ହରାଇ ଦେଇଛି। ଟିମ୍ ପକ୍ଷରୁ ଋଷଭ ପନ୍ତ୍ ବିଜୟୀ ଚୌକା ମାରିବା ପରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ନିକଟରେ ବସିଥିବା ଆର୍ ଅଶ୍ୱିନଙ୍କୁ ଆଲିଙ୍ଗନ କରିଥିଲେ। ସେହିପରି ମ୍ୟାଚ୍ ଶେଷକରି ଡ୍ରେସିଂ ରୁମ୍ ଅଭିମୁଖେ ଯାଉଥିବା କୋହଲିଙ୍କୁ ମଧ୍ୟ ଗମ୍ଭୀର ଆଲିଙ୍ଗନ କରି ବିଜୟ ସେଲିବ୍ରେଟ୍ କରିଥିଲେ। ସୂଚନାଯୋଗ୍ୟ, ଗମ୍ଭୀରଙ୍କ କୋଚିଂରେ ଏହା ଭାରତର ପ୍ରଥମ ଟେଷ୍ଟ ସିରିଜ୍ ବିଜୟ।




## ଇତିହାସ ରଚିଲେ ବୈଭବ

**ଚେନ୍ନାଇ,୧।୧୦/ଏଜେନ୍ସି:** ବିହାରର ୧୩ ବର୍ଷୀୟ କ୍ରିକେଟର୍ ବୈଭବ ସୂର୍ଯ୍ୟବଂଶୀ ଚେନ୍ନାଇର ଚେପକ୍ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଅଷ୍ଟ୍ରେଲିଆ ବିପକ୍ଷ ଅଣ୍ଡର-୧୯ ୟୁଥ୍ ଟେଷ୍ଟରେ କୀର୍ତ୍ତିମାନ ହାସଲ କରିଛନ୍ତି। ବୈଭବ ୫୮ ବଲ୍‌ରେ ୧୦୪ ରନ୍ କରି ପାକିସ୍ତାନ ଓପ୍ନର୍ ବାବର ଆଜମ୍ ଏବଂ ବାଂଲାଦେଶ କ୍ୟାପ୍‌ଟେନ୍ ନଜମୁଲ୍ ହୁସେନ୍ ଶାନ୍ତୋଙ୍କ ରେକର୍ଡ ଭଙ୍ଗ କରିଛନ୍ତି। ତାଙ୍କ ଇନିଂସ୍‌ରେ ୧୪ ଚୌକା ଓ ୪ ଛକା ସାମିଲ। ଶାନ୍ତୋ ୧୪ ବର୍ଷ ୨୪୧ ଦିନ ବୟସରେ ଶ୍ରୀଲଙ୍କା ଅଣ୍ଡର-୧୯ ଟିମ୍ ବିପକ୍ଷରେ ଶତକ ହାସଲ କରିଥିଲେ। ସେହିପରି ବାବର୍ ୧୫ ବର୍ଷ ୪୮ ଦିନ ବୟସରେ ଦାମ୍ବୁଲାରେ ଶତକ କରିଥିଲେ। ପେସାଦାର କ୍ରିକେଟ୍‌ରେ ଶତକ ହାସଲ କରିବାରେ ବୈଭଭ ସର୍ବକନିଷ୍ଠ ଖେଳାଳି ହୋଇଛନ୍ତି।



ଚେପକ୍ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଅଷ୍ଟ୍ରେଲିଆ ୨୯୩ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଭାରତ ଦ୍ୱିତୀୟ ଦିନ ଖେଳ ଶେଷ ବେଳକୁ ୪ ୱିକେଟ୍ ହରାଇ ୨୦୩ ରନ୍ କରିଛି। ଟିମ୍ ପକ୍ଷରୁ ବିହାନ (୭୪), ବୈଭବ (୧୦୪), ନିତ୍ୟା (୯) ଏବଂ କାର୍ତ୍ତିକେୟ (୦) ଆଉଟ୍ ହୋଇଛନ୍ତି।

ସମସ୍ତିପୁରର ତାଜପୁର ନିବାସୀ ବୈଭବ ସୂର୍ଯ୍ୟବଂଶୀ ୧୩ ବର୍ଷ ୫ ମାସ ବୟସରେ ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳି ଭାବେ ବିହାର ପକ୍ଷରୁ ରଣଜୀ ଟ୍ରଫିରେ ଡେବ୍ୟୁ କରିଥିଲେ। ଏହା ପୂର୍ବରୁ ଅଲୀମୁଦ୍ଦିନ୍ ୧୨ ବର୍ଷ ଦୁଇମାସରେ ଡେବ୍ୟୁ କରିଥିଲେ। ୫ ବର୍ଷରୁ କ୍ରିକେଟ୍ ଖେଳିବା ଆରମ୍ଭ କରିଥିବା ବୈଭବଙ୍କ ନାମରେ ଗୋଟିଏ ବର୍ଷରେ ୪୯ ଶତକ ଏବଂ ୩ ଦ୍ୱିଶତକର ରେକର୍ଡ ରହିଛି।

## ଇରାନୀ କପ୍: ଶତକ ନିକଟବର୍ତ୍ତୀ ରାହାଣେ

## ମୁମ୍ବାଇ ପ୍ରଥମ ଦିନ ୪/୨୩୭

**ଲକ୍ଷ୍ନୌ,୧।୧୦/ଏଜେନ୍ସି:** ବିସିସିଆଇର ଘରୋଇ ଟୁର୍ଣ୍ଣାମେଣ୍ଟ ଇରାନୀ କପ୍‌ର ପ୍ରଥମ ଦିନ ମୁମ୍ବାଇ ଟିମ୍ ସ୍ଥିତି ମଜଭୁତ କରିଛି। ଟିମ୍ ପ୍ରଥମ ଦିନ ଖେଳ ଶେଷ ବେଳକୁ ୪ ୱିକେଟ୍ ବିନିମୟରେ ୨୩୭ ରନ୍ କରିଛି। କ୍ୟାପ୍‌ଟେନ୍ ଆଜିଙ୍କ୍ୟ ରାହାଣେ ୮୬ ଏବଂ ସର୍ଫରାଜ୍ ଖାନ୍ ୫୪ ରନ୍ କରି ଅପରାଜିତ ରହିଛନ୍ତି। ପୂର୍ବରୁ ଶ୍ରେୟସ୍ ଆୟର ୫୭ ରନ୍ କରି ଆଉଟ୍ ହୋଇଥିବା ବେଳେ ଅବଶିଷ୍ଟ ଭାରତ ପକ୍ଷରୁ ମୁକେଶ କୁମାର ତିନିଟି ଏବଂ ୟଶ୍ ଦୟାଲ୍ ଗୋଟିଏ ୱିକେଟ୍ ନେଇଛନ୍ତି।

ସ୍ଥାନୀୟ ଇକାନା ଷ୍ଟାଡିୟମ୍‌ରେ ଟସ୍ ହାରି ବ୍ୟାଟିଂ ପାଇଥିବା ମୁମ୍ବାଇର ଆରମ୍ଭ ବହୁତ ଖରାପ ଥିଲା ଏବଂ ୬ ରନ୍‌ରେ ଦୁଇଟି ୱିକେଟ୍ ହରାଇଥିଲା। ପୃଥ୍ୱୀ ଶ’ ୪ ଏବଂ ହାର୍ଦ୍ଦିକ ତମୋରେ ଖାତା ଖୋଲିବା ପୂର୍ବରୁ ମୁକେଶଙ୍କ ଶିକାର ହୋଇଥିଲେ। ଏହାପରେ ମୁକେଶ ଓପ୍ନର୍ ଆୟୁଷ ମାହାତ୍ରେ(୧୯)ଙ୍କୁ ୱିକେଟ୍ ପଛରେ ଜୁରେଲଙ୍କ ହାତରେ କ୍ୟାଚ୍ କରାଇଥିଲେ। ୩ଟି ୱିକେଟ୍‌ର ଶୀଘ୍ର ପତନ ପରେ ରାହାଣେ ଓ ଶ୍ରେୟସ୍ ଆୟର ଇନିଂସ୍ ସମ୍ଭାଳି ଚତୁର୍ଥ ୱିକେଟ୍ ପାଇଁ ଶତକୀୟ ଭାଗୀଦାରି କରିଥିଲେ। ଆୟର ୫୭ ରନ୍ କରିଥିବା ବେଳେ ୟଶ୍ ଦୟାଲ୍‌ଙ୍କ ଶିକାର ହୋଇଥିଲେ। ଆୟରଙ୍କ ପରେ ବ୍ୟାଟିଂ ପାଇଁ ଆସିଥିବା ସର୍ଫରାଜ ଖାନ୍ କ୍ୟାପ୍‌ଟେନ୍ ରାହାଣେଙ୍କ ସହ ୨୦୦ ରନ୍ ପାର କରାଇଥିଲେ। ଖରାପ ଆଲୋକ ଯୋଗୁଁ ପ୍ରଥମ ଦିନ ୬୮ ଓଭର୍ ଖେଳ ହୋଇଥିଲା। ଷ୍ଟମ୍ପ୍‌ସ ବେଳକୁ ମୁମ୍ବାଇ ୪ ୱିକେଟ୍ ହରାଇ ୨୩୭ ରନ୍ କରିଥିଲା। ରାହାଣେ ୮୬ ଏବଂ ସର୍ଫରାଜ ୫୪ ରନ୍‌ରେ ବ୍ୟାଟିଂ କରୁଥିଲେ।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, 2581886, 2582886, Fax: 0674-2583886, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra